



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୬ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 SEPTEMBER 2021

Vol.No. 32 ■ No. 228 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ତାଲିବାନୀଙ୍କ ମଧ୍ୟରେ କ୍ଷମତା ଲଢ଼େଇ



ନୂଆଦିଲ୍ଲୀ,୦୫/୦୯ : ଆଫଗାନିସ୍ତାନର ପଞ୍ଜସିରରେ ଚାଲିଛି ଘମାଘୋଟ ଲଢ଼େଇ । ଶେଷ ପ୍ରଦେଶ ଭାବେ ପଞ୍ଜସିରକୁ ଦଖଲ କରିବା ପାଇଁ ସବୁ ବଳ ଲଗାଇ ଦେଇଛି ତାଲିବାନ । କିନ୍ତୁ ତାଲିବାନୀଙ୍କୁ ପଞ୍ଜସିରରେ କଡା ଟକର ଦେଉଛନ୍ତି ନର୍ଦନ ଆଲାଏନ୍ସ କମାଣ୍ଡର । ପଞ୍ଜସିର ସେନା ଆକ୍ରମଣରେ ୬ଶହ ତାଲିବାନୀ ନିହତ ହୋଇଥିବା ନର୍ଦନ ଆଲାଏନ୍ସ ପକ୍ଷରୁ ଦାବି କରାଯାଇଛି । ଏପରିକି ପ୍ରାୟ ୧ହଜାର ତାଲିବାନୀ ଆତ୍ମସମର୍ପଣ କରିଥିବା କିମ୍ବା ଅଟକ ଥିବା ନର୍ଦନ ଆଲାଏନ୍ସ ପକ୍ଷରୁ ଦାବି କରାଯାଇଛି । ଏନେଇ ରେଜିଷ୍ଟାନ୍ସ ଫୋର୍ସର ମୁଖପାତ୍ର ଫାଇମ୍ ଦାସ୍ତିଙ୍କ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ପଞ୍ଜସିର ଯୋଗୁଁ ଅନ୍ୟ ପ୍ରଦେଶ ସହ ତାଲିବାନୀଙ୍କ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ତାଲିବାନୀମାନେ ପଞ୍ଜସିର ଦଖଲ କରିବା ପାଇଁ ଚାରିପଟୁ ଘେରି ରହିଥିଲେ ବି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଭୟରେ ଆଗକୁ ବଢ଼ିବାକୁ ସାହାସ ଜୁଟାଇ ପାରୁ ନାହାଁନ୍ତି । ଅନ୍ୟପଟେ ତାଲିବାନୀଙ୍କ ପଛରେ ପାକିସ୍ତାନର ହାତ ଥିବା ପ୍ରାୟତଃ ସ୍ପଷ୍ଟ ହେବାରେ ଲାଗିଛି । ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ମୁଖ୍ୟ କାବୁଲରେ ପହଁଚିବା ପରେ ଏହା ଆହୁରି ଦୃଢ଼ ହୋଇଛି । ବିଶେଷକରି ତାଲିବାନୀ ସରକାର ଗଠନକୁ ନେଇ କୌଣସି ଚୂଡାନ୍ତ ନିଷ୍ପତି ହୋଇନଥିବାବେଳେ ଆଇଏସଆଇ ମୁଖ୍ୟ ସେଠାକୁ କାହିଁକି ଯାଇଛନ୍ତି ?, ଯିବା ପଛର ଉଦେଶ୍ୟ କଣ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପାକିସ୍ତାନ ଗୁଇନ୍ଦା ମୁଖ୍ୟ ଆଫଗାନିସ୍ତାନକୁ ଯିବା ନେଇ ଚର୍ଚ୍ଚା ଭିତରେ ପାକିସ୍ତାନ ସେନା ମୁଖ୍ୟ କମର ବାଜୱା କହିଛନ୍ତି ଆଫଗାନିସ୍ତାନରେ ସ୍ଥିର ସରକାର ପାଇଁ ଇସଲାମାବାଦ ସହଯୋଗ କରିବ । ବାଜୱାଙ୍କ ଏହି ବୟାନରୁ ସ୍ପଷ୍ଟ ହେଉଛି, ଆଫଗାନିସ୍ତାନରେ ତାଲିବାନ କ୍ଷମତାକୁ ଫେରିବା ପଛରେ କେମିତି ରହିଛି ପାକିସ୍ତାନର ହାତ ।

## ପିପିଲି ଲଢ଼େଇ, ଆରମ୍ଭ ହେଲା କସରତ : ରଣନୀତି ଆପଣାଉଛନ୍ତି ରାଜନୈତିକ ଦଳ

ଭୁବନେଶ୍ୱର,୦୫/୦୯(ନି.ପ୍ର): ବାଜିଲା ଉପନିର୍ବାଚନୀ ବିଗୁଲ । ଚଳଚଂଚଳ ତିନି ମୁଖ୍ୟ ରାଜନୈତିକ ଦଳ । ସେପ୍ଟେମ୍ବର ୨୦ ତାରିଖରୁ ବିଧିବଦ୍ଧ ଭାବେ ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି, ବିଜେପି ଓ କଂଗ୍ରେସ । କିନ୍ତୁ ତା ପୂର୍ବରୁ ତିନି ଦଳ ପାର୍ଟି ଅଫିସ ଠୁ ଆରମ୍ଭ କରି ଗାଁ କୁ ଗାଁ ବୁଲି ପ୍ରଚାର ଆରମ୍ଭ କରି ଦେଇଛନ୍ତି । ସବୁ ଦଳର ବରିଷ୍ଠ ନେତାମାନେ ମଧ୍ୟ ପିପିଲିରେ ଡେରା ପକାଇଲେଣି । ପିପିଲି ଲଢେଇ ପାଇଁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ଯଦିଓ ଏହି ନିର୍ବାଚନ ସରକାର ତିଆରି କରିବନି କିମ୍ବା ସରକାର ଭାଙ୍ଗିବନି କିନ୍ତୁ ଏହା ଏକ ମର୍ଯ୍ୟାଦାର ଲଢେଇ । ମହିଳାଙ୍କ ସମର୍ଥନ ପାଇବା ପାଇ କଷରତ ଆରମ୍ଭ କରିଦେଇଛି ବିଜେଡି । ବିଜେଡି ପ୍ରାର୍ଥୀ ରୁଦ୍ର ମହାରଥୀ ନିଜେ ଖାଦ୍ୟ ପରଷୁଥିବା ଦେଖିବାକୁ ▶▶ପୃଷ୍ଠା ୭

# ତୃତୀୟ ଲହର ଆଶଂକା : ଚିନ୍ତା ବଢାଉଛି ଆର୍-ଭାଲ୍ୟୁ




ଭୁବନେଶ୍ୱର,୦୫/୦୯(ନି.ପ୍ର): ଦେଶରେ ଆସନ୍ତା ଅକ୍ଟୋବର ବେଳକୁ କୋଭିଡ୍ ତୃତୀୟ ଲହର ଆସିବା ସମ୍ଭାବନା ରହିଛି । ତେଣୁ ତୃତୀୟ ଲହରକୁ ଏଡ଼ାଇବା ପାଇଁ ଦେଶର ବିଭିନ୍ନ ରାଜ୍ୟରେ କରୋନାକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ଚାଲିଛି । ଏଭଳି ସମୟରେ ଆର୍-ଭାଲ୍ୟୁ ବୃଦ୍ଧି ଚିନ୍ତା ବଢ଼ାଇଲାଣି । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥେମେଟିକାଲ ସାଇନ୍ସେସ୍, ଚେନ୍ନାଇର ଗବେଷକଙ୍କ ସୂଚନା ଅନୁଯାୟୀ ଅଗଷ୍ଟ ୧୪ରୁ ୧୭ ତାରିଖ ମଧ୍ୟରେ ଦେଶରେ ଆର୍-ଭାଲ୍ୟୁ ୦.୮୯ ଥିବାବେଳେ ଅଗଷ୍ଟ ଶେଷ ସପ୍ତାହରେ ଏହା ୧.୧୭କୁ ବୃଦ୍ଧି ପାଇଛି । ଆର୍-ଭାଲ୍ୟୁ ବୃଦ୍ଧି ଦ୍ୱାରା ଦେଶରେ କରୋନା ସଂକ୍ରମଣ ଦ୍ରୁତ ହାରରେ ବ୍ୟାପୁଥିବା ସୂଚନା ମିଳୁଛି । ଜଣେ ସଂକ୍ରମିତ ହାରାହାରି କେତେଜଣଙ୍କୁ ସଂକ୍ରମିତ କରୁଛନ୍ତି ତାହା ଆର୍-ଭାଲ୍ୟୁ ଦର୍ଶାଇଥାଏ । ବିଭିନ୍ନ କାରଣ ପାଇଁ ଅଗଷ୍ଟ ଶେଷ ସପ୍ତାହରେ ଆର୍-ଭାଲ୍ୟୁ ୧ରୁ ଅଧିକ ରହିଥିଲା । ମୁଖ୍ୟତଃ କେରଳ, ମହାରାଷ୍ଟ୍ର, ମିଜୋରାମ ଏବଂ ଜମ୍ମୁ କାଶ୍ମୀର ଆଦି ରାଜ୍ୟ ପାଇଁ ଏହି ସ୍ଥିତି ଉପୁଜୁଛି ବୋଲି ଗବେଷଣା ଟିମ୍‌ର ନେତୃତ୍ୱ ନେଇଥିବା ଗବେଷକ କହିଛନ୍ତି । ଦେଶରେ ମେ ୧୫ରୁ ଜୁନ ୨୬ ମଧ୍ୟରେ ଆର୍-ଭାଲ୍ୟୁ ୦.୭୮ ରହିଥିଲା । ଜୁନ ୨୦ରୁ ଜୁଲାଇ ୭ ମଧ୍ୟରେ ୦.୮୮, ଜୁଲାଇ ୩ରୁ ୨୨ ମଧ୍ୟରେ ୦.୯୫ ଏବଂ ଜୁଲାଇ ୨୪ରୁ ୨୭ ମଧ୍ୟରେ ୦.୯୬ ରହିଥିଲା । ଦ୍ୱିତୀୟ ଲହର ପରେ ପ୍ରଥମ ଥର ପାଇଁ ଏହା ଜୁଲାଇ ୨୭ରୁ ୩୧ ମଧ୍ୟରେ ୧ ଟପି ୧.୦୩ ରହିଥିଲା । ତେବେ ତାହା ପରଠାରୁ ଏହା କମିବାରେ ଲାଗିଥିଲା । କିନ୍ତୁ ଅଗଷ୍ଟ ୬ରୁ ୯ ମଧ୍ୟରେ ଏହା ୦.୯୨ ଥିବାବେଳେ ଅଗଷ୍ଟ ୧୨ରୁ ୧୪ ମଧ୍ୟରେ ଏହା ୦.୯୯କୁ ବୃଦ୍ଧି ପାଇଥିଲା । ତାହା ପରେ ଅଗଷ୍ଟ ୧୪ରୁ ୧୭ ମଧ୍ୟରେ ୦.୮୯କୁ ହ୍ରାସ ପାଇଥିଲା । ଅଗଷ୍ଟ ଶେଷ ସପ୍ତାହରେ ଏହା ୧.୧୭କୁ ବୃଦ୍ଧି ପାଇଛି ।

## ୭ ସେପ୍ଟେମ୍ବରରେ ଶିକ୍ଷକ ପର୍ବର ଉଦ୍‌ଘାଟନୀ ସମ୍ମିଳନୀକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୫/୦୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭ ସେପ୍ଟେମ୍ବର ଦିନ ସକାଳ ୧୧ଟାରେ ଭିଡ଼ିଓ କନଫରେନସିଂ ମାଧ୍ୟମରେ ଶିକ୍ଷକ ପର୍ବର ଉଦ୍‌ଘାଟନୀ ସମ୍ମିଳନୀକୁ ସମ୍ବୋଧିତ କରିବେ । ଏହି କାର୍ଯ୍ୟକ୍ରମ ସମୟରେ ସେ ଶିକ୍ଷା କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଆରମ୍ଭ କରିବେ । ପ୍ରଧାନମନ୍ତ୍ରୀ ଭାରତୀୟ ସାଂକେତିକ ଭାଷା ଅଭିଧାନ (ଶ୍ରବଣ ଦୁର୍ବଳଙ୍କ ପାଇଁ ଅଡ଼ିଓ ଏବଂ ଅନ୍ତର୍ନିହିତ ପାଠ ଭିଡ଼ିଓ, ୟୁନିଭରସାଲ ଜ୍ଞାନର ଡିଜାଇନ ▶▶ପୃଷ୍ଠା ୭

# ପାରାଲିମ୍ପିକ୍ସରେ ଭାରତର ଅଭିଯାନ ଶେଷ : ଭାରତକୁ ମିଳିଛି ମୋଟ ୧୯ଟି ମେଡାଲ



ନୂଆଦିଲ୍ଲୀ,୦୫/୦୯ : ଚଳିତ ପାରା ଅଲିମ୍ପିକ୍ସରେ ଭାରତର ଅଭିଯାନ ଶେଷ ହୋଇଛି । ଭାରତକୁ ମିଳିଛି ମୋଟ୍ ୧୯ଟି ମେଡାଲ । ଏହା ମଧ୍ୟରେ ରହିଛି ୫ଟି ସ୍ୱର୍ଣ୍ଣ । ୮ଟି ରୌପ୍ୟ ଓ ୬ଟି ବ୍ରୋଂଜ ପଦକ ପାଇଛି ଭାରତ । ପଦକ ତାଲିକାରେ ଭାରତ ୨୪ ତମ ସ୍ଥାନରେ ରହିଛି । ଶାରୀରିକ ଅକ୍ଷମତାକୁ ପଛରେ ପକାଇ ଏହି ଅଲମ୍ପିଆଡ୍ମାନେ ଦେଶ ପାଇଁ ଗୌରବ ଆଣିଛନ୍ତି । ସୁଟିଂରେ ଅବନୀ ଲେଖାରା ପ୍ରଥମ ଭାରତୀୟ ମହିଳା ଭାବେ ଗୋଟିଏ ପାରା ଅଲିମ୍ପିକ୍ସରେ ଦୁଇଟି ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି । ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଂଜ ମେଡାଲ ଜିତିଛନ୍ତି ଅବନୀ । ସେହିପରି ସୁଟିରେ ମନୀଷ ସ୍ୱର୍ଣ୍ଣ ଓ ସିଂହରାଜ ରୌପ୍ୟ ପଦକ ଜିତିଛନ୍ତି । ବ୍ୟାଡମିଣ୍ଟନରେ ଦୁଇଟି ସ୍ୱର୍ଣ୍ଣ ପଦକ ମିଳିଛି । ପ୍ରମୋଦ ଭଗତ ଓ କ୍ରିଷ୍ଣା ନାଗର ଗୋଲଡ୍ ମେଡାଲ ଜିତିଛନ୍ତି । ଓଡ଼ିଆ ପୁଅ ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ଆଥଲେଟିକ୍ସେ ୮ଟି, ଟେବୁଲ ଟେନିସ୍ରେ ଗୋଟିଏ ଓ ଆର୍ଚେରୀରେ ଗୋଟିଏ ପଦକ ଭାରତକୁ ମିଳିଛି ।

# ଆସନ୍ତା ସେପ୍ଟେମ୍ବର ୨୭ରେ ଭାରତ ବନ୍ଦ

## ଜୋର ଧରିଲା ଚାଷୀ ଆଇନ୍ ପ୍ରତ୍ୟାହାର ଦାବି



ନୂଆଦିଲ୍ଲୀ,୦୫/୦୯: ଆସନ୍ତା ସେପ୍ଟେମ୍ବର ୨୭ରେ ଭରତ ବନ୍ଦ କରିବା ପାଇଁ ଆଜି ଅପରାହ୍ନରେ ମୁଜାଫରନଗରରେ ଆୟୋଜିତ କିଶାନ ମହାପଞ୍ଚାୟତରେ ନିଷ୍ପତ୍ତି ନିଆଯାଇଛି । ଚାଷ ଆଇନ ବିରୁଦ୍ଧରେ ଚାଲିଥିବା ଆନ୍ଦୋଳନକୁ ଆହୁରି ଆକ୍ରମଣାତ୍ମକ ଓ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଚାଷୀ ନେତାମାନେ କହିଛନ୍ତି । କୃଷକ ନେତାମାନେ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ ଯଦି ସରକାର ସେମାନଙ୍କ ଦାବିକୁ ଗ୍ରହଣ ନକରନ୍ତି ତେବେ ସେମାନେ ୨୦୨୨ ମସିହାରେ ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଶାସକ ବିଜେପି ବିରୋଧରେ ପ୍ରଚାର କରିବେ । ଏପରିକି ୨୦୨୪ ଲୋକସଭା ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବାକୁ ଧମକ ଦେଇଛନ୍ତି । ଉଲେଖଯୋଗ୍ୟ, ଆଜି ମୁଜାଫରନଗର ଠାରେ କିଶାନ ମହାପଞ୍ଚାୟତର ଆୟୋଜନ କରାଯାଇଥିଲା । ଏଥିରେ କୃଷକ ଏକତାର ଶକ୍ତି ପ୍ରଦର୍ଶନ କରିବା ପାଇଁ ୧୫ଟି ରାଜ୍ୟର ୩୦୦ରୁ ଅଧିକ କୃଷକ ସଂଗଠନର ହଜାର ହଜାର ନେତା ଓ କର୍ମୀ କିଶାନ ମୋର୍ଚ୍ଚା ଅଧୀନରେ ଅଂଶଗ୍ରହଣ କର ସେମାନଙ୍କର ସଂକଳ୍ପକୁ ଦୋହରାଇବା ସହ ବିରୋଧ ଜାରି ରଖିବାକୁ ଶପଥ ନେଇଥିଲେ । ଏହି ଅବସରରେ ତିନିଟି ବିବାଦୀୟ ଚାଷ ଆଇନକୁ ବିରୋଧ କରି କୃଷକମାନେ ସର୍ବସମ୍ମତି କ୍ରମେ ସେପ୍ଟେମ୍ବର ୨୭ରେ ସମ୍ପୂର୍ଣ୍ଣ ଭାରତ ବନ୍ଦ ପାଇଁ ଆହ୍ୱାନ ଦେଇଥିଲେ । କୃଷକ ନେତାମାନେ କହିଛନ୍ତି ଯେ ମହାପଞ୍ଚାୟତ ଏହା ମଧ ପ୍ରମାଣ କରିବ ଯେ ଏହି ଆନ୍ଦୋଳନରେ 'ସମସ୍ତ ଜାତି, ଧର୍ମ, ରାଜ୍ୟ, ଶ୍ରେଣୀ, କ୍ଷୁଦ୍ର ବ୍ୟବସାୟୀ ଏବଂ ସମାଜର ସମସ୍ତ ବର୍ଗର' ସମର୍ଥନ ରହିଛି । କୃଷକ ନେତାମାନେ ଏହା ସ୍ପଷ୍ଟ କରିଛନ୍ତି ଯେ ଯଦି ସରକାର ସେମାନଙ୍କ ଦାବିକୁ ଗ୍ରହଣ ନକରନ୍ତି ତେବେ ସେମାନେ ୨୦୨୨ ମସିହାରେ ହେବାକୁ ଥିବା ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଶାସକ ବିଜେପି ବିରୋଧରେ ପ୍ରଚାର କରିବେ । ଏପରିକି ୨୦୨୪ ଲୋକସଭା ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି ରାକେଶ ଟିକାୟତ ଗଣମାଧ୍ୟମକୁ କହିଛନ୍ତି ।

# ବହୁମୁଖୀ ପ୍ରତିଭାକୁ ଚିହ୍ନିବାରେ ଶିକ୍ଷକଙ୍କର ବଡ ଭୂମିକା ରହିଛି : ରାଷ୍ଟ୍ରପତି

## ଶିକ୍ଷକ ସମାଜ ଏକବିଂଶ ଶତାବ୍ଦୀରେ ଭାରତର ଭବିଷ୍ୟତକୁ ପରିବର୍ତ୍ତନ କରିବେ : ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର,୦୫/୦୯ (ନି.ପ୍ର): ଛାତ୍ରଛାତ୍ରୀଙ୍କ ବହୁମୁଖୀ ପ୍ରତିଭାକୁ ଚିହ୍ନିବାରେ ଶିକ୍ଷକ ମାନଙ୍କର ବଡ ଭୂମିକା ରହିଛି ବୋଲି ରବିବାର ଗୁରୁ ଦିବସ ଅବସରରେ ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଆୟୋଜିତ 'ଜାତୀୟ ଶିକ୍ଷକ ପୁରସ୍କାର' ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେଇ କହିଛନ୍ତି । ସେହିପରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରିଥିବା ଓଡ଼ିଶାର ୨ ଜଣ ଶିକ୍ଷକଙ୍କ ସମେତ ୪୪ ଜଣ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷକ ସମାଜ ଏକବିଂଶ ଶତାବ୍ଦୀରେ ଭାରତର ଭବିଷ୍ୟତକୁ ପରିବର୍ତନ କରିବେ ବୋଲି କହିଛନ୍ତି । ପୂର୍ବତନ ରାଷ୍ଟ୍ରପତି ଡ଼ାକ୍ତର ଏପିଜେ ଅବଦୁଲ କଲାମଙ୍କ ଶିକ୍ଷକଙ୍କ ପ୍ରତି ଥିବା ସମ୍ମାନକୁ ସ୍ମୃତିଚାରଣ କରି ରାଷ୍ଟ୍ରପତି କହିଛନ୍ତି ଯେ ନୂଆ ଜାତୀୟ ଶିକ୍ଷା ନୀତିରେ ଭାରତକୁ ବିଶ୍ୱ ଜ୍ଞାନର ମହାଶକ୍ତି ଭାବରେ ପ୍ରତିଷ୍ଠା କରିବା ପାଇଁ ମହତ୍ୱକାଂକ୍ଷୀ ଉଦ୍ଦେଶ୍ୟ ନିର୍ଦ୍ଧିତ କରାଯାଇଛି । ବିଦ୍ୟାର୍ଥୀଙ୍କୁ ଏଭଳି ଶିକ୍ଷା ପ୍ରଦାନ କରିବା ଯାହା ଜ୍ଞାନ ଉପରେ ଆଧାରିତ ନ୍ୟାୟପୂର୍ଣ୍ଣ ସମାଜ ନିର୍ମାଣରେ ସହାୟକ ହେବ । ଆମର ଶିକ୍ଷା ବ୍ୟବସ୍ଥା ଏଭଳି ହେବା ଆବଶ୍ୟକ ଦ୍ୱାରା ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧ ତଥା ନାଗରିକଙ୍କ ପାଇଁ ମୂଳ କର୍ତବ୍ୟ ପ୍ରତି ନିଷ୍ଠା ଜାଗ୍ରତ ହେବ । ଏହା ସହ ଦେଶ ପ୍ରତି ଭଲ ପାଇବାର ଭାବନା ମଜବୁତ ହେବ ତଥା ପରିବର୍ତିତ ବୈଶ୍ୱିକ ଦୃଶ୍ୟପଟ୍ଟରେ ସେମାନେ ନିଜର ଭୂମିକାକୁ ନେଇ ଚିନ୍ତା କରିବେ ବୋଲି ରାଷ୍ଟ୍ରପତି କହିଛନ୍ତି । ସେହିପରି ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ କୋଭିଡ୍-୧୯ ସମୟରେ ଶିକ୍ଷାର ନିରନ୍ତରକୁ ସୁନିଶ୍ଚିତ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ଏକ ରାଷ୍ଟ୍ରର ଦ୍ରୁତ ବିକାଶ ପାଇଁ ଜଣେ ଶିକ୍ଷକ ଯେଉଁ ଭୂମିକା ଗ୍ରହଣ କରନ୍ତି ତାହା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ମହତ୍ୱପୂର୍ଣ୍ଣ । ଜୀବନ ଯାତ୍ରାରେ ଅନେକ ମହାନୁଭବଙ୍କୁ ଗୁରୁ ରୂପେ ଗ୍ରହଣ କରାଯାଇଥାଏ । ସେହିପରି ଓଡ଼ିଶାର ଜଣେ ଉଦାହରଣ ହେଉଛନ୍ତି ପଦ୍ମଶ୍ରୀ ସ୍ୱର୍ଗତ ଡି. ପ୍ରକାଶ ରାଓ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଏହି ବିଶିଷ୍ଟ ସମାଜସେବୀଙ୍କୁ ସାକ୍ଷାତ୍ କରିଥିଲେ । ସ୍ୱର୍ଗତ ରାଓ ନିଜ ଜୀବନରେ ରୋଜଗାର କରୁଥିବା ସଂଚିତ ଅର୍ଥରୁ ଗରିବ ପିଲାଙ୍କୁ ପ୍ରାଥମିକ ଶିକ୍ଷା ଦେବାରେ ନିଜକୁ ସମର୍ପିତ ▶▶ପୃଷ୍ଠା ୭

## ୨୪ ଘଂଟାରେ ବଙ୍ଗୋପସାଗରରେ ଲଘୁଚାପ !

ଭୁବନେଶ୍ୱର,୦୫/୦୯ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ଉତର ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୩ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ପୁରୀ ରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ▶▶ପୃଷ୍ଠା ୭

# ଅନ୍ଧାରୁଆରେ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ରଖିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୫/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ଭୁବନେଶ୍ୱର ଉପକଣ୍ଠର ଅନ୍ଧାରୁଆ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଭିତିପ୍ରସ୍ତର ରଖିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିଦ୍ୟାଳୟ ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହା ଗ୍ରାମାଂଚଳର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ରାଜ୍ୟରେ ବର୍ତ୍ତମାନ ସ୍କୁଲ ଶିକ୍ଷା କ୍ଷେତ୍ରରେ ଚାଲିଥିବା ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଏହା ଏକ ନୂତନ ମାଇଲ ଖୁଂଟ ହେବ । ଏହି ସ୍କୁଲରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ୫୦୦ ଲେଖାଏଁ, ସମୁଦାୟ ୧୦୦୦ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିପାରିବେ । ୫-ଟି କାର୍ଯ୍ୟକ୍ରମ ଅଧୀନରେ ହିଞ୍ଜିଳିରୁ ଆରମ୍ଭ ହୋଇଥିବା ବିଦ୍ୟାଳୟ ରୂପାନ୍ତରଣ ଉପକ୍ରମ ସଂପର୍କରେ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ସାରା ରାଜ୍ୟରେ ପର୍ଯ୍ୟାୟକ୍ରମେ କରାଯିବ । ଏହି ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, ଗଣିତ ଓ ଭାଷା ପ୍ରୟୋଗଶାଳା, ଉଚ୍ଚ ପ୍ରଯୁକ୍ତି ବିଦ୍ୟା ସଂପନ୍ନ କମ୍ପ୍ୟୁଟର ପ୍ରୟୋଗଶାଳା ପ୍ରତିଷ୍ଠା ହେବା ସହିତ ସମଗ୍ର ବିଶ୍ୱର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ସହିତ ଜ୍ଞାନ ଆଦାନପ୍ରଦାନ କରାଯିବ । ଗୁଣାତ୍ମକ ଶିକ୍ଷା ସହିତ ଜଣେ ଟିମ୍ ଲିଡରଙ୍କ ଅଧୀନରେ ମେଧାବୀ ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀତାରେ ସଫଳତା ପାଇଁ ସହାୟତା ▶▶ପୃଷ୍ଠା ୭

# ସାରର ଅଭାବୀ ବିକ୍ରି ଓ କଳାବଜାରୀ ରୋକିବା ପାଇଁ ଭଣ୍ଡାରିପୋଖରୀ ବିଜେପି ପକ୍ଷରୁ ଆନ୍ଦୋଳନ ଚେତାବନୀ

ଭଦ୍ରକ,୫/୯ (ନି.ପ୍ର): ଚଳିତ ଖରିଫ ଋତୁରେ ଭଦ୍ରକ ଜିଲ୍ଲାର ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକରେ ସାର ଓ କୀଟନାଶକ ଔଷଧର ବ୍ୟାପକ କଳାବଜାରୀ ହେବା ସହିତ ଅଭାବ ଦେଖା ଦେଇଛି । ଚାଷୀ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିଷ, ସାର ପାଇ ପାରୁ ନାହିଁ। ଖରିଫ ଚାଷ ପାଇଁ ପର୍ଯ୍ୟାପ୍ତ ପାଣିର ଅଭାବ ସମୟରେ ଚାଷକୁ ବଞ୍ଚାଇବା ପାଇଁ ଚାଷୀ ସାର ବିଷ ପ୍ରୟୋଗ କରି ଆପ୍ରାଣ ଉଦ୍ୟମ ଜାରୀ ରଖିଥିବା ବେଳେ କିଛି ମୁନାଫାଖୋର ସାର ବ୍ୟବସାୟୀ ବ୍ୟାପକ ପରିମାଣରେ ସାରର କଳାବଜାର କରିବାରେ ଲାଗି ପଡିଛନ୍ତି । ଫଳରେ ଚାଷୀ ବହୁ ଚଢା ଦରରେ ସାର କିଣିବାକୁ ବାଧ ହେଉଛି । ବାପ ରାଣେ ଢେଙ୍କି ଗିଳିବା ନୀତିରେ ଚାଷ ବଞ୍ଚାଇବା ପାଇଁ ଚାଷୀ ସର୍ବସ୍ୱ ହରାଉଛି । ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକରେ ସରକାରୀ ପଞ୍ଜିକୃତ ୧୨୦ଜଣ ଡିଲର ଓ ୪୦୦ ସବ୍-ଡିଲରଙ୍କ ମଧ୍ୟରୁ ଅର୍ଦ୍ଧାଧିକ ନିଜ ନିଜର ଗୋଦାମ (ଷ୍ଟକ ପଏଣ୍ଟ)ରେ ସାର ଗଚ୍ଛିତ ନରଖିବା ସହ ସରକାରଙ୍କ ଦ୍ୱାରା ଅନୁମୋଦିତ ସାର ମୂଲ୍ୟର ତାଲିକା କାନ୍ଥରେ ପ୍ରଦର୍ଶିତ ନକରି ଅହେତୁକ ଭାବରେ ମନଇଚ୍ଛା ସାରର ମୂଲ୍ୟ ନେଇ ଗରିବ ଚାଷୀମାନଙ୍କୁ ଶୋଷଣ କରୁଛନ୍ତି। ଚାଷୀମାନଙ୍କ ଆଧାର କାର୍ଡ ଆଣି ଫିଙ୍ଗରପ୍ରିଣ୍ଟ ନେଇ ସେମାନଙ୍କ ନାମ ରେଜିଷ୍ଟ୍ରେସନ କରି ରେଜିଷ୍ଟରରେ ସରକାରୀ ମୂଲ୍ୟ ଲେଖୁଥିବା ବେଳେ ବାସ୍ତବରେ ଚାଷୀ କିନ୍ତୁ ସରକାରୀ ମୂଲ୍ୟରେ ସାର ପାଉନାହିଁ। ଡିଲର ଓ ସବ୍ ଡିଲରମାନେ ସେମାନଙ୍କର ପଞ୍ଜିକୃତ ଷ୍ଟକ ପଏଣ୍ଟରେ ସାର ନରଖି ଅନ୍ୟ ସ୍ଥାନରେ ହୋର୍ଡ଼ି କରି ରଖୁଛନ୍ତି । ଯାହାକୁ ସେମାନେ କଳାବଜାରରେ ବିକ୍ରି କରିବାକୁ ସକ୍ଷମ ହେଉଛନ୍ତି । ପ୍ରତ୍ୟେକ ଡିଲର ଏବଂ ସବ୍ ଡିଲରଙ୍କ ଷ୍ଟକ ପଏଣ୍ଟ ଯାଞ୍ଚ କରିବା, ଷ୍ଟକ ପଏଣ୍ଟରେ ସାରର ମୂଲ୍ୟ ତାଲିକା କାନ୍ଥରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଟଙ୍ଗାଯିବା, ଠିକ୍ ସମୟରେ ଚାଷୀଙ୍କୁ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇ ଦେବା, ସାରର ମାନ ଯାଞ୍ଚ କରିବା ଭଳି ଦାବି ନେଇ ବିଜେପି ଭଣ୍ଡାରିପୋଖରୀ ନେତା ବଦ୍ରି ନାରାୟଣ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀଯୁକ୍ତ ଧଳଙ୍କ ସହିତ ଶଙ୍କର୍ଷଣ ଜେନା, ବନମାଳୀ ଜେନା, ଖଗେଶ୍ୱର ବେହେରା, ନବକିଶୋର ବଳ, ମନୋଜ କୁମାର ବିଶ୍ୱାଳ, ବସନ୍ତ ବାରିକ, ମହେଶ୍ୱର ସେଠୀ, ପ୍ରକାଶ ମହାପାତ୍ର, ନରନାରାୟଣ ପରିଡା, ରତ୍ନାକର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ । ୭ଦିନ ମଧ୍ୟରେ ଜିଲ୍ଲାପାଳ କୌଣସି ପଦକ୍ଷେପ ନ ନେଲେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀଯୁକ୍ତ ଧଳ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

## ବ୍ରାହ୍ମଣଗାଁରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର,୫/୯ (ନି.ପ୍ର): ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁ ପଂଚାୟତରେ ନାଣ୍ଡିପୋଖରୀଠାରେ ଏକ ସ୍ୱତନ୍ତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଜେନା ଅତିଥି ଭାବରେ ଯୋଗଦେଇ ପରିବେଶର ସୁରକ୍ଷା ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବୃକ୍ଷରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେତଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ ବେଣୁଧର ପରିଡ଼ା, ସମାଜସେବୀ ସୁବାସ ଚନ୍ଦ୍ର ସାହୁ, ଗ୍ରାମବାସୀ ରବୀନ୍ଦ୍ର ଜେନା, ବାଇଧର ଜେନା, ହରିହର ସେଠୀ, କାହ୍ନୁଚରଣ ଜେନା, କୈଳାସ ଚନ୍ଦ୍ର ସେଠୀ, ଟୁଟୁଭାଇ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ । କୃଷ୍ଣଚୂଡ଼ା, ରାଧାଚୂଡ଼ା, କଦମ୍ବ, ଆମ୍ବ ନିମ୍ବ ପ୍ରଭୃତି ଜାତିର ଗଛ ଲଗାଯାଇଥିଲା । ଓଡ଼ିଶାର ପ୍ରତ୍ୟେକ ଗ୍ରାମାଂଚଳରେ ଓ ସହରାଂଚଳରେ ପ୍ରତି ବ୍ୟକ୍ତି ଦୁଇ ଦୁଇଟି ଗଛ ଲଗାଇବା ଉଚିତ୍ । ଗୋଟିଏ ଗଛ ଗୋଟିଏ ଜୀବନ । ତେଣୁ ସମସ୍ତେ ବୃକ୍ଷରୋପଣ କରି ପରିବେଶକୁ ସୁରକ୍ଷା କରିବା ସହିତ ସୁନ୍ଦର କଲେ ନିଶ୍ଚିତ ସଫଳତା ମିଳିବ ବୋଲି ଅତିଥିବନ୍ଧୁ ମତପ୍ରକାଶ କରିଥିଲେ ।

## ପତଞ୍ଜଳି ଯୋଗ ସମିତି ଦ୍ୱାରା ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜଳେଶ୍ୱର ,୫/୯ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ କ୍ଷୁଦିଆ ମାଝିସାହି ପଂଚାୟତ କବି ଦୀନକୃଷ୍ଣ ସ୍ମୃତିପୀଠ ମୁଣ୍ଡତୁଣିଆରେ ପତଞ୍ଜଳି ଯୋଗ ସମିତି ଦ୍ୱାରା ଏକ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବାଲେଶ୍ୱର ଯୋଗ ସମିତିର ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ, ଯୋଗ ପ୍ରଭାରୀ ମନୋଜ ଦେ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ସରପଂଚ କ୍ଷୀତିଶ ଦେ, ଜ୍ୟୋସ୍ନା ଅଧିକାରୀ, ତପନ ସାହୁ, ସୁଶାନ୍ତ ଘୋଷ, ଚନ୍ଦନ ପାଳ ଓ ସୁଜିତ୍ ପାଳ ପ୍ରମୁଖଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୫୧ ୟୁନିଟ୍ ସଂଗୃହିତ ହୋଇଥିଲା । ରକ୍ତ ଭଣ୍ଡାରର ଡାକ୍ତର ମହେସ ବିଶ୍ୱାଳ, ଅକ୍ଷୟ ଜେନା, ବସନ୍ତ ଜେନା, ଅଜୟ ମହାପାତ୍ର, ରାଜେଶ ମିଶ୍ର, ହରିଶ ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।

## ତିନି ଦିନରେ ୩ ନାବାଳିକା ନିଖୋଜ

ଗଞ୍ଜାମ,୫/୯ (ନି.ପ୍ର): ତିନି ଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲାର ପୋଲସରା ଅଂଚଳରୁ ୩ ଜଣ ନାବାଳିକା ନିଖୋଜ ହେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ଅଗଷ୍ଟ ୨୯ ତାରିଖ ଦିନ ପୋଲସରା ପଚାଂୟତ ସମିତି ଅଧିନ ଢୁଙ୍କାପଡ଼ା ଗ୍ରାମର ଜଣେ ନାବାଳିକା ରାତ୍ରିଭୋଜନ ସାରି ଘରେ ଶୋଇଥିଲେ, ପରଦିନ ସକାଳୁ ସେ ନିଖୋଜ ଥିଲେ । ଏନେଇ ପୋଲସରା ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଅଗଷ୍ଟ ୩୧ ତାରିଖ ଦିନ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ବଡ ଝିଅ କେଉଁଆଡେ ଚାଲି ଯାଇଥିବା ବେଳେ ୪ ଦିନ ତଳେ ଅନ୍ୟ ଜଣେ ନାବାଳିକା ମଧ ଘରୁ ନିଖୋଜ ଅଛନ୍ତି ।

## ଜିଲ୍ଲାରେ ମରୁଡ଼ି ସ୍ଥିତି ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା,୫/୯ (ନି.ପ୍ର): ନୂଆପଡା ଜିଲ୍ଲାର ମରୁଡ଼ି ଅନୁଧ୍ୟାନ କରିବା ପାଇଁ ଆଜି ଏକ ଟିମ୍ ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶେ କ୍ରମେ ରାଜ୍ୟ ବିଜେପିର ବରିଷ୍ଠ ନେତା ପୂର୍ବତନ ରାଜ୍ୟ ରାଜସ୍ବ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ସାଂସଦ ବସନ୍ତ କୁମାର ପଣ୍ଡା, ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ପଟେଲ, ପୂର୍ବତନ ବିଧାୟକ ଆମର ବରିଷ୍ଠ ନେତା ରମାରଞ୍ଜନ ବଳିଆରସିଂହ, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ତଥା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗଜୀ ଆସି ସିଂଝର, କିରକିଟା, ରାଜ ଖଡିଆଳ, ତରବୋଡ, ସୁନ୍ଦର ଡେମ, ହାତୀସରା, ସିଆଲଟୀ, କରଙ୍ଗାଭଟା, ବାଞ୍ଜିବାହାଲ ଛକ, କାସିପଲା ଦେଇ ନୂଆପଡ଼ାକୁ ଯାଇ ସେଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ । ତାଙ୍କ ସାଙ୍ଗରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତାଗଣ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀ, ଜିଲ୍ଲା ଭାଜପା ପ୍ରଭାରୀ ଆର୍ତ୍ତ ମହାପାତ୍ର, ଜିଲ୍ଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ହୋମସିଂ ମାଝି, ହିତେଶ ବଗର୍ତି, ଶିବପ୍ରସାଦ ମୁଣ୍ଡ, ବରିଷ୍ଠ ନେତା ମନିଜର ଆର୍ଯ୍ୟ, ଗୋଲଡ଼ି ଅଗ୍ରୱାଲ, ଚର୍ତୁଭୁଜ ଶର୍ମା, ଅତୀନ୍ଦ୍ର ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ କମଲେଶ ଦିକ୍ଷୀତ, ତୁଳସ ପଟେଲ, ରାତ୍ରନନ୍ଦ ମନହୀରା, କିଷାନ ମୋର୍ଚ୍ଚା ଜିଲ୍ଲା ସଭାପତି ଗୋବର୍ଦ୍ଧନ ସାହୁ, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଭିନନ୍ଦନ ପଣ୍ଡା, ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି କେଦାର ଜଗତ, ବେଣୁଧର ଜଗତ, ଜିଲ୍ଲା ସମ୍ପାଦକ ଭଗତ ସିଂ, ଡ଼ମରୁ ମହାନନ୍ଦ, ସଦାନନ୍ଦ ଯୋଶୀ ତଥା ଜିଲ୍ଲାର ସମସ୍ତ ବରିଷ୍ଠ କାର୍ଯ୍ୟକାର୍ତା ଓ ବହୁ ସଂଖ୍ୟାରେ କିଷାନ ଭାଇ ଭଉଣୀ ମାନେ ସାମିଲ ହୋଇଥିଲେ ।

# ବରିଷ୍ଠ ଆଇନ୍‌ଜୀବି ସ୍ୱର୍ଗତ ବିବେକାନନ୍ଦ ମହାନ୍ତିଙ୍କ ତୈଳଚିତ୍ର ଉନ୍ମୋଚନ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ




ଭଦ୍ରକ,୫/୯ (ନି.ପ୍ର): ଆଜି ଭଦ୍ରକ ଓକିଲ ସଂଘର ସଭାଗୃହ ପରିସରରେ ବରିଷ୍ଠ ଆଇନ୍‌ଜୀବି ସ୍ୱର୍ଗତ ବିବେକାନନ୍ଦ ମହାନ୍ତିଙ୍କର ତୈଳଚିତ୍ର ଉନ୍ମୋଚନ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଭଦ୍ରକ ଓକିଲ ସଂଘର ସଭାପତି ଦିଲ୍ଲୀପ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମାନ୍ୟବର ଜିଲ୍ଲା ଜଜ୍ ଶିଶିର କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ବିବେକାନନ୍ଦ ତୈଳଚିତ୍ରକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିବା ସହ ସ୍ୱର୍ଗତ ମହାନ୍ତି ଜଣେ ଅମାୟିକ, ପରୋପୋକାରି ଓ ଦାୟିତ୍ୱ ସଂପନ୍ନ ଆଇନ୍‌ଜୀବି ଥିଲେ ବୋଲି ସ୍ମୃତିଚାରଣରେ କହିଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଣତୀ ସାହା ଯୋଗଦାନ କରି ସ୍ୱର୍ଗତ ଆଇନ୍‌ଜୀବି ବିବେକାନନ୍ଦଙ୍କର ସମାଜ ଓ ଆଇନ୍‌ଜୀବି ମାନଙ୍କ ପ୍ରତି ଯେଉଁ କର୍ତ୍ତବ୍ୟ କରିଛନ୍ତି ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଭିଜିଲାନ୍ସ ଜଜ୍ ନିଶିଥ୍ ନିଶାନ, ପୋକ୍ସ କୋର୍ଟର ଜଜ୍ ମିନତୀ ପଣ୍ଡା, ସିଜିଏମ, ରେଜିଷ୍ଟର, ସବ୍‌ଜଜ୍, ଆସିଷ୍ଟାଣ୍ଟ ସବ୍‌ଜଜ୍, ଏସଡିଜିଏମ ଓ ଡିଏଲଏସ ସଂପାଦକ, ସ୍ଥାୟୀ ଲୋକ ଅଦାଲତର ଜଜ୍, କୋର୍ଟ ମେନେଜରଙ୍କ ସମେତ ସମସ୍ତ ଜୁଡିସିଆଲ ବିଭାଗର ବିଚାରପତି ମାନେ ଉପସ୍ଥିତ ରହିଥିଲେ । ଏହି ସ୍ମୃତିଚାରଣ ସଭାରେ ବରିଷ୍ଠ ଆଇନ୍‌ଜୀବି ନିରାକାର ଜେନା, ଦିବ୍ୟସିଂହ ନାୟକ, ପର୍ଶୁରାମ ଦ୍ୱିବେଦୀ, ରାଏ ରାମାନନ୍ଦ ମହାପାତ୍ର, ବାରର ସଂପାଦକ ଜିତେନ୍ଦ୍ର କୁମାର ପଣ୍ଡା, ଉପସଭାପତି କରୁଣାକର ଦାସ, ଯତିକାନ୍ତ ନାୟକ, ସୂର୍ଯ୍ୟକାନ୍ତ କୁଅଁର, ସନ୍ତୋଷ ଆଗ୍ରର୍ଯ୍ୟ, ପ୍ରଫୁଲ୍ଲ ସାମଲ, ପବନ ଶର୍ମା, ବିଜନ କୁମାର ଜେନା ପ୍ରମୁଖ ସ୍ୱର୍ଗତ ଆଇନ୍‌ଜୀବି ବିବେକାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ବାରର ଯୁଗ୍ମସଂପାଦକ ନିକୁଞ୍ଜ ପୁହାଣ, ସହକାରୀ ସଂପାଦକ ଅଭୟ କୁମାର ସେଠୀ, ସହକାରୀ ସଂପାଦକ ଅଶୋକ ନାୟକ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, କାର୍ଯ୍ୟକାରୀ ସଦସ୍ୟ ସଂଜୟ ନାୟକ, ସଂଗ୍ରାମ ଜେନା, ସେକ୍ ସାହାଜାନ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତୁଷାରକାନ୍ତ ମହାନ୍ତି, ରାଜୀବ ବାରିକ, ଗୋଲକ ଦାସ, କାହ୍ନୁ ବାରିକ, ଧୀରେନ୍ଦ୍ର ରାୟ, ପଙ୍କଜ ପରିଡା, ନିଶିକାନ୍ତ ନାୟକ, ଗିରିଧାରୀ ନାଥ, ସନାତନ ଦୀକ୍ଷିତ, ପ୍ରଦୀପ ଜେନା, କିଶୋର ବଳ, ମନୋରଂଜନ ଦାସ, ହୃଦାନନ୍ଦ ସୂତାର, ବିଶ୍ୱଜିତ୍ ରାଉତଙ୍କ ସମେତ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନ୍‌ଜୀବି ମାନେ ଯୋଗଦେଇଥିବା ବେଳେ ବାରର ଅଫିସ ପରିଚାଳକ ସଂଜୟ ନାୟକ ଓ କେଦାନାଥ ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ଆଇନ୍‌ଜୀବିଙ୍କ ପୁତ୍ର ଶିବାନନ୍ଦ ମହାନ୍ତି, କନ୍ୟା ଅଭିଲିପ୍ସା ମହାନ୍ତି, ଦାଦା ରବିନ୍ଦ୍ର ମହାନ୍ତି, ମାତା ରଂଜନା ମହାନ୍ତି, ବୋହୂ ସିପ୍ରା ରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କଲଣ ବିଦ୍ୟାଳୟରେ ଉନ୍ନତି ମୂଳକ କାର୍ଯ୍ୟ ସମୀକ୍ଷା କଲେ ଧର୍ମଶାଳା ବିଧାୟକ

ଧର୍ମଶାଳା,୫/୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ କଲଣସ୍ଥିତ ମଧୁପୁର ଉଚ୍ଚ ବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟର ତଦାରଖ କଲେ ଧର୍ମଶାଳା ବିଧାୟକ ପ୍ରଣବ କୁମାରବଳବନ୍ତରାୟ । ଆଜି ସକାଳେ ଏହି ବିଦ୍ୟାଳୟ ପରିସରରେ ପଂହଚିଥିଲେ । ସେଠାରେ ବିଦ୍ୟାଳୟର ବିକାଶ ଓ ଏହାର ଚତୃପାଶ୍ୱ ବୁଲିବା ସହ ଶିକ୍ଷାକର୍ମଚାରୀଙ୍କ ଆଲୋଚନା କରିଥିଲେ ।

## ପ୍ରକୃତି ବନ୍ଧୁ ପୁରସ୍କାର ପାଇଲେ କବି କରୁଣାକର

ମାଲକାନଗିରି,୫/୯ (ନି.ପ୍ର): ଓଡ଼ିଶା ସରକାରଙ୍କ ଧ୍ୱାରା ପରିବେଶ ଓ ଜଙ୍ଗଲ ବିଭାଗ ତରଫରୁ ପ୍ରତିବର୍ଷ ପରିବେଶ, ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥାଏ । ନିଜ ବିଦ୍ୟାଳୟ, ପଚାଂୟତ କାର୍ଯ୍ୟାଳୟ, ରାସ୍ତା ପାର୍ଶ୍ୱରେ, ମନ୍ଦିର ପରିସରରେ ବୃକ୍ଷରୋପଣ କରିବା ସହ ବୃକ୍ଷର ମାହାତ୍ମ୍ୟ ଓ ଜଙ୍ଗଲ ସୁରକ୍ଷା ଉପରେ ଗାଁ ଗାଁରେ ସଚେତନତା ଆଦି କାର୍ଯ୍ୟକ୍ରମ କରି ସଫଳତା ଅର୍ଜନ କରିଥିବା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ତଥା କବି କରୁଣାକର ମଲିକଙ୍କୁ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୦୨୦-୨୧ ବର୍ଷର ପ୍ରକୃତି ବନ୍ଧୁ ପୁରସ୍କାର ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀ ମଲିକଙ୍କୁ ମାନପତ୍ର ସହ ଉପଢୌକନ ଓ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହି ସମ୍ମାନ ପାଇବା ପରେ ଶ୍ରୀ ମଲିକ ତାଙ୍କ ପ୍ରେରଣାର ଉତ୍ସ ସ୍ବର୍ଗୀୟା ପତ୍ନୀ ମଧୁସ୍ମିତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହିତ ସମସ୍ତ ଶ୍ରେୟ ତାଙ୍କୁ ହିଁ ଅର୍ପଣ କରଛନ୍ତି ।

## ଯୁବକଙ୍କ ହତ୍ୟା ମାମଲା : ଘଟଣାସ୍ଥଳେ ସାଇଂଟିଫିକ ଟିମ ଓ ସନ୍ଧାନୀ କୁକୁରର ତଦନ୍ତ

କୋରେଇ,୫/୯ (ନି.ପ୍ର): ପାଣିକୋଇଲି ଥାନା ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥର ସାନ ସୋତି ଗ୍ରାମ ନିକଟରେ ଥିବା ଏକ ନିର୍ମାଣଧିନ ପୋଲ ଉପରେ ଶୁକ୍ରବାର ସକାଳୁ ଦୁଇ ଯୁବକଙ୍କ ମୃତ ଦେହ ପଡ଼ିଥିବାର ଖବର ପାଇବା ପରେ ପାଣିକୋଇଲି ପୁଲିସ ପହଂଚି ଦୁଇ ମୃତ ଦେହକୁ ଉଦ୍ଧାର କରିଥିଲା । ଏନେଇ ଏକ ହତ୍ୟା ମାମଲା ୨୩୮/୨୧ ରୁଜୁ କରିଥିଲା । ଏହି ମାମଲାକୁ ନେଇ ପୁଲିସ ଅନୁସନ୍ଧାନ କରୁଛି । ଘଟଣାସ୍ଥଳେ ଯାଜପୁର ଏସପି ରାହୁଲ ପିଆର ଓ ସାଇନଟିଫିକ ଟିମ ଓ ସନ୍ଧାନୀ କୁକୁର ନିଆଯାଇ ଆଜି ତଦନ୍ତ ଚାଲୁ ରହିଛି । କୁକୁର ଦୁର୍ଘଟଣା ସ୍ଥଳର କିଛି ଦୂରରେ ଥିବାଏକ ଘର ନିକଟକୁ ଯାଇଛି । ପରେ ଟିମ୍ ସ୍ଥାନୀୟ ମହିନ୍ଦ୍ରା ସୋ ରୁମର ସିସିଟିଭି ଯାଂଚ କରୁଛି । ଅପରପକ୍ଷେ ହତ୍ୟାକାଣ୍ଡ ସ୍ଥଳୁ ଜବତ ହୋଇଥିବା ମୃତକଙ୍କ ମୋବାଇଲକୁ ମଧ୍ୟ ଯାଂଚ କରାଯାଉଛି । ପରିବାର ପକ୍ଷରୁ ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ହୋଇଥିବା କୁହାଯାଉଥିବା ବେଳେ କେତେକ ଜୁଆଖେଳ ସମ୍ପର୍କ ଥିବା ଆଲୋଚନା କରୁଛନ୍ତି । ସେ ଯାହା ହେଉନା କାହିଁକି ପୁଲିସ, ସାଇଟିଫିକଟିମ ଓ ସନ୍ଧାନୀ କୁକୁର ତଦନ୍ତ ଜାରି ରଖିଛନ୍ତି । ପୁଲିସ ଖୁବ ଶିଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବ ବୋଲି ତଦନ୍ତରୁ ଜଣାପଡୁଛି । ପ୍ରକାଶ ଥାଉକି ଶୁକ୍ରବାର ସକାଳୁ ୧୬ ନମ୍ବର ଜାତୀୟ ରାଜପଥର ନିର୍ମାଣାଧିନ ଉକ୍ତ ପୋଲ ଉପରେ ଦୁଇ ଯୁବକଙ୍କର ମୃତଦେହ ସହିତ ଏକ ହିରୋ ବାଇକ ପୋଲ ତଳେ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ଖବର ପାଇବା ପରେ ପାଣିକୋଇଲି ପୁଲିସ ଘଟଣା ସ୍ଥଳରେ ପହଂଚି ଦୁଇ ମୃତ ଦେହକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଉକ୍ତ ବାଇକକୁ ଜବତ କରିଛି । ଦୁଇ ଜଣ ଯୁବକ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ବାବୁଲି ସାହୁଙ୍କ ପୁଅ ବିଜୟ(୨୨) ଓ ତାର ସାଙ୍ଗ ସେହି ଗ୍ରାମର ନିଳମଣୀ ଦାସଙ୍କ ପୁଅ ମାନସ(୨୭) ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିବା ବେଳେ ପୁଲିସ ସନ୍ଧାନୀ କୁକୁର କିମ୍ବା ସାଇଂଟଫିକ ଟିମର ସହାୟତା ନନେଇ ତୁରନ୍ତ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଦେବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ପୁଲିସର କାର୍ଯ୍ୟପ୍ରତି ସନ୍ଦେହ ସୃଷ୍ଟି କରି ପାଣିକୋଇଲି ଥାନା ଘେରାଉ କରିବା ସହିତ ଓ ୨୦ ନଂ ଜାତୀୟ ରାଜପଥର ବେଣାପୁର ଗୋଲେଇ ଠାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ । ଉତ୍ୟକ୍ତ ଲୋକମାନଙ୍କ ସହ ପୁଲିସ ପ୍ରଶାସନ ଆଲୋଚନା କରିବା ପରେ ରାସ୍ତାରୋକ ହଟିଥିଲା ।

# ରାଉରକେଲାରେ ୪ ହକି ଅଲିମ୍ପିଆନଙ୍କୁ ଭବ୍ୟ ସମ୍ବର୍ଦ୍ଧନା




ରାଉରକେଲା,୫/୯ (ନି.ପ୍ର): ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଏବଂ ମହିଳା ହକି ଦଳରେ ଭାଗ ନେଇଥିବା ସୁନ୍ଦରଗଡ଼ ଜିଲ୍ଲାର ୪ ଜଣ ହକି ତାରକାଙ୍କୁ ରାଉରକେଲାରେ ଭବ୍ୟ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଛି । ରାଉରକେଲା ମହାନଗର ନିଗମ ଏବଂ ସ୍ମାର୍ଟ ସିଟି ପକ୍ଷରୁ ସ୍ଥାନୀୟ ସିଭିକ୍ ସେଣ୍ଟରରେ ଆୟୋଜିତ ସ୍ୱତବ କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶନିବାର ଦିନ ପୂର୍ବାହ୍ନ ୧୧ଟା ବେଳେ ୪ ଜଣ ହକି ତାରକା ସିଭିକ୍ ସେଣ୍ଟରରେ ପହଂଚିବା ପରେ ସେମାନଙ୍କୁ ପୋଲିସ୍ ବାହିନୀ ପକ୍ଷରୁ ବ୍ୟାଣ୍ଡ ବଜାଇ ସ୍ୱାଗତ କରାଯାଇଥିଲା । ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା, ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ପୂର୍ବତନ ଅଲିମ୍ପିୟାନ ଲାଜରୁସ ବାର୍ଲା ଏବଂ ରାଉରକେଲା ଏସ୍‌ପି ମୁକେଶ ଭାମୁଙ୍କ ସହିତ ଯୁବ ଗୋଷ୍ଠୀ, କ୍ରୀଡ଼ା ପ୍ରେମୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ହକି ହିରୋମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ‘‘ସୁନ୍ଦରଗଡ଼ ଜିଲ୍ଲାର ଏହି ୪ ଜଣ ହକି ଅଲିମ୍ପିଆନ୍ ଆମ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଟୋକିଓ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରି ସେମାନେ ସମସ୍ତଙ୍କ ହୃଦୟ ଜିତିଛନ୍ତି । ଆଗାମୀ ଦିନରେ ଯେଉଁ ପିଲାମାନେ ହକି ଖେଳିବାକୁ ପ୍ରସ୍ତୁତ ହେଉଛନ୍ତି ସେମାନଙ୍କ ପାଇଁ ଏହି ୪ ଜଣ ତାରକା ପ୍ରେରଣା ପାଲଟିଛନ୍ତି’’, କହିଛନ୍ତି ବିଧାୟକ ସାରଦା ପ୍ରସାଦ ନାୟକ । ‘‘ଖେଳାଳିମାନଙ୍କର ହକି ପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସୁନ୍ଦରଗଡ଼ ଜିଲ୍ଲା ସ୍ୱତବ ସ୍ଥାନ ପାଇଛି । ହକି ଖେଳରେ ଆମକୁ ବିଶେଷ ସଫଳତା ମିଳିଛି । ଟୋକିଓ ଅଲମ୍ପିକ୍ସରେ ଭଲ ପ୍ରଦର୍ଶନ କରି ଏହି ୪ ଜଣ ତାରକା ଆଗାମୀ ପିଢ଼ିର ଖେଳାଳିମାନଙ୍କ ମନରେ ଉତ୍ସାହ ଭରିଛନ୍ତି’’, ସମ୍ବର୍ଦ୍ଧନା ଉତ୍ସବରେ କହିଛନ୍ତି କମିଶନର ଦିବ୍ୟଜ୍ୟୋତି ପରିଡ଼ା । ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ କହିଥିଲେ ଯେ, ହକିର ବିକାଶ ପାଇଁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ସହିତ ରାଉରକେଲାଠାରେ ଆୟୋଜନ ହେବାକୁ ଯାଉଛି । ଏଥିପାଇଁ ରାଉରକେଲାର ବିପିୟୁଟି କ୍ୟାମ୍ପସରେ ଅନ୍ତର୍ଜାତୀୟ ସ୍ତରର ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି । ଏହା ସହିତ ତୃଣମୂଳ ସ୍ତରରୁ ପିଲାମାନଙ୍କୁ ହକି ଖେଳ ଲାଗି ପ୍ରସ୍ତୁତ କରିବା ପାଇଁ ଜିଲ୍ଲାର ସମସ୍ତ ୧୭ଟି ବ୍ଲକରେ ଅନ୍ତର୍ଜାତୀୟ ମାନର ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମ କରାଯାଉଛି । ସ୍ମାର୍ଟ ସିଟି ରାଉରକେଲାରେ ଏଭଳି ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିବାରୁ ୪ ଜଣ ହକି ତାରକା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଆଗାମୀ ଦିନରେ ଲୋକମାନଙ୍କ ଭଲପାଇବାକୁ ଆଧାର କରି ଆହୁରି ଭଲ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ୪ ଅଲିମ୍ପିଆନଙ୍କ କୋଚ୍ ରାଜୁ ସାଇନି, ବିଜୟ କୁମାର ଲାକ୍ରା, ପ୍ରଦୀପ କୁମାର ଷଡ଼ଙ୍ଗୀ, ସିଲଭେଷ୍ଟର ଟପ୍ପୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନ୍ତର୍ଜାତୀୟ ସ୍ତରର ଖେଳାଳି ଷ୍ଟାନଲି ଭିକ୍ଟର ମିଞ୍ଜ, ସିଲାନନ୍ଦ ଲାକ୍ରା, ନିଲମ ସଞ୍ଜୀବ ଖେସ୍, ପଙ୍କଜ କୁମାର ରଜକ, ଜେରମ ଲାକ୍ରା, ରଶ୍ମିତା ମିଞ୍ଜଙ୍କ ସହିତ ରାଉରକେଲାସ୍ଥିତ ବିଭିନ୍ନ କ୍ରୀଡ଼ା ଛାତ୍ରାବାସର କୋଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁନ୍ଦରଗଡ଼ ଜିଲ୍ଲା ହେଉଛି ଭାରତୀୟ ହକିର ଅନ୍ତୁଡ଼ିଶାଳ । ଏହି ଜିଲ୍ଲାରୁ ଅନେକ ପ୍ରତିଭାବାନ ଖେଳାଳି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ତେଣୁ ଏହି କ୍ରୀଡ଼ାର ବିକାଶ ପାଇଁ ଭାରତୀୟ ହକି ଟିମକୁ ଓଡ଼ିଶା ପ୍ରୋତ୍ସାହନ ଦେଇ ଏକ ନୂଆ ପରିଚୟ ପାଇଛି । ଏହି କ୍ରମରେ ସ୍ମାର୍ଟ ସିଟି ରାଉରକେଲାକୁ ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସ୍ୱତବ ପରିଚୟ ଦେବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି ।

## ଦୁଇଟି ମସ୍ତକ ଥିବା ଅଦ୍ଭୁତ ପୁତ୍ର ସନ୍ତାନ ଜନ୍ମ

ହରିଚନ୍ଦନପୁର,୫/୯ (ନି.ପ୍ର): ଦୁଇଟି ମସ୍ତକ ଥିବା ଅଦ୍ଭୁତ ପୁତ୍ର ସନ୍ତାନ ଜନ୍ମ ହୋଇଛି । ଯାହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଗୋଷ୍ଠୀ ସ୍ବାସ୍ଥ୍ୟକେନ୍ଦ୍ରରେ ଶନିବାର ସକାଳ ସମୟରେ ଏହି ଅଦ୍ଭୁତ ପୁତ୍ର ସନ୍ତାନ ଜନ୍ମ ନେଇଛି । ମିଳିଥିବା ଖବର ଅନୁଯାୟୀ, ଠାକୁରପଡା ଗ୍ରାମପଚାଂୟତ ରାଇଡିହା ଗ୍ରାମର ମୁରଲୀଧର ନାଏକଙ୍କ ପତ୍ନୀ ବାସନ୍ତୀ ନାଏକଙ୍କ ପ୍ରସବ ବେଦନା ଯୋଗୁଁ ଶୁକ୍ରବାର ରାତି ୧ଟା ସମୟରେ ତାଙ୍କୁ ସ୍ବାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଶନିବାର ସକାଳ ୬ଟା ସମୟରେ ପ୍ରଥମ ସନ୍ତାନ ଭାବେ ଏହି ଅଦ୍ଭୁତ ଦୁଇଟି ମସ୍ତକ ଥିବା ପୁତ୍ର ସନ୍ତାନ ଜନ୍ମ ନେଇଥିଲା । ସେଥିମଧ୍ୟରୁ ଗୋଟିଏ ମସ୍ତକ ଜୀବିତ ଥିବା ବେଳେ ପ୍ରାୟ ୧ଘଣ୍ଟା ପରେ ଉକ୍ତ ସନ୍ତାନର ମୃତ୍ୟୁ ଘଟିଥିବା ସ୍ବାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଅଦ୍ଭୁତ ପୁତ୍ର ସନ୍ତାନକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିବା ବେଳେ ଏହି ନବଜାତ ପୁତ୍ର ସନ୍ତାନର ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି । ଉକ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବାକୁ ଦାବି ହେଉଛି ।

ଶ୍ରୀମତୀ ରେବତୀ ମହାପାତ୍ର


# ଗୁରବେ ନମଃ

ଭାରତୀୟ ପରମ୍ପରାରେ ଗୁରୁ ଶବ୍ଦର ଗରୀମା ଅତ୍ୟନ୍ତ ମହାନ୍ ତଥା ପବିତ୍ର । ସଂସ୍କୃତ ଭାଷାରେ ଗୁରୁ ଶବ୍ଦର ଉତ୍ପତି ପ୍ରାକ୍‌-ବୈଦିକ ଯୁଗରୁ ହୋଇ ସାରିଥିଲା । ଗୁରୁ ଶବ୍ଦର ବିଭାଜନ କଲେ 'ଗୁ' ଅକ୍ଷରର ଅର୍ଥ ହେଉଛି ଅନ୍ଧକାର ଓ 'ରୁ' ର ଅର୍ଥ ହେଉଛି ପ୍ରକାଶ ବା ଆଲୋକ । ଅର୍ଥାତ୍ ଯିଏ ଆମକୁ ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ଆଲୋକ ମଧ୍ୟକୁ ଆଣିଥାନ୍ତି ସେ ହେଉଛନ୍ତି ଗୁରୁ । ପିତାମାତା ପିଲା ମାନଙ୍କର ପ୍ରଥମ ଗୁରୁ ହୋଇଥାନ୍ତି । ନିଜସ୍ୱ ବିବେକ ଓ ଚେତନା ଶକ୍ତି ଆମ ଦୁର୍ବଳ ମନର ଗୁରୁ ହୋଇଥାଏ । ଆତ୍ମା, ପରମାତ୍ମାଙ୍କ ତତ୍ତ୍ୱ ବିଷୟରେ ଯେଉଁ ମହାନ୍ ବ୍ୟକ୍ତି ମତ ପ୍ରଦାନ କରିଛନ୍ତି ସେମାନେ ସଦଗୁରୁ ହୋଇଥାନ୍ତି । ଖ୍ରୀଷ୍ଟପୂର୍ବ ୫୦୯ ରେ ଦକ୍ଷିଣ ଭାରତରେ ଜନ୍ମ ଗ୍ରହଣ କରିଥିବା ମହାନ୍ ଦାର୍ଶନିକ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଗୁରୁଙ୍କୁ ଈଶ୍ୱର ତୁଲ୍ୟ ବର୍ଣ୍ଣନା କରି ଏହି ଶ୍ଳୋକ ରଚନା କରିଥିଲେ- ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ , ଗୁରୁ ଦେବ ମହେଶ୍ୱର , ଗୁରୁ ସାକ୍ଷାତ ପରଂ ବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ । ଅଦ୍ୱୈତ ବେଦାନ୍ତର ରଚୟିତା ଶଙ୍କରାଚାର୍ଯ୍ୟଙ୍କୁ ଶିବଙ୍କ ଅବତାର ରୂପେ ଅନେକ ଶାସ୍ତ୍ରରେ ଗ୍ରହଣ କରାଯାଇଥିବାରୁ ଆଦିଶଙ୍କର ନାମରେ ମଧ୍ୟ ସେ ପ୍ରସିଦ୍ଧି ଲାଭ କରିଥିଲେ । ଶ୍ରୀ ଗୋବିନ୍ଦ ଭଗବତ୍ ପଦ ଆଦିଶଙ୍କରଙ୍କ ଗୁରୁ ଥିଲେ ।

ଦେବତା ମାନଙ୍କ ଗୁରୁ ହେଉଛନ୍ତି ବୃହସ୍ପତି । ପୁରାଣ ଶାସ୍ତ୍ରରେ ଲିପିବଦ୍ଧ ହୋଇଥିବା କେତେକ ମହାନ୍ ଗୁରୁ ମାନଙ୍କ ମଧ୍ୟରୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ଗୁରୁ ହେବାର ସୌଭାଗ୍ୟ ଅବନ୍ତୀନଗରର ସାନ୍ଦିପନୀ ମହର୍ଷି ଅର୍ଜନ କରିଥିଲେ ଓ ମହର୍ଷି ବଶିଷ୍ଠ ପ୍ରଭୁ ଶ୍ରୀରାମଙ୍କ ଗୁରୁ ହେବାର ସୌଭାଗ୍ୟ ଲାଭ କରିଥିଲେ । ସେହିପରି କୌରବ , ପାଣ୍ଡବ ଓ ଏକଲବ୍ୟଙ୍କ ଗୁରୁ ଥିଲେ ଦ୍ରୋଣାଚାର୍ଯ୍ୟ । କର୍ଣ୍ଣଙ୍କ ଗୁରୁ ଥିଲେ ପର୍ଶୁରାମ । ଗୁରୁଙ୍କ ଶିକ୍ଷା ସହିତ ଆଶୀର୍ବାଦ ଲାଭ କରି ପାରିଲେ ସଫଂଳତାର ଶୀର୍ଷରେ ପହଂଚି ହୁଏ । ଏହାକୁ ସଠିକ୍ ପ୍ରମାଣ କରିଥିଲେ ଚାଣକ୍ୟଙ୍କ ଶିଷ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ , ରାମଦାସଙ୍କ ଶିଷ୍ୟ ଛତ୍ରପତି ମହାରାଜା ଶିବାଜୀ ତଥା ଅଧୁନା ସମୟରେ ରମାକାନ୍ତ ଆକ୍ରେକର୍‌ଙ୍କ ଛାତ୍ର ସଚିନ୍ ତେନ୍ଦୁଲକର୍ । ସେହିପରି କଳା କ୍ଷେତ୍ରରେ ଲିଓନାର୍ଡୋ ଡାଭିନ୍ସି ଚିତ୍ରକଳାର ଗୁରୁ । ସୁନାମ ଧନ୍ୟ ଶ୍ରୀ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟର ଶ୍ରେଷ୍ଠ ଗୁରୁ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି ।

ସତ୍ୟ, ଶାନ୍ତି, କ୍ଷମା, ଅହିଂସା ପରମ ଧର୍ମ, ଜୀବେ ଦୟା , ଧ୍ୱଂସମୁଖୀ ଶରୀର ଆଦି ବିଷୟ ଅବତାରଣା କରି ଜଗତର ଆଲୋକ ବର୍ତ୍ତିକା ହୋଇଥିବା ସଦଗୁରୁ ମାନଙ୍କ ମଧ୍ୟରେ ବିଶ୍ୱଗୁରୁ ଗୌତମ ବୁଦ୍ଧ, ମହାବୀର ଜୈନ, ଗୁରୁ ନାନକ, ରାମକୃଷ୍ଣ ପରମ ହଂସ , ସ୍ୱାମୀ ବିବେକାନନ୍ଦ, ଶ୍ରୀ ସତ୍ୟସାଇ ବାବା, ବଳରାମ ଦାସ, ଜଗନ୍ନାଥ ଦାସ, ଭୀମଭୋଇ ପ୍ରଭୃତି ମହିମାମୟ ଗୁରୁଙ୍କ ନାମ ବିଶ୍ୱ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ । ୧୮୫୦ ମସିହାରେ ଆଜିର ସୋନପୁରରେ ଜନ୍ମଲାଭ କରିଥିବା ସ୍ତୁତି ଚିନ୍ତାମଣୀର ରଚୟିତା ଓ ମହିମା ଧର୍ମର ପ୍ରଚାରକ ସନ୍ଥ କବି ଭୀମଭୋଇଙ୍କ ସେହି ବାଣୀ- ନ୍ତପ୍ରାଣୀର ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ , ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉନ୍ତ ଆଜି ମଧ୍ୟ ପାର୍ଲାମେଣ୍ଟ ହଲ୍‌ରେ ଲିପିବଦ୍ଧ ହୋଇ ରହିଛି । ତିନି ମାଙ୍କଡର ଉଦାହରଣ ଦ୍ୱାରା ନିଜସ୍ୱ ଚେତନା ଶକ୍ତି ଉପରେ ନିୟନ୍ତ୍ରଣ ରଖିବାର ଶିକ୍ଷା ପ୍ରଦାନ କରିଥିଲେ ମହାତ୍ମା ଗାନ୍ଧୀ । । ନୀରବତା ତଥା ଏକାଗ୍ରତା ରକ୍ଷାର ବାର୍ତ୍ତା ପ୍ରଦାନ କରିଥିବା ଶ୍ରୀମା' ଓ ଶ୍ରୀ ଅରବିନ୍ଦ ମଧ୍ୟ ସମାଜ ପାଇଁ ମହାନ୍ ଗୁରୁ ଅଟନ୍ତି । ଶୃଙ୍ଖଳିତ ଜୀବନ ଯାପନ ପାଇଁ ଏହି ଗୁରୁ ମାନଙ୍କ ପ୍ରଦତ୍ତ ଶିକ୍ଷା ଅପରିହାର୍ଯ୍ୟ ।

ସଂପ୍ରତି ମେଟା-ଫିଜିକ୍ସ ପାଠ୍ୟକ୍ରମର ଅଂଶ ସାଜିଛି ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ, ଯାହାକି ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା ଏବଂ ଅବିନଶ୍ୱର ଆତ୍ମା ଓ ଅନ୍ତର୍ନିହିତ ଶକ୍ତି ସମ୍ବନ୍ଧରେ ଆଲୋକପାତ କରିଥାଏ । ଖୁବ୍ କମ୍ ବୟସରୁ ପରମାତ୍ମାଙ୍କ ନିକଟରେ ନିଜକୁ ସମର୍ପଣ କରିବାରେ ସମର୍ଥ ହୋଇ ଶଙ୍କରାଚାର୍ଯ୍ୟ ସମଗ୍ର ଭାରତବର୍ଷକୁ ନଗ୍ନ ପାଦରେ ପରିବ୍ରାଜକ ରୂପେ ଭ୍ରମଣ କରିଥିଲେ ଓ ସନାତନ ହିନ୍ଦୁ ଧର୍ମ ପ୍ରତଷ୍ଠା କରିଥିଲେ । ଭାରତ ବର୍ଷର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଚାରି ଦିଗରେ ଯଥାକ୍ରମେ ପୁରୀ ଗୋବର୍ଦ୍ଧନ ମଠ, ଦ୍ୱାରିକା ଶାରଦା ମଠ, ବଦ୍ରିନାଥ ଜ୍ୟୋତି ମଠ ଏବଂ ଶ୍ରୀଙ୍ଗେରୀ ମଠ ସେ ସ୍ଥାପନ କରିଥିଲେ । ଚାରୋଟି ମଠର ମହାବାକ୍ୟ ହେଲେ ଯଥାକ୍ରମେ ପ୍ରଜ୍ଞାନମ୍ ବ୍ରହ୍ମ, ତତ୍ତ୍ୱମ୍ ଅସି, ଆତ୍ମନ୍ ବ୍ରହ୍ମ ଏବଂ ଅହଂ ବ୍ରହ୍ମୋସ୍ମି ଓ ଚାରୋଟି ବେଦ ହେଲେ ଯଥାକ୍ରମେ ଋଗ୍ ବେଦ, ସାମବେଦ, ଅର୍ଥବ ବେଦ ଓ ଯଜୁଃ ବେଦ । ଆତ୍ମା ଏବଂ ବ୍ରହ୍ମର ଚେତନା ଶକ୍ତି ମୋକ୍ଷ ପଥ ସୁଗମ କରିଥାଏ ତାହା ହିଁ ଏହି ମହାବାକ୍ୟ ସୂଚାଇଥାଏ । ଶଙ୍କରାଚାର୍ଯ୍ୟ ବିଭିନ୍ନ ଅଙ୍କୁଷରେ ଜୀବନ ମାର୍ଗକୁ ବିଶ୍ଳେଷଣ କରିଥିଲେ ଯଥା ଅନ୍ନମୟ କୋଷ , ପ୍ରାଣମୟ କୋଷ, ମନୋମୟ କୋଷ, ଜ୍ଞାନମୟ କୋଷ, ବିଜ୍ଞାନମୟ କୋଷ ଏବଂ ଆନନ୍ଦମୟ କୋଷ ଯାହା କି ମୋକ୍ଷ ପ୍ରଦାନ କରିଥାଏ । ନ୍ତମା କୁରୁ ଧନଜନଯୌବନ ଗର୍ବଂ ହରତି ନିମିଷେଙ୍କ କାଳ ସର୍ବଂ । କ୍ଷଣ ଭଙ୍ଗୁର ସଂସାରରେ ଭଗବତ୍ ପ୍ରେମ ହିଁ ସାର ବା ଶ୍ରେଷ୍ଠ । ତେଣୁ ନିରନ୍ତର ସଦ୍ଭାବନା ସହ ଆମେ ସମସ୍ତେ ଅହଂ ଭାବ ତ୍ୟାଗକଲେ ସତ୍‌ଚିତ୍ ଆନନ୍ଦ ପ୍ରାପ୍ତି ସମ୍ଭବ । ଶଙ୍କରାଚାର୍ଯ୍ୟଙ୍କ ମୁଖ ନିଃସୃତ ବାଣୀ ଭଜଗୋବିନ୍ଦମ୍ ବା ମୋହ ମୁଦ୍ଗର ସ୍ତୁତିରେ ସେ କହିଛନ୍ତି , ନ୍ତକାତେ କାନ୍ତା ଧନଗତ ଚିନ୍ତା ବାତୁଳ କିମ୍ ତବନାସ୍ତି ନିୟନ୍ତା- ତ୍ରିଜଗତି ସଜ୍ଜନସଂ ଗତିରୈକା ଭବତି ଭବାର୍ଣ୍ଣବତରଣେ ନୌକା । ଏହାର ଅର୍ଥ ହେଉଛି ନ୍ତନିଜର ଧନ,ଜନ, ପତ୍ନୀ ସମ୍ବନ୍ଧରେ ଚିନ୍ତା କରି ଲାଭ ବା କ'ଣ ! ସଂସାର ସାଗର ପାରି ହେବାପାଇଁ ତ ସଜ୍ଜନଙ୍କ ସଙ୍ଗତି ରୂପକ ନୌକା ହିଁ ଆବଶ୍ୟକନ୍ତ । ଚବିଶି ବର୍ଷ ବୟସରେ ଶଙ୍କରାଚାର୍ଯ୍ୟ ପୁରୀ ଆସିଥିଲେ । ବତିଶି ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ମାୟାର ସଂସାର ସମ୍ପର୍କରେ କବି ଭକ୍ତ ଚରଣ ଦାଶ ଅତି ସୁନ୍ଦର ଭାବେ ମନବୋଧ ଚଉତିଶାରେ ବର୍ଣ୍ଣନା କରିଛନ୍ତି -ନ୍ତଛାର ଦେହକୁ ମନ କରିଛୁ ସଜ , ଛନ୍ଦ କପଟ ତେଜି ଗୋବିନ୍ଦ ଭଜରେ - ଛ ଖଣ୍ଡ କାଠ ତୋତେ ହୋଇବ ଲୋଡା, ଛୁଇଁବେ ନାହିଁ ତତେ ବୋଲିବେ ମଡାରେ ।




(ରାଜା ରବି ବର୍ମାଙ୍କ ଦ୍ୱାରା ଅଙ୍କିତ ଆଦି ଶଙ୍କରଙ୍କ ଚିତ୍ର)

ଅନେକ ସାଧୁ ସନ୍ଥ ମହାପୁରୁଷ ଅଛନ୍ତି ଯେଉଁମାନେ ଜୀବନରେ ବହୁ ଅଲୌକିକତା ପ୍ରାପ୍ତି କରିଛନ୍ତି । ସେମାନଙ୍କ ପଦାନୁସରଣ କଲେ ପରମାତ୍ମା ପ୍ରାପ୍ତ ହୁଅନ୍ତି । ମୋକ୍ଷର ପଥ ସୁଗମ ହୋଇଥାଏ । ସଦଗୁରୁ ମାନଙ୍କ ଜୀବନ ବ୍ୟାପୀ ସାଧନା ଆଧ୍ୟାତ୍ମିକ ପୂର୍ଣ୍ଣ ଓ ନିରାଡମ୍ବର ହୋଇଥାଏ । ମହିମା ଧର୍ମୀ ଗୁରୁ ମାନେ କଉପୁନି ତଥା କୁମ୍ଭୀଗଛର ବକ୍କଳ ପିନ୍ଧି ଜୀବନ ବିତାଇଥାନ୍ତି । ଜଗତର ହିତ ପାଇଁ ମାନବ ସମାଜର ମଙ୍ଗଳ ପାଇଁ ଶୀତ କାକର ଖରା ବର୍ଷାକୁ ବେଖାତିରି କରି ସେମାନେ ବ୍ରତୀ ରହନ୍ତି । ପରମାତ୍ମାଙ୍କୁ ପାଇବାକୁ ହେଲେ ନିଜ ମନରୁ କଳୁଷିତ ଭାବ ତ୍ୟାଗ କରି ଧର୍ମ ଓ ସତ୍ ମାର୍ଗରେ ଚାଲିଲେ ଓ ନିଜ ମନରୁ ମୁଁ ରୂପକ ଅହମିକାକୁ ଦୂର କଲେ ପ୍ରକୃତ ସତ୍ୟର ସନ୍ଧାନ ସଫଂଳ ହେବ ।

+ଶିଶୁପାଳଗଡ, ଭୁବନେଶ୍ୱର,
ମୋ- ୯୪୩୭୫୬୫୩୯୩


# ଆବର୍ଜନାରେ ସୁନା , ରୁପା

ବର୍ତ୍ତମାନ ଇଲେକ୍ଟ୍ରୋନିକସର ଯୁଗ । ଘରେଘରେ ଇଲେକ୍ଟ୍ରୋନିକସ ଦ୍ରବ୍ୟ । ମୋବାଇଲଫୋନ, ଲ୍ୟାପଟପ୍, ଟାବଲେଟ, ଟିଭି, କମ୍ପ୍ୟୁଟର ଇତ୍ୟାଦି ଇତ୍ୟାଦି । ଏଗୁଡ଼ିକ ଆମ ଦୈନନ୍ଦିନ ଚଳଣିର ଅବିଚ୍ଛେଦ୍ୟ ଅଙ୍ଗ । ଏହା ବିନା ଆମେ ମୁହୂର୍ତ୍ତଟିଏ ବି ରହିପାରିବା ନାହିଁ । ଯୁଆଡ଼େ ଦେଖିବ କଲେକ୍ଟ୍ରୋନିକସ ସାମଗ୍ରୀର ପସରା । ଏଗୁଡ଼ିକର ବ୍ୟବହାର ଦିନ ପ୍ରତିଦିନ ବଢ଼ିବଢ଼ି ଚାଲିଛି । ସେସବୁର ଉତ୍ପାଦନ ମଧ୍ୟ ସେଇ ହାରରେ ବୃଦ୍ଧି ପାଉଛି । ଖରାପ ହେବା ପର୍ଯ୍ୟନ୍ତ ଆମେ ସେଗୁଡ଼ିକୁ ବ୍ୟବହାର ପର୍ଯ୍ୟନ୍ତ ଆମେ ସେଗୁଡ଼ିକୁ ବ୍ୟବହାର କରୁଛୁ । ଅକାମୀ ହେଲେ ମେକାନିକ ପାଖକୁ ନେଉଛୁ । ସଜଡ଼ାସଜଡ଼ି କରି ପୁଣି ବ୍ୟବହାର କରୁଛୁ । ପୂରା ଆକାମୀ ହୋଇଗଲେ ଘରର କେଉଁ କୋଣରେ ସେଗୁଡ଼ିକ ପଡ଼ି ରହୁଛି, ନହେଲେ ଆମେ ଏଣେତେଣେ ପିଙ୍ଗି ଦେଉଛୁ । ସେଗୁଡ଼ିକ ଆବର୍ଜନା ଆକାରରେ ଏଠିସେଠି ପଡ଼ି ରହୁଛି ଏବଂ ପ୍ରତିଦିନ ଏହି ଆବର୍ଜନାରେ ଆକାର ବୃଦ୍ଧି ପାଉଛି । ବର୍ତ୍ତମାନ ଏହି ପରିତ୍ୟକ୍ତ ଇଲେକ୍ଟ୍ରୋନିକସ ଆବର୍ଜନା ଜୀବଜଗତ ସାମ୍ନାରେ ସବୁଠାରୁ ବଡ଼ ବିପଦ ହୋଇଠିଆ ହୋଇଛି । ଜାପାନ ଜଟିଳ ସମସ୍ୟାର ସାମାଧାନ ପନ୍ଥା ବାହାର କରିବାରେ ଓସ୍ତାଦ ବୋଲି କୁହାଯାଏ । ଏହାକୁ ସେ ପୁଣିଥରେ ପ୍ରମାଣିତ କରିଛି । କେବଳ ସମାଧାନ ନୁହେଁ, ସେଥିରୁ ଲାଭବାନ ହେବାର ମଧ୍ୟ ଉପାୟ ମଧ୍ୟ ସେ ବାହାର କରିଛି । ଜାପାନୀ ବୈଜ୍ଞାନିକମାନେ ଇଲେକ୍ଟ୍ରୋନିକସ ୱେଷ୍ଟ ବା ଇ-ଆବର୍ଜନାରୁ ସୁନା, ରୂପା ପରି ମୂଲ୍ୟବାନ ଧାତୁ ବାହାର କରିବାକୁ ସକ୍ଷମ ହୋଇଛନ୍ତି । ସେତିକି ନୁହେଁ, ଟୋକିଓରେ ଅନୁଷ୍ଠିତ ହେବାକୁ ଥିବା ଅଲିମ୍ପିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କ ପାଇଁ ସେଥିରୁ ପଦକ ମଧ୍ୟ ତିଆରି କରାଯାଉଛି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୧ଟନ ଇଲେକ୍ଟ୍ରୋନିସ ଆବର୍ଜନାରୁ ଅନ୍ୟୁନ ୩୫ଗ୍ରାମ ସୁନା ସଂଗ୍ରହ କରାଯାଇ ପାରିବ । ଅଲିମ୍ପିକ -୨୦୨୦ର ଆୟୋଜକ ସମିତିର ପ୍ରବକ୍ତା ମାସ ଟକାୟାଙ୍କ କହିବା ଅନୁସାରେ ୨୦୧୭ ଏପ୍ରିଲରୁ ଇ-ଆବର୍ଜନାରୁ ପଦକ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାରେ ୧୬୫ କିଲୋସୁନା ଓ ୧୮୦୦ କିଲୋ ରୂପା ସଂଗୃହୀତ ହୋଇସାରିଲାଣି । ତା' ସହିତ କାଂସ୍ୟ ପଦକ ପାଇଁ ଆବଶ୍ୟକ ହେଉଥିବା ୨୭୦୦ କିଲୋ କଂସା ଇତିମଧ୍ୟରେ ସଂଗୃହୀତ ହୋଇସାରିଛି । ବର୍ତ୍ତମାନ ସୁଦ୍ଧା ସଂଗୃହୀତ ହୋଇଥିବା ସୁନା ଆବଶ୍ୟକତାର ୫୪.୫ ପ୍ରତିତ ଓ ଆବଶ୍ୟକ ରୂପାର ୪୩,୯ପ୍ରତିଶତ ବୋଲି ସେ କହିଛନ୍ତି ।ମିଳିତ ଜାତିସଙ୍ଘର ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୧୬ ସୁଦ୍ଧା ବିଶ୍ୱରଇ- ଆବର୍ଜନାର ପରିମାଣ ଥିଲା ସାଢ଼େ ୪କୋଟି ଟନ୍ । ପ୍ରତିବର୍ଷଏହା ୩ରୁ୪ପ୍ରତିଶତ ହାର ବୃଦ୍ଧି ପାଉଛି । ଯଦି ଏହି ଆବର୍ଜନାକୁ ସାମଗ୍ରିକ ଭାବରେ ୧୮ଚକ ବିଶିଷ୍ଟ ଟ୍ରକରେ ଲଦା ଯାଏ ତାହହେଲେ ସେଥିପାଇଁ ଆବଶ୍ୟକ ହେବ ୧୨.୩କୋଟି ଟ୍ରକ । ପୁଣି, ଯଦି ଉକ୍ତ ଟ୍ରକଗୁଡ଼ିକୁ ଏକ ୨ଲେନ୍ ବିଶିଷ୍ଟ ରାସ୍ତା ଉପରେ ଧାଡ଼ିକରି ରଖାଯାଏ, ତାହେଲେ ରାସ୍ତାଟି ପ୍ୟାରିସରୁ ହଙ୍ଗକଙ୍ଗ ଲମ୍ବିଯିବ । ଉଲ୍ଲେଖଯୋଗ୍ୟ ଯେ ୨୦୧୬ ରିଓ ଅଲିମ୍ପିକରେ ବଣ୍ଟା ଯାଇଥିବା ଅଧିକାଂଶ ରୌପ୍ୟପଦକ ଇଆବର୍ଜନାରୁ ସଂଗୃହୀତ ରୂପାରେ ତିଆରି କରାଯାଇଥିଲା । ସେହିପରି ଅଧିକାଂଶ କାଂସ୍ୟପଦକ ନିର୍ମିତ ହୋଇଥିଲା ମୁଦ୍ରାଶାଳାରୁ ନିର୍ଗତ ଆବର୍ଜନାରୁ । ୨୦୧୦ ୱିଣ୍ଟର ଅଲିମ୍ପିକ ରେ ମଧ୍ୟ କିଛି ପଦକ ଇ-ଆବର୍ଜନାରୁ ନିର୍ମିତ ହୋଇଥିଲା । ଅଲିମ୍ପିକ ପଦକ ପାଇଁ ସଂଗୃହୀତ ଇ-ଆବର୍ଜନା ପ୍ରସଙ୍ଗରେ ଶ୍ରୀ ଟକାୟା ଯେଉଁ ସୂଚନା ଦେଇଛନ୍ତି ତାହା ବେଶ୍ ଉତ୍ସାହଜନକ ଏବଂ ଆଗାମୀ ଦିନ ପାଇଁ ଆଲୋକବର୍ତ୍ତିକା ସଦୃଶ । ତାଙ୍କ କହିବା ଅନୁସାରେ ଉକ୍ତ ଅଭିନବ ପଦ୍ଧତିରେ ସୁନା ଓ ରୂପା ସଂଗ୍ରହ ପାଇଁ ୨୦୧୮ ଜୁନ ସୁଦ୍ଧା ଜାପାନବାସୀ ଦାନ କରିଥିବା ଅବ୍ୟବହୃତ ମୋବାଇଲ ଫୋନର ସଂଖ୍ୟା ଥିଲା ୪୩୨ ଲକ୍ଷ । ଜନସାଧାରଣଙ୍କ ସହିତ ଦେଶର ବହୁ ମୋବାଇଲ ଦୋକାନୀ ମଧ୍ୟ ସହଯୋଗ କରିଥିଲେ ।










# ସ୍ମାର୍ଟ ମାଇକ୍ରୋଗାର୍ଡେନ

ସଜ ପନିପରିବା ଖାଇବା ସହରୀ ଜୀବନରେ ଏବେ ପ୍ରାୟତଃ ସମ୍ଭବ ହେଉନାହିଁ । ଏପରି ସ୍ଥିତିରେ ଛୋଟଛୋଟପତ୍ର ବା ଶାଗଜାତୀୟ ଖାଦ୍ୟସାମଗ୍ରୀ ହାତପାଆନ୍ତାରେ ପାଇବାକୁ ନିଶ୍ଚୟ ଇଚ୍ଛା ହେବ । ସ୍ମାଉଟସ ଆଇଓ ଏପରି ଏକ ମାଟିମୁକ୍ତ ସ୍ମାର୍ଟ ବଗିଚା ପ୍ରସ୍ତୁତ କରିଛି ଯାହା ପସନ୍ଦର ଶାଗ ବା ପତ୍ରଜାତୀୟ ଖାଦ୍ୟ ଦେଇପାରିବ । ଏହି ସ୍ମାର୍ଟ ଗାର୍ଡେନ ଲାଗି କେବଳ ପାଣି, ପୋଷକ ତତ୍ତ୍ୱ ଏବଂ ଆଲୋକ ଦରକାର । ସାଧାରଣ ବଗିଚା ଆବଶ୍ୟକ କରୁଥିବା ଜଳର ମାତ୍ର ୨ ପ୍ରତିଶତ ଥିରେ ଲାଗିଥାଏ ଏବଂ ଏହାର ଗଛ ତିନିଗୁଣ ଅଧିକ ବେଗରେ ବଢ଼େ ।




# ଏଠାରେ ବିଲେଇ ପାଳିବା ମନା !




ପାଶ୍ଚାତ୍ୟ ରାଷ୍ଟ୍ରରେ ଅଧିକାଂଶ ଲୋକ କୁକୁର ବିଲେଇ ପାଳିବାରେ ରୁଚି ରଖନ୍ତି । କେତେକ ସ୍ଥାନରେ ଧନିକ ଲୋକେ ନିଜ ମୃତ୍ୟୁ ପରେ ସମସ୍ତ ସମ୍ପତ୍ତି ପୋଷା ବିଲେଇ ଓ କୁକୁରଙ୍କ ନାମରେ କରିଥିବାର ନଜିର ମଧ୍ୟ ରହିଛି । ନିକଟରେ ନ୍ୟୁଜିଲାଣ୍ଡ ପରି ଏକ ଉନ୍ନତ ରାଷ୍ଟ୍ରର ଓମାଉଇ ଗ୍ରମରେ ଭିନ୍ନ ନିୟମ ପ୍ରଣୟନ କରାଯାଇଛି । ସେଠା ନିୟମ ଅନୁସାରେ ପ୍ରତ୍ୟେକ ପରିବାର ଏହାକୁ ମାନିବା ବାଧ୍ୟତାମୂଳକ ହୋଇଛି । ପାଳିତ ବିଲେଇର ମୃତ୍ୟୁ ପରେ ସେମାନେ ଅନ୍ୟ ବିଲେଇ ଆଣି ପାଳିପାରିବେ ନାହିଁ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ୨୦୫୦ ସୁଦ୍ଧା ନ୍ୟୁଜିଲାଣ୍ଡର ପ୍ରତ୍ୟେକ ପ୍ରାନ୍ତ ହିଂସ୍ର ଜନ୍ତୁଙ୍କ ଦାଉରୁ ମୁକ୍ତ ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ତାଲିକାରେ ଜଙ୍ଗଲୀ ମୂଷା, ସାପ ଦେଖାଯାଉଥିବା ବେଳେ ବିଲେଇ-ମୂଷାଙ୍କ ନିୟନ୍ତ୍ରଣ ନିମନ୍ତେ ପଦକ୍ଷେପ ଆରମ୍ଭ ହୋଇଛି । ଘୋଷଣା ହେବା ପରେ ବିଭିନ୍ନ ବର୍ଗର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । କାରଣ ଓମାଉଇ ଗ୍ରାମରେ ପ୍ରାୟ ପ୍ରତ୍ୟେକ ପରିବାର ପୋଷା ବିଲେଇ ରଖିଛନ୍ତି । କେତେଜଣ ବ୍ୟକ୍ତି ଏହି ଘଟଣାର ଫଇସଲା କୋର୍ଟରେ କରାଯାଉ ବୋଲି ମତ ରଖିଥିବାର ପ୍ରକାଶ ।

# ରାତ୍ରି ଭୋଜନରେ ସତର୍କତା





◆ ଚିକିତ୍ସାବିତମାନେ ରାତି ୮ଟାରୁ ୯ଟା ମଧ୍ୟରେ ରାତ୍ରି ଭୋଜନ କରିବାର ପରାମର୍ଶ ଦେଇଥାନ୍ତି । ଯେତେଦୂର ସମ୍ଭବ ରାତିରେ ହାଲକା ଭୋଜନ କରିବା ଆବଶ୍ୟକ । ରାତି ସମୟରେ ଅଧିକାଂଶ ଲୋକେ ସୁଆଦିଆ ତଥା ତେଲ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ଆଗ୍ରହ କରିଥାନ୍ତି । ଯାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

◆ ରାତ୍ରି ସମୟରେ ବର୍ଗର ଖାଇଲେ ତାହା ପେଟରେ ପ୍ରାକୃତିକ ଏସିଡ୍ ଉତ୍ପନ୍ନ କରି ଶରୀରକୁ ଉତ୍ତେଜିତ କରେ । ଏହି କାରଣରୁ ଛାତି ପୋଡ଼ାଜଳା ହୋଇଥାଏ ।

◆ ଏତଦ୍ ବ୍ୟତୀତ ରାତ୍ରି ଭୋଜନରେ କେବେ ବି ଇଟାଲୀୟାନ ଖାଦ୍ୟକୁ ସାମିଲ କରିବା ଉଚିତ୍ ନୁହେଁ । କାରଣ ରାତ୍ରୀ ସମୟରେ ପାସ୍ତା ଖାଇଲେ ଏହା ଓଜନ ବୃଦ୍ଧି କରିଥାଏ ।

◆ ଆଇସକ୍ରିମକୁ ଖାଇ ଶୋଇବା କଥା ନୁହେଁ, ଆମେରିକୀୟ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଏହା ଖାଇଲେ ଶରୀରରେ ଶର୍କରାର ମାତ୍ରା ଅଧିକ ବୃଦ୍ଧି ପାଇବା ସହ ହଜମ ଠିକ୍ ଭାବରେ ହୋଇନଥାଏ ।

◆ ରାତିରେ ଚକୋଲେଟ୍ ଖାଇବାଠାରୁ ଦୂରେଇ ରୁହନ୍ତୁ । ଏହା ଦ୍ୱାରା ମାନସିକ ସ୍ଥିତି ପ୍ରଭାବିତ ହେବା ସହ ହୃଦଯନ୍ତ୍ର ପ୍ରଭାବିତ ହେବାର ଆଶଙ୍କା ରହିଛି ।

◆ ଚିପ୍ସ ପ୍ରତି ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦୁର୍ବଳତା ରହିଛି । ଏହା ଏକ ପ୍ରକାରର ପ୍ରୋସସବ ଖାଦ୍ୟ, ଯାହା ଶରୀରରେ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି କରିଥାଏ ।

◆ ଅଧିକାଂଶ ଲୋକେ ରାତିରେ ଟିଭି ଦେଖିଲାବେଳେ ପପକର୍ଣ୍ଣ ଖାଇଥାନ୍ତି । ଏଥିରେ ଥିବା ଲୁଣ ଓ ବଟର ନିଦକୁ ପ୍ରଭାବିତ୍ କରିଥା । ବୋଲି ବିଶେଷଜ୍ଞମାନେ ଜଣାଇଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୬ ସେପ୍ଟେମ୍ବର ୨୦୨୧, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶାନ୍ତିର ଆବଶ୍ୟକତା...

ବହୁକାଳ ଧରି ପୁରୁଣା ଢ଼ାଞ୍ଚାରେ ଚଳିଆସୁଥିବା ଅନେକ ବ୍ୟବସ୍ଥା କାଳକ୍ରମେ ଅବ୍ୟବସ୍ଥିତ ହୋଇ ପଡ଼ିଲାଣି । ଯାହା ଔପନିବେଶିକ ଖୋଳ ଭିତରେ ବର୍ଷ ବର୍ଷ ଧରି ରହିଆସିଥିଲା, ସେଥିରେ ଲାଗିଗଲାଣି କଳଙ୍କି । ବ୍ରିଟିଶ ଶାସକମାନେ ବିଶ୍ୱର ଅନେକ ଦେଶରେ ବହୁବର୍ଷ ଧରି ଶାସନ କରିଆସିଥିବାରୁ ସେମାନେ ଛାଡ଼ିଯାଇଥିବା ଶୈଳୀ ଓ ଢାଞ୍ଚା ସମ୍ପୃକ୍ତ ଶାସିତମାନଙ୍କ ଉପରେ ଦୀର୍ଘକାଳ ଧରି ସବାର ହୋଇଆସିଥିଲା । ପୋଷାକ ପରିଚ୍ଛଦଠାରୁ ଆରମ୍ଭ କରି ଖାନାପିନାରେ ପ୍ରତିଫଳିତ ହେଉଥିଲା ସାହେବୀ ଆଦବ୍ କାଇଦା । କାଳକ୍ରମେ ବହୁବର୍ଷର ଶାସନ ସଂକୁଚିତ ହୋଇଗଲା ଏବଂ ଇଂରେଜ, ଫରାସୀ, ପର୍ତ୍ତୁଗୀଜ ତଥା ମାର୍କିନ ଶାସନ ହଟିଗଲା । କିନ୍ତୁ ଯେଉଁ ଉପନିବେଶବାଦୀ ଅବଶେଷ ସେମାନେ ଛାଡ଼ିଯାଇଥିଲେ, ତାହାରି ଭିତରେ ଶିକ୍ଷା ବ୍ୟବସ୍ଥା ରହିଯାଇଛି । ମ୍ୟାକଲେ ସାହେବଙ୍କ ଇଂରେଜୀ ଶିକ୍ଷା ପ୍ରଚଳନର ପ୍ରତ୍ୟକ୍ଷ ପ୍ରଭାବରୁ ଏମିତିରେ କେହି ମୁକୁଳି ପାରିନାହାଁନ୍ତି । ବିଦେଶୀ ଶାସନରୁ ଆମେ ପଞ୍ଚସ୍ତରି ବର୍ଷ ହେଲା ମୁକୁଳି ସାରିଛେ, ପାଇସାରିଛେ ରାଜନୈତିକ ସ୍ୱାଧୀନତା । ମାତ୍ର ସତ କହିବାକୁ ଗଲେ ଶହ ଶହ ବର୍ଷର ଗୋଲାମୀ ପ୍ରବୃତ୍ତିରୁ ଶତପ୍ରତିଶତ ମୁକ୍ତହେବା ସହଜ ହୋଇନାହିଁ । ଶାସନ ପଦ୍ଧତିରେ ଏବେ ମଧ ସଂସ୍କାର ବାକି ରହିଛି, ସେହିଭଳି ଅସ୍ଥି ମଜ୍ଜାଗତ ହୋଇ ରହିଛି ବହୁ ଦୃଶ୍ୟ ଓ ଅଦୃଶ୍ୟ ପ୍ରଥା ଓ ପରମ୍ପରା । ଯେଉଁ ଗୁଳାରେ ଆମ ଦେଶବାସୀଙ୍କୁ ଫିରିଙ୍ଗିମାନେ ନେଉଥିଲେ, ତାହାର ଛାପ ଆମେ ଛାଡ଼ିପାରି ନଥିବାର ନିଶ୍ଚିତ କାରଣ ରହିଛି । ଏଭଳି ଦେଖାଯାଉଛି, ଆଜିର ଦିନରେ ନିଜ ରାଜ୍ୟର ଭାଷା ପଢ଼ାଯାଉଥିବା ଶିକ୍ଷାନୁଷ୍ଠାନ ତୁଳନାରେ ଇଂରେଜି ମାଧ୍ୟମ ବିଦ୍ୟାଳୟର ଆଦର ବହୁ ଅଧିକ । ଅଭିଭାବକମାନେ ଚାହୁଁଛନ୍ତି ସେମାନଙ୍କ ଛୁଆ ଅଧିକ ସ୍ମାର୍ଟ ହେବେ, ଭଲ ଇଂଲିଶ କହିପାରୁଥିବେ । ସେଭଳି ଚାହିଁବାରେ ଅଭିଭାବକମାନଙ୍କର ଭୁଲ୍ ନାହିଁ । କାରଣ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବ୍ୟବହୃତ ଭାଷା ଏବେ ମଧ ବିଦେଶୀ ରହିଛି । ପିଏସ୍‌ସି ପରୀକ୍ଷା ସ୍ଥାନୀୟ ମାତୃଭାଷାରେ କରାଯିବା କଥା ଯେତେବାର କୁହାଯାଉଥିଲେ ସୁଦ୍ଧା ସେଥିରେ ନା' ଅଭିଭାବକ ନା' ପ୍ରତିଯୋଗୀଙ୍କର ରହୁଛି ରଚି କିମ୍ବା ଆଗ୍ରହ । ରାଜ୍ୟ ସରକାର କିଛି ମାସ ତଳେ ଓଡ଼ିଆ ସ୍କୁଲରେ ପଢ଼ି ଭଲ ମାର୍କ ରଖୁଥିବା ପିଲାମାନଙ୍କ ପାଇଁ ଉଚ୍ଚ ବୈଷୟିକ ପରୀକ୍ଷା ପାଇଁ ଆରକ୍ଷଣର ବ୍ୟବସ୍ଥା କରିଛନ୍ତି । ତାହା ହୁଏତ ଏପର୍ଯ୍ୟନ୍ତ ଅଣଦେଖା ରହିଆସିଥିବା ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ସକାଶେ ବରଦାନ ସାବ୍ୟସ୍ତ ହେବ । କିନ୍ତୁ ସାମଗ୍ରିକ ଦୃଷ୍ଟିରୁ ଦେଖାଗଲେ ଇଂଜିନିୟରିଂ ଓ ମେଡିକାଲ କିମ୍ବା ଆର୍କିଟେକ୍‌ଚର ଶିକ୍ଷାରେ ଓଡ଼ିଆ ମାଧମରେ ଶିକ୍ଷିତଙ୍କର ସଫଳତା ହାର କେତେ ? ସବୁ କ୍ଷେତ୍ରରେ ଆମକୁ ବାସ୍ତବତା ସଚେତନ ହୋଇ ପ୍ରାନ୍ତୀୟ ତଥା ଜାତୀୟ ସ୍ୱାର୍ଥରେ ପଦକ୍ଷେପ ନେବା ବିଜ୍ଞତା ହେବ । ଅନେକ ଲକ୍ଷ୍ୟ କରିଥିବେ, ଦିଲ୍ଲୀରେ ଆପ୍ ସରକାରର କିଭଳି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ସ୍କୁଲଗୁଡ଼ିକର ବ୍ୟାପକ ସଂସ୍କାର ଆଣିପାରିଛନ୍ତି । କେଜରିୱାଲ ସରକାର ଭୁଶୁଡ଼ିଯାଇଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକର କୋଠାର ପୁନଃନିର୍ମାଣ ସହ ସରକାରୀ ସ୍କୁଲଗୁଡ଼ିକୁ ଆକର୍ଷଣୀୟ କରି ଗଢ଼ିଛନ୍ତି । ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ହୋଇପାରିଛି ଅଧିକ ଗ୍ରହଣୀୟ । ତାହାକୁ ସାମାନ୍ୟ ବଦଳାଇ ଓଡ଼ିଶା ସରକାର ଯେଉଁ 'ମୋ ସ୍କୁଲ' ଅଭିଯାନ ଆରମ୍ଭ କରିଛନ୍ତି, ତାହା ବୃହତ୍ ଦୂରଗାମୀ ପରିକଳ୍ପନାରୂପୀ ବଟବୃକ୍ଷର ଏକାଂଶ । ଜାତୀୟ ଶିକ୍ଷାନୀତିଠାରୁ ଏହା ପୃଥକ୍ ନୁହେଁ, ମାତ୍ର ଓଡ଼ିଶାର ବଛା ବଛା ବିଦ୍ୟାଳୟରେ ରୂପାନ୍ତରୀକରଣ ପ୍ରକ୍ରିୟାକୁ ଗୁରୁତ୍ୱ ପ୍ରଦାନ ସହ ଶିକ୍ଷାଦାନକୁ ଅଧିକ ଆନନ୍ଦଦାୟକ କରାଇବା ଦିଗରେ ସଫଳ ପ୍ରୟାସ ବୋଲି କୁହାଯାଇପାରୁଛି । ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ପୁରାତନ ଛାତ୍ରମାନେ ଯିଏ ଯେଉଁଠି ଉଚ୍ଚ ପଦବୀରେ ରହି ସ୍ୱଚ୍ଛଳ ଜୀବନ ବିତାଉଛନ୍ତି, ସେମାନଙ୍କୁ 'ମୋ ସ୍କୁଲ' ଅଭିଯାନରେ ବ୍ୟାପକ ରୂପରେ ସାମିଲ କରାଯାଉଛି । ଦେଶ ବିଦେଶରେ ବଡ଼ ବଡ଼ କମ୍ପାନିରେ କାର୍ଯ୍ୟ କରୁଛନ୍ତି କିମ୍ବା ନିଜେ କର୍ପୋରେଟ୍ ମାଲିକ ହୋଇଛନ୍ତି, ସେମାନଙ୍କୁ ପୁରୁଣା ଦିନର ଅନୁଷ୍ଠାନର ଉନ୍ନତିରେ ସାମିଲ କରାଯିବା ଜରିଆରେ ଅନୁଷ୍ଠାନ ପ୍ରତି ସେମାନଙ୍କ ମମତ୍ୱବୋଧକୁ ସ୍ୱୀକୃତି ଦିଆଯିବ । 'ମୋ ସ୍କୁଲ' ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଏକ ଅଭିଯାନ । ବାହାରେ ରହୁଥିବା ଉଚ୍ଚ ଶିକ୍ଷିତମାନଙ୍କଠାରୁ ସାହାଯ୍ୟ ଗ୍ରହଣ କେବଳ ନୁହେଁ, ସେମାନଙ୍କ ରଚି ରହିଥିବା ବିଷୟକୁ ପ୍ରାଥମିକତା ଦେଇ ଅଗ୍ରସର ହେବାକୁ ପ୍ରୟାସ ହେଉଛି । କାହାର ଖେଳ ପାଇଁ, ଆଉ କାହାର ଭଲ ଲାଇବ୍ରେରୀ ପାଇଁ ରଚି ରହିଥାଇପାରେ । ତାଙ୍କ ସହାୟତା ଧନରାଶିରେ ପ୍ରିୟ ଅନୁଷ୍ଠାନରେ ମନମୁତାବକ ବ୍ୟବସ୍ଥା କରାଯିବା ସହଜ ହୋଇପାରିବ । ସହଭାଗିତାର ସର୍ତ୍ତ ହେଉଛି, ବ୍ୟକ୍ତି ଯାହା ଧନରାଶି ଦେବେ ତାହାର ଅଧିକ ଦୁଇଗୁଣା ଧନ ଦେବେ ରାଜ୍ୟ ସରକାର । ପଚାଶ ହଜାର ଦେଲେ ସରକାର ମ୍ୟାଚିଂ ଧନ ଦେବେ ଏକ ଲକ୍ଷ । ସବୁ ମିଶିଲେ ହେଲା ଦେଢ଼ଲକ୍ଷ । ଏହିଭଳି ଦଶହଜାରଠାରୁ ଆରମ୍ଭକରି ଆରମ୍ଭ କରି ସାମର୍ଥ୍ୟ ଦେଖି ଯିଏ ଯାହା ଦେଲେ ତାହାର ମ୍ୟାଚିଂ ଧନ ସରକାର ଦେଇ ଅନୁଷ୍ଠାନର କାୟାକଳ୍ପ ବଦଳାଇବାରେ 'ମୋ ସ୍କୁଲ' ଅଭିଯାନକୁ ଏକ ବୃହତ୍ ଆନ୍ଦୋଳନରେ ପରିଣତ କରିବାର ଦୃଷ୍ଟାନ୍ତ ରଖିବାକୁ ଯାଉଛନ୍ତି । ଦେଶର ବିଭିନ୍ନ ରାଜ୍ୟରେ ସ୍ଥାନୀୟ ଆବଶ୍ୟକତାକୁ ଦେଖି ସରକାରମାନେ ଯେଉଁ ମଡେଲ ଆପଣାଉଥିଲେ ସୁଦ୍ଧା ଭାବୀ ନାଗରିକମାନଙ୍କ ସକାଶେ ସହଭାଗିତା ଆଧାରରେ ଶିକ୍ଷାପ୍ରସାର ଭଳି ସୁବିଧାଜନକ ଉପାୟ ନାହିଁ କହିଲେ ଚଳେ । ଶିକ୍ଷାଜଗତରେ କ୍ରାନ୍ତି ଆଣିବାକୁ ହେଲେ ଅନ୍ୟ ଭଳି ସହଭାଗିତା ଆଉ ଗୋଟିଏ ଉପାୟ ଭାବେ ଧରାଯାଇପାରେ । ମାନ୍ଧାତା ଅମଳର ଶିକ୍ଷାର ଅପ୍ରାସଙ୍ଗିକତାକୁ ହଟାଇ ସମାଜ ବ୍ୟବସ୍ଥାକୁ ଅଗ୍ରସର କରାଇବାକୁ ହେଲେ ଏହା ଉପଯୁକ୍ତ ମାର୍ଗ ।

## ସାମ୍ପ୍ରତିକ ସମୟବୋଧ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି ।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି । ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି ।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ । ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି । ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି ।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ । ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ । ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର-୭୬୦୦୦୭
(ମୋ) ୮୮୯୫୧୪୧୭୨୭

## ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ସମାଜ



ମୀରା ବେଉରା

'ମୂକମ୍ କରୋତି ବାଚାଳମ୍
ପଙ୍ଗୁଲଙ୍ଘୟତେ ଗିରି
ଯତ୍‌କୃପା ତ୍ୱମହଂ ବନ୍ଦେ
ପରମାନନ୍ଦ ମାଧବ' ।

ଅର୍ଥାତ୍ ଗୁରୁ ମୂକକୁ ବାଚାଳ କରେ, ଗୁରୁ କୃପା କଲେ ମୂକ ମଧ ବାଚାଳ ପରି କଥା କହେ ଏବଂ ପଙ୍ଗୁ ମଧ ଗୁରୁଙ୍କ କୃପାରେ ଗିରି ଲଙ୍ଘନ କରିବାକୁ ସକ୍ଷମ ହୁଏ। ଗୁରୁଙ୍କ କୃପା ଯାହା ଉପରେ ଥାଏ ସେ କଦାପି ଜୀବନ ଯୁଦ୍ଧରେ ବିଫଳ ହୁଏ ନାହିଁ। ସଫଳତା ତା'ର ପଛେ ପଛେ ତାକୁ ଅନୁଧାବନ କରେ। ଶିକ୍ଷକମାନଙ୍କର ଅଥବା ଗୁରୁମାନଙ୍କ ଭୂମିକା ଆମ୍ଭମାନଙ୍କ ଜୀବନର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଏହି ଗୁରୁମାନଙ୍କଠାରୁ କେବଳ ବିଦ୍ୟାଳୟ ମହାବିଦ୍ୟାଳୟରେ ଶିକ୍ଷା ପାଇନଥାଉ ବରଂ ଜୀବନରେ ସଫଳତାର ସହ ବଞ୍ଚିବା ପାଇଁ ଯେଉଁ ନୈତିକ ମୂଲ୍ୟବୋଧ, ସାମାଜିକ ପ୍ରତିଶ୍ରୁତି ବଦ୍ଧତା, ସଦ୍ ଗୁଣାବଳୀ ଏବଂ ସତ୍ ବ୍ୟବହାରର ଆବଶ୍ୟକତା ହୁଏ ତାହା କେବଳ ଗୁରୁ ହିଁ ପରିପୂରଣ କରିଥାଁ। ଜଣେ ଗୁରୁଙ୍କ ପାଖରେ ଏତେ ଶକ୍ତି ଅଛି ଯେ ସେ ଆମକୁ ଅନ୍ଧକାରରୁ ଆଲୋକକୁ ଏବଂ ଅଜ୍ଞାନରୁ ଜ୍ଞାନଲୋକ ଆଡ଼କୁ ନେଇ ଯାଇଥାଁ। ସେମାନଙ୍କ ଭିତରେ ଅସୀମ ଶକ୍ତି ଥାଏ ଯେଉଁ ଶକ୍ତି କି ଆମ ଜୀବନକୁ ପରିବର୍ତ୍ତନ କରି ଆମ ଭିତରେ ଜ୍ଞାନର ଉପଲବ୍ଧି ଭରି ଦେଇଥାଏ। ଗୁରୁଙ୍କୁ ସମ୍ମାନ ଦେବା ଦ୍ୱାରା ଗୁରୁଙ୍କ କୃପା ପାଇ ଜୀବନରେ ସଫତଳା ପ୍ରାପ୍ତ କରିଥାଉ। ଆମ ଦେଶରେ ପାଞ୍ଚ ସେପ୍ଟେମ୍ବର ଦିନ ଦେଶର ପୂର୍ବତନ ରାଷ୍ଟ୍ରପ୍ରତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସକୁ ଆମେ ଗୁରୁଦିବସ ରୂପେ ପାଳନ କରିଥାଉ। ସେ ଜଣେ ଆଦର୍ଶ ଗୁରୁଥିଲେ।

ପ୍ରକୃତରେ ଗୁରୁ ହିଁ କଷ୍ଟ ପାଠକୁ ଅତି ସହଜ ଏବଂ ସରଳଭାବରେ ଛାତ୍ର ପାଖରେ ପହଁଞ୍ଚାଇଥାଆନ୍ତି। ଆମ୍ଭମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟା ଦେଖାଯାଏ, ଆମ ଜୀବନକୁ ସରଳ, ସରସ, ସୁନ୍ଦର କରି ଏହି ଗୁରୁ ହିଁ ବଞ୍ଚିବାର କଳା ଆମକୁ ଶିଖାଇ ଆମ ଜୀବନର ପଥପଦର୍ଶକ ସାଜିଥାନ୍ତି। ଗୁରୁ ସବୁବେଳେ ଶିଷ୍ୟକୁ ଆଗକୁ ଯିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି। ଛାତ୍ରମାନଙ୍କୁ ବିଭିନ୍ନ ପ୍ରୋତ୍ସାହିତ ପୂର୍ଣ୍ଣ ଶବ୍ଦ ପ୍ରୟୋଗ କରି ଆଗକୁ ପ୍ରେରିତ କରିଥାଁ। ଜୀବନରେ ପ୍ରତିଟି ପାହାଚରେ କେବଳ ଗୁରୁଙ୍କ ଆଶୀର୍ବାଦ ହିଁ ଆମକୁ ସଫଳତା ପାଇବା ପଛରେ କାର୍ଯ୍ୟ କରିଥାଏ। ଆତ୍ମବିଶ୍ୱାସର ମି ହିଁ ଏହି ଗୁରୁ ରୋପଣ କରିଥାନ୍ତି ଛାତ୍ରମାନଙ୍କ ହୃଦୟରେ। ପ୍ରକୃତରେ ଗୁରୁ ହେଉଛନ୍ତି ଏ ସମାଜର, ଏ ରାଷ୍ଟ୍ରର ପ୍ରକୃତ ନିର୍ମାତା। They are the red builder of the society. କୋଠାରୀ କମିଶନ ମଧ କହେ ରାଷ୍ଟ୍ର ନିର୍ମାଣ ହୁଏ ଶ୍ରେଣୀ ଗୃହରେ। The Destiny of the nation build in a classroom. ଶିକ୍ଷକତା ଏଭଳି ଏକ ବୃତ୍ତି ଯେଉଁ ବୃତ୍ତିକୁ କି ଆଧାର କରି ଜଣେ ଶିକ୍ଷକ ଇନିୟର, ଡାକ୍ତର, ସୈନିକ, ପୋଲିସ ଅଫିସର, କୃଷକ, ବୈଜ୍ଞାନିକ, ନ୍ୟାୟାଧୀଶ ଆଦି ଅନେକ ବୃତ୍ତିଧାରୀ ଲୋକଙ୍କୁ ନିର୍ମାଣ କରିବାକୁ ସକ୍ଷମ ହୋଇଥାନ୍ତି। ଗୁରୁ ତାଙ୍କର ଜ୍ଞାନ, ଅଧ୍ୟବସାୟ, ନିଷ୍ଠା, ସାଧନା, ଆଦର୍ଶ, ବ୍ୟବହାର ମାଧ୍ୟମରେ ଗୋଟିଏ ଉତ୍ତମ ଛାତ୍ର ଗଠନ କରିବାକୁ ସକ୍ଷମ ହୋଇଥାଏ। ଯୁଗେ ଯୁଗେ ଗୁରୁ ଅମର ଗୁରୁ ପୁଣି ବ୍ରହ୍ମା, ଗୁରୁ ପୁଣି ବିଷ୍ଣୁ ଗୁରୁ ସାକ୍ଷାତ୍ ପରମେଶ୍ୱର। ଗୁରୁସାକ୍ଷାତ୍ ପରମବ୍ରହ୍ମ, ତସୈଶ୍ରୀ ଗୁରୁବେ ନମଃ। ଶ୍ରୀକୃଷ୍ଣଙ୍କ ଗୁରୁ ଥିଲେ ଗୁରୁ ସନ୍ଦୀପନି। ପ୍ରଭୁ ଶ୍ରୀରାମଙ୍କ ଗୁରୁଥିଲେ ମହର୍ଷି ବଶିଷ୍ଠ। ଅଷ୍ଟବକ୍ର ଥିଲେ ଜନକଙ୍କ ଗୁରୁ। ଗୁରୁ ଦ୍ରୋଣାଚାର୍ଯ୍ୟ ଥିଲେ ଏକଲବ୍ୟଙ୍କ ଗୁରୁ। ସକ୍ରେଟିସ୍ ଥିଲେ ପ୍ଲାଟୋଙ୍କ ଗୁରୁ। ପ୍ରକୃତରେ ଗୁରୁ ହିଁ ସାକ୍ଷାତ ଈଶ୍ୱର। ଯଦି ଗୁରୁ ଏବଂ ଈଶ୍ୱର ଏକାଠି ରହିଛନ୍ତି। ତେବେ ଗୁରୁଙ୍କୁ ପ୍ରଥମେ ପ୍ରଣାମ କରିବାକୁ ହେବ। ପ୍ରଚଣ୍ଡ ଗୁରୁ ପ୍ରତିଭାର ଅଧିକାରୀ ଥିଲେ ଆମ ଦେଶର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଦର୍ଶନ ଶାସ୍ତ୍ରରେ ଉଚ୍ଚତର ଶିକ୍ଷାଲାଭ କରି ଅଧ୍ୟାପକ ଭାବେ ତାଙ୍କର ପ୍ରଥମ କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଅଧ୍ୟାପକ ଥିବା ସମୟରେ ସେ ଦୁଃଖୀ, ଦରିଦ୍ର, ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ବହିପତ୍ର, ପୋଷାକ, କିଣି ଦେଉଥିଲେ। ତାଙ୍କର ଜୀବନ ଅତ୍ୟନ୍ତ ସରଳ ଥିଲା। ପୃଥିବୀର ବିଭିନ୍ନ ଦେଶ ଭ୍ରମଣ କରି ହିନ୍ଦୁଧର୍ମ ତଥା ଭାରତୀୟ ସଂସ୍କୃତିର ମହାନତା ବିଷୟରେ ପ୍ରଚାର କରିଥିଲେ। ସେ ଥିଲେ ଶାନ୍ତିପ୍ରିୟ। ସମଗ୍ର ବସୁଧାକୁ ଗୋଟିଏ ପରିବାର ରୂପରେ ଦେଖୁଥିବା ଭାରତମାତାର ସେ ଥିଲେ ଜଣେ ସୁଯୋଗ୍ୟ ସନ୍ତାନ। ପ୍ରକୃତରେ ସେହିଁ ଥିଲେ ଜଣେ ମିଷ୍ଟଭାଷୀ, ଗର୍ବଶୂନ୍ୟ, ଅହଂକାର ଶୂନ୍ୟ, ମାନବପ୍ରେମୀ ମଣିଷ ଯିଏ କି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଜୀବନ ଚିନ୍ତା କରିଥିଲେ। ଭାରତବର୍ଷର ସେ ଥିଲେ ଏକମାତ୍ର ବ୍ୟକ୍ତିତ୍ୱ ଯିଏକି ଜଣେ ସାଧାରଣ ଶିକ୍ଷକରୁ ରାଷ୍ଟ୍ରପତି ପଦ ଅଳଙ୍କୃତ କରି ମଧ ନିଜକୁ ଶିକ୍ଷକ ରୂପେ ପରିଚୟ ଦେବାକୁ ଖୁବ୍ ଭଲ ପାଉଥିଲେ। ଆଜି ଯଦିଓ ଏହି ମାନବପ୍ରେମୀ ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପ୍ରତି ନାହାଁନ୍ତି କିନ୍ତୁ ତାଙ୍କ ସାଧନା, ସଂକଳ୍ପବଦ୍ଧତା, ତାଙ୍କର ଛାତ୍ରବତ୍ସଳତା ତାଙ୍କୁ ସବୁଦିନ ଏହି ଭାରତ ବର୍ଷରେ ଅମର କରି ରଖିବ।

ସତରେ ଜୀବନର ଘଡ଼ି ସନ୍ଧି ମୁହୂର୍ତ୍ତରେ ଆମକୁ ପ୍ରେରଣା ଦିଅନ୍ତି ଏହି ଶିକ୍ଷକ ସମାଜ। ସମସ୍ତ ଛାତ୍ର ହେଉଛନ୍ତି ଗୋଟିଏ ଗୋଟିଏ ପଥର ସଦୃଶ। ତାଙ୍କୁ ସୁନ୍ଦର ମୂର୍ତ୍ତିରେ ପରିଣତ କରନ୍ତି ଏହି ଶିକ୍ଷକ। ଗୋଟିଏ ପିଢ଼ିରୁ ଆଗଧାଡ଼ିକୁ ଜ୍ଞାନ ଦେବାର ଦାୟିତ୍ୱ ହେଉଛି ଶିକ୍ଷକ ସମାଜର, ଛାତ୍ରକୁ ତାର ଲକ୍ଷ୍ୟ ସମ୍ପର୍କରେ ସଚେତନ କରି ତାର ଲକ୍ଷ୍ୟସ୍ଥଳରେ ପହଁଞ୍ଚାଇବାର ଗୁରୁଦାୟିତ୍ୱ ହେଉଛି ଶିକ୍ଷକମାଙ୍କର। ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରି ତାଙ୍କୁ ସମାଜର ଉନ୍ନତିପଥରେ ଆଗେଇ ନିଅନ୍ତି ଏହି ଶିକ୍ଷକ ସମାଜ। ପ୍ରଥମେ ପିଲାଟି ତାର ପରିବେଶରୁ ହିଁ ଶିକ୍ଷାଲାଭ କରିଥାଏ। ଜୀବନରେ ପିତାଙ୍କର ଗୁରୁତ୍ୱ ଯେତିକି ଅଛି, ଶିକ୍ଷକର ମଧ ଆବଶ୍ୟକତା ଠିକ୍ ସେତିକି ଅଛି।


ପ୍ରତ୍ୟେକ ଶିକ୍ଷକ ହେଉଛନ୍ତି ଆମର ବନ୍ଧୁ, ଦାର୍ଶନିକ ଏବଂ ପଥପ୍ରଦର୍ଶକ। They are friend, philosopher and guide । ଶିକ୍ଷକମାନେ ହିଁ ହେଉଛନ୍ତ ପ୍ରକୃତ ମହାନ ପ୍ରତିରୂପ। ଅର୍ଥାତ୍ Teacher's are great role model before students. ଆଜି ଆମେ ଜାଣିବା ଉଚିତ୍ ଯେ କେବଳ ଶିକ୍ଷା ହିଁ ଦେଶର ତଥା ସମାଜର, ଛାତ୍ରଛାତ୍ରୀମାନଙ୍କର ଆର୍ଥିକ, ନୈତିକ, ସାମାଜିକ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୋଇଥାଏ। ଆମ ଜୀବନକୁ ସଜାଡ଼ି ଆମକୁ ଉଚ୍ଚତମ ସୋପାନକୁ ନେଇଯିବାର ଭୂମିକା କେବଳ ଉତ୍ତମ ଶିକ୍ଷକମାନେ ହିଁ କରିଥାନ୍ତି। ଭଲ ମଣିଷ ତିଆରି କରିବାର ଭୂମିକା ମଧ ଏହି ଶିକ୍ଷକ ସମାଜ ହାତରେ ନ୍ୟସ୍ତ ଥାଏ। ପ୍ରକୃତରେ ଶିକ୍ଷକମାନେ ହେଉଛନ୍ତି। ଏ ରାଷ୍ଟ୍ରର ତଥା ଆମ ସମାଜର ପ୍ରକୃତ ନିର୍ମାଣକର୍ତ୍ତା।–ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ-

A Teacher has to help the bud
not to make paper flower
to satisfied his whim."

+ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି
ତୁଳସୀପୁର, କଟକ
(ମୋ)୯୮୫୩୩୫୦୩୮୪

## ମାନବବାଦୀ ସଂଗଠନର ମାନବିକତା


ସୁବ୍ରତ କର



ଖୁବ ଭଲ ହେଇଛି, ଏହି ସଂଗଠନର ଚେର ଆମ ଜିଲ୍ଲା ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ । ଖବରନୁସାରେ ଏହି ସଂଗଠନ ଖୋର୍ଦ୍ଧା ଜିଲ୍ଲାଠାରୁ ଅନୁଗୁଳ ପର୍ଯ୍ୟନ୍ତ ବିସ୍ତାରିତ । ପ୍ରଥମ କଥା ହେଲା ଏହି ସଂଗଠନର ଉଦ୍ଦେଶ୍ୟ କ'ଣ ? କାରଣ ପ୍ରତ୍ୟେକ ସଂଗଠନର ଗୋଟାଏ ସମାଜ ପାଇଁ ତା ଲୋକଙ୍କ ପାଇଁ କିଛି ଭଲ କରିବା ପାଇଁ ଥାଏ । କିଛି ଭଲ ଉଦ୍ଦେଶ୍ୟ ନେଇ ସଂଗଠନ ତିଆରି ହୋଇଥାଏ । କିନ୍ତୁ ଏହି ସଂଗଠନର କାର୍ଯ୍ୟକଳାପ ମାନବବାଦୀର ଠିକ ଓଲଟା ଏବଂ ଭଲ କରିବା ଦୂରେ ଥାଉ ଲୋକଙ୍କର ଖରାପ କରିବା, ଲୋକଙ୍କଠୁ ହଇରାଣ ହରକତ୍ କରିବା ସେ ପୁରି ବିଶେଷ ଭାବରେ ଆଦିବାସି ଲୋକ ଏବଂ ଗରିବଙ୍କ ଉପରେ । ତାଙ୍କ କଥାକୁ ନ ମାନିଲେ ପ୍ରାଣରୁ ମାରିଦେବା ପାଇଁ ମଧ ପଛାନ୍ତି ନାହିଁ । ଏହି ସଂଗଠନ ୨୦୧୦-୧୧ ଠାରୁ ଆରମ୍ଭ ହୋଇଥିଲେ ମଧ ଏବେ ପୁଲିସର ନଜରକୁ ଆସିଛି । ଏହି ୧୧ବର୍ଷ ପୁଲିସ କରୁଥିଲା କଣ ବା ସରକାର ? ଏହି ସଂସ୍ଥା ଏତେଦିନ ଲୋକ, ପୁଲିସ ଏବଂ ସରକାରଙ୍କ ନଜରରେ ପଡ଼ି ନଥିଲା କେମିତି ? ଏମାନେ ଗରିବ ଏବଂ ଆଦିବାସୀଙ୍କ ଉପରେ ନିଜ ଖୁସୀମୁତାବକ ଅତ୍ୟାଚାର କରିଆସୁଥିଲେ, ପଇସା ଲୁଟୁଥିଲେ । ବାପ, ପୁଅ କିଛି ଲୋକଙ୍କୁ ଧରି ଏତେବର୍ଷ ଧରି ଏହିସବୁ କାମ କରିଆସୁଥିଲେ । ଏମାନେ କାହାର ବାହୁଛାୟା ତଳେ ରହି ଏହି ସବୁ କରି ଆସୁଥିଲେ । କିନ୍ତୁ ସମସ୍ତଙ୍କର ସବୁକାମ ସରକାରଙ୍କ ଦ୍ୱାରା ଚଳେନାହିଁ । ଆମର ଆରାଧ ଦେବତା ଜଗନ୍ନାଥଙ୍କ ଇଚ୍ଛାରେ ଚଳେ । ସରକାରଙ୍କ ଦୃଷ୍ଟି ନୁହେଁ ଜଗନ୍ନାଥଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ବାପ, ପୁଅ ଜେଲ ଭିତରେ ଏବଂ ସରକାର, ପୁଲିସ ସବୁ ହରଡ଼ଘଣାରେ ଜୋର କରି ସଂଗଠନର ସଭ୍ୟ ହେଉ ବା ନହେଉ ଲୋକଙ୍କ ଠାରୁ ଚାନ୍ଦା ଆଦାୟ ହେଉଥିଲା ଏବଂ ଏହି ଚାନ୍ଦା ଟଙ୍କାରେ ଦଳର କଛି ଉପରିସ୍ଥ ଲୋକ ଆଦାୟ କରୁଥିଲେ । ଏହି ସବୁ କାର୍ଯ୍ୟକଳାପ ସରକାରଙ୍କ ଦୃଷ୍ଟିଗୋଚର ହେଉ ନଥିଲା କେମିତି ? ଖୋର୍ଦ୍ଧା ଜିଲ୍ଲାରେ ଦାୟିତ୍ୱରେ ଥିବା ଅଫିସର ମାନେ କ'ଣ ଏ ବିଷୟରେ ଜାଣିଥିଲେ ? ନାଁ ଜାଣିଶୁଣି ଗୋଟାଏ ବୁଝାମଣାରେ ଚାଲୁଥିଲା । ଏବେ ମନେ ହେଉଛି ସରକାର ଜାଗ୍ରତ ହୋଇଛନ୍ତି ଏବଂ ଜିଲ୍ଲାରେ ଶାସନରେ ଥିବା ଲୋକମାନଙ୍କ ପାଇଁ ଏକ ଆହ୍ୱାନ ହୋଇ ଛିଡ଼ି ଯାଇଛି । ଦେଖିବା, ପରେ ପରେ କ'ଣ ହେଉଛି ।







### ଅଲୋଡ଼ା କବିତା

ସୁଧାକର ରାଉତ

ତୁମ ପାଇଁ ସବୁ ତିଆଗିଣ ଏବେ
ହୋଇଯାଇ ଅଛି କବି
ତୁମ ଆକାଶର ତାରା ଫୁଲ ଗଣେ
ଏକାନ୍ତରେ ଭାବି ଭାବି ।
କିଏ କହେ ଇଏ କି କବିତା ତୁମ
ଏ ଅତିକ୍ରାନ୍ତ ବୟସେ
କେ ପୁଣି ତାଚ୍ଛଲ୍ୟ କରି ମନେ ମଧେ
ମୁରୁକି ମୁରୁକି ହସେ ।
କେ ପୁଣି ପ୍ରବୋଧ ସ୍ୱତଃସ୍ଫୂର୍ତ୍ତ ଭାବେ
ପ୍ରକାଶ ମନ ଭାବନା
ଲେଖିଚାଲେ ବନ୍ଧୁ ଅସରା କଲମେ
କିଏ ସେ କରୁଛି ମନା ।
କେ କହେ ଯୁବକ ସୁଲଭ ମନଟି
ଯେବେ ହୁଏ ଛଟପଟ
ଅବ୍ୟକ୍ତ ଭାଷାକୁ ପ୍ରକାଶ କରିଲେ
କେ ବା କରିବ ଆକଟ ।
ବନ୍ଧୁ ପରିଜନ ଆତ୍ମୀୟ ସ୍ୱଜନ
ଦେଖିଣ ଏମନ୍ତ ରୀତି
ବୃଦ୍ଧ କାଳେ ବାଲ୍ୟଲୀଳା ମନ୍ତବ୍ୟରେ
ଶୁଣି ଲାଗେ ଭାରି ଭୀତି ।
ମୋର ପୂର୍ବତନ ଶିଷ୍ୟ ଶିଷ୍ୟାଗଣ
ଦିଅନ୍ତି ଯେ ପ୍ରୋତ୍ସାହନ
କହନ୍ତି ଅନ୍ଧାର ବିନା ଆଲୋକର
ଅଛି କି ବା ପ୍ରୟୋଜନ ।
ଆଲୋଚନା ସମାଲୋଚନା ଉପେକ୍ଷା
କରି କାଗଜ ଘାସରେ
ଶବ୍ଦର ଶିଶିର ମନା କାଶୁ ଖସେ
ଦେଇ ଆଶ୍ୱାସନା ମୋରେ ।

+ ପ୍ରତାପ ନଗରୀ, କଟକ
(ମେ)୮୨୪୯୯୩୨୭୯୨

### ଗୀତା ମହତ

ଈଶ୍ୱର ମଙ୍ଗରାଜ

ଗୀତା ମହତ କିଏ ବୁଝିଛି
ଯେ ଜାଣିଛି କୁହ ସତ
ଧନ ଯୌବନ ଆତ୍ମା ବଡିମା
କ୍ଷଣ ସ୍ଥାୟୀ ହୁଏ ପ୍ରାପ୍ତ ।

ଭାଇଭଉଣୀ ମଦ୍ଧେ ସଂପର୍କ
ଗରିବ ଧନୀ ପାର୍ଥକ
ଜଗା କଥା ବଲିଆ ନିର୍ଥକ
ତାର ଜାଣେ ସେଟି ଏକ ।

ସୁଭଦ୍ରା ଦୁଇ ଭାଇର ଭଗ୍ନୀ
ଭଉଣି ନେଇଟି ପର୍ବ
ଏବେ ଭଉଣୀ ସ୍ୱାମୀ ମଗ୍ନ
ତାଙ୍କ ଧନ ଯୋଗୁ ଗର୍ବ ।

ଗୀତା ବର୍ଣ୍ଣିନ୍ ଧର୍ମ ବୃତ୍ତାନ୍ତ
ମଣିଷ କେଉଁଠି ସତ
ଧନ ମାନ ଯୋଗୁ ହନ୍ତ ସନ୍ତ
ଆତ୍ମ ସମୀକ୍ଷାଟି ପ୍ରାପ୍ତ ।
ମୁଁ ରାଜା ଈଶ୍ୱର
ପୁତ ଓଡ଼ିଶାର

+ ଖୋର୍ଦ୍ଧା
(ମୋ)୭୯୭୮୭୩୦୨୧୭

### ପୂର୍ଣ୍ଣ ବ୍ରହ୍ମ ତୁମେ

ସୁମନା ସୁଲୋଚନା

ପୂର୍ଣ୍ଣ ବ୍ରହ୍ମ ତୁମେ ଆକାର ସାକାର
ପରଂ ବ୍ରହ୍ମ ପରଂ ଜ୍ୟୋତି
ଓଁ କାର ତୁମେ ହିଁ ଜପ ତପ ଧ୍ୱନି
ବେଦ ଶବ୍ଦରୁ ଉତ୍ପତ୍ତି ।

କାଳର କରାଳ କାଳଜୟୀ ଖେଳ
କଳ୍କୀର ଅବତାର
ତ୍ରାହି ତ୍ରାହି ଶବ୍ଦେ ବିଶ୍ୱ ପ୍ରକମ୍ପିତେ
ଶୂନ୍ୟେ ହେଉଛି ସଂହାର।

ଶୂନ୍ୟର ଗଗନେ ମେଘର ଗର୍ଜନେ
ଉଦ୍ ଗାରେ ଜଳ ଧାରା
ବାରିଧିର ସଙ୍ଗେ ପବନର ବେଗେ
ବ୍ରଜାୟୁଧେ ଜଳଧାରା ।

ପ୍ରକୃତି ତାଣ୍ଡବ ମାନବର କାଣ୍ଡ
ଚତୁର୍ଦ୍ଦିଗେ ହାହାକାର
(ହେ) ନିରାମୟ ବ୍ରହ୍ମ
ହୋଇ ଆବିର୍ଭାବ
ପାପ ପଙ୍କରୁ ଉଦ୍ଧାର ।

ନିସ୍ୱ ତୁମ ବିଶ୍ୱ ତୁମେହିଁ ସର୍ବସ୍ୱ
ନାହିଁ ତୁମ ଆଦି ଅନ୍ତ
ସର୍ବ ପରିବ୍ୟାପ୍ତ ନାହିଁ ହେ ସମାପ୍ତ
ପାଦ ପଦ୍ମେ ନତ ମସ୍ତ ।

+ ବେଣିପୁର, କେନ୍ଦ୍ରାପଡ଼ା
(ମୋ) ୭୨୦୫୬୯୭୫୭୪

### କେହି ନୁହେଁ କାହାର

ଝରଣା ବାରିକ

ପୁଅ ଜନ୍ମ କଲି ଝିଅ ଜନ୍ମ କଲି
ହେଇଗଲି ଗୋଟେ ବାପ,
ନିଜ ହାତେ ତାଙ୍କ ସଂସାର ଧରେଇ
କରି ଦେଲି ବଡ଼ ପାପ।

ଝିଅ ଚାଲିଗଲା ସ୍ୱାମୀ ସାଥେ ତାର
ରହିଗଲା ଶାଶୁ ଘରେ,
ପୁଅ ବୋହୂ ଯାଇ ଅଲଗା ରହିଲେ
ସୁବିଧା ରେ ଭଡ଼ା ଘରେ।

ମୋବାଇଲ ଟିଏ ଦେଇଥିଲା ଝିଅ
ବୁଝେ ଆମ ଭଲ ମନ୍ଦ,
କହି ହୁଏନାହିଁ ସହି ହୁଏନାହିଁ
ଆସେ ନାହିଁ ଯମା କାନ୍ଦ।

ବୁଢ଼ୀ ଅଛି ବୋଲି ଜୀବନ ଟା ମୋର
ଲାଗଇ ଅମୃତ ପରି,
ଅମୂଲ୍ୟ ସମ୍ପଦ ସିଏ ମୋ ପାଇଁ
କିଏ ହେବ ତା'ର ସରି।

କେହି ନୁହେଁ ଏଠି କାହାର ହେ ବନ୍ଧୁ
ସବୁ ତ ମାୟାରେ ବାୟା,
ଦୁହେଁ ତ ନିଜର ଏଇ ଦୁନିଆଁ ରେ
ଜନନୀ ନହେଲେ ଜାୟା।

+ ସମଲ, ତାଳଚେର, ଅନୁଗୋଳ
(ମୋ)୯୫୫୬୮୪୬୯୩୨

### ଚିଠିରେ ଠିକଣା

ଶାନ୍ତନୁ କୁମାର ସର



ମୁଁ ହଠାତ ଦେଖିଲି
ମୋର ଅନ୍ତରଙ୍ଗ ଚିଠିସବୁ
ଛିନ୍‌ଭିନ ହୋଇ ପଡିଛନ୍ତି
ବିପର୍ଯ୍ୟସ୍ତ ଫୁଲ ବଗିଚାରେ ।
ରକ୍ତର ଉଷ୍ମତା ଯେବେ ଶବ୍ଦ ଖୋଜେ
ମନର ଅଗଣାରେ ଅପ୍ରାପ୍ତିର ଦୀର୍ଘଶ୍ୱାସ,
ଯେବେ ହଜିଯାଏ ଆବେଗର
ନୀଳ ଆବର୍ତ୍ତରେ
କେତେବେଳେ ପ୍ରାପ୍ତିର ପୁଲକରେ
ଭିଜିଯାଏ ସମଗ୍ର ଶରୀର
ସ୍ୱପ୍ନମୟ ଆକାଶରେ ଦିଶେ
ଖାଲି ଇନ୍ଦ୍ରଧନୁ
ସୁରଭିତ କାମନାର ନୀଳ ଇସ୍ତାହାର ।

ସେତେବେଳେ ଚିଠି ମୋର
ଭରିଯାଏ ଏହିପରି କମନୀୟ
ଶବ୍ଦର ଧାଡିରେ,
ମୁଁ ଯେତେବେଳେ ତୋଳିବାକୁ
ଚେଷ୍ଟା କରେ ପାରିଜାତ
କମନୀୟ ରୂପଶ୍ରୀର ଦିବ୍ୟ ରୂପାନ୍ତର,
ସେତେବେଳେ ମୋ ଚିଠିର
ସ୍ୱପ୍ନିଳ ପୃଷ୍ଠାରେ
ବୋହିଯାଏ ଏହିପରି ଶବ୍ଦ ଶବ୍ଦାନ୍ତର ।
ଯେତେବେଳେ ଚାଲୁଥାଏ
ଜୀବନ୍ତ କେନ୍ଦ୍ରରୁ
ପ୍ରାପ୍ତିର ପ୍ରଲମ୍ବିତ ପରିଧି ପର୍ଯ୍ୟନ୍ତ
ସେତେବେଳେ କେଉଁ
ଦୂର ଗହନବନରୁ
ପୁଲକିତ ଶବ୍ଦମାନେ ଭାସିଯାନ୍ତି ମୋ
ଚିଠି ପୃଷ୍ଠାରେ ।
କୁହୁକ ରୁମାଲ ପରି ଚିଠି ମୋର
ଖୋଜିବୁଲେ ପ୍ରାପକ ଠିକଣା
ଡେଇଁ ଡେଇଁ କାଶତଣ୍ଡି ବଣ,
ପ୍ରୀତିର ଶ୍ରାବଣ
ଓ ଯେତେସବୁ ଲକ୍ଷ୍ମଣର ଗାର ।
ମୁଁ ଜାଣେନା ଯା ପାଇଁ ଚିଠି ସବୁ
ସେ ଏବେ ସୂକ୍ଷ୍ମ ଅବା ସ୍ଥୂଳ ଶରୀରରେ
ଚିଠିରେ ସେ ପ୍ରାଣକେନ୍ଦ୍ର
ସୁରଭିତ କାମନାର ରୋମାଞ୍ଚିତ ସ୍ୱର ।
ଚିଠିର ଅକ୍ଷର ସବୁ କମ୍ପିତ ଅଧର
ପରି ଛଟପଟ ଅବ୍ୟକ୍ତ ମୋହରେ,
ବିପର୍ଯ୍ୟସ୍ତ ବଗିଚାରୁ ଚିଠିର ଶବ୍ଦସବୁ
ବାଷ୍ପୀଭୂତ ହୋଇଯିବେ ଆକାଶର
ଅନନ୍ତ ବ୍ୟାପ୍ତିରେ, ବର୍ଷିଯିବେ
ଗାଇ ଗାଇ ଚିରନ୍ତନ ପ୍ରେମର ବିଜୟ ।

+ ପ୍ରାକ୍ତନ ଅଧ୍ୟକ୍ଷ,ଅନୁଗୁଳ
ସ୍ୱୟଂଶାଶିତ ମହାବିଦ୍ୟାଳୟ



ଶୁଭେନ୍ଦୁ ଦାଶ

# ଫେସବୁକର ସବୁଜବତୀ



ଯଦିଓ ସେ ଆଉ ମୁଁ କେବଳ ବନ୍ଧୁ ଥିଲୁ କିନ୍ତୁ ବେଷ୍ଟ୍ ଫ୍ରେଣ୍ଡ୍ ନଥିଲୁ। ପରସ୍ପର କଣ୍ଟାକ୍ଟରେ ଥିଲୁ କିନ୍ତୁ କଥାବାର୍ତ୍ତା କାଁ ଭାଁ କେବେ କେମିତି।

ପ୍ରତିଦିନ ସକାଳୁ ୱାଟସପ୍‌ରେ ତା ଗୁଡ ମର୍ଣ୍ଣିଂ ମେସେଜ ଆସିବାଟା ପକ୍କା। ମୁଁ ଚାରି ପାଞ୍ଚ ଦିନ ଜାଏଁ ଉତ୍ତର ନଦେଲେ ବି ତାର କିଛି ଫରକ୍ ପଡେନି। ସେ କିନ୍ତୁ ନିୟମିତ ଭାବେ ମେସେଜ କରେ ମୋତେ।

ମୋ ପ୍ରତିଟି ଫେସ୍‌ବୁକ୍ ପୋଷ୍ଟରେ ତା ଲାଇକ, କମେଣ୍ଟ ଆସିବା ସୁନିଶ୍ଚିତ। ଯେତେବେଳେ ବି ଫେସବୁକ ଖୋଲିବି ତା ପ୍ରୋଫାଇଲରେ ସବୁଜ ବତୀଟା ଜଳୁଥିବ । ଯେତେବେଳେ ବି ମୁଁ ଦେଖେ ସେ ଅନଲାଇନ।

ଦିନେ ମୁଁ ପଚାରିଲି,'ତୋର କିଛି କାମ ଦାମ ନାହିଁ କି ସବୁବେଳେ ଅନଲାଇନ୍ ରହୁଛୁ'।

ସେ କହିଲା,'ଆରେ ତୁ ବି ତ ରହୁଛୁ ସବୁବେଳେ ଅନଲାଇନ....ନହେଲେ ଜାଣିଲୁ କେମିତି ମୁଁ ସବୁବେଳେ ଅନଲାଇନ ରହୁଛି ବୋଲି'। ସେ କହି ଚାଲିଲା, 'ଆଉ ଗୋଟେ କଥା। ଏବେ ଯେମିତି ଦୁର୍ଦ୍ଦିନର ସମୟ ଚାଲିଛି କେତେ ବେଳେ କଣ ହେବ କିଏ ଜାଣେ'। ତେଣୁ ମୁଁ ଯଦି ଅନଲାଇନ ରହୁଛି ତେବେ ତୁ ଭାବିନେ ମୁଁ ଠିକ୍ ଠାକ୍ ଅଛି। ଗୋଟେ ଦିନ ଏମିତି ଆସିବ ମୁଁ ଆଦୌ ଆସିବି ନାହିଁ ଅନଲାଇନ । ତୁ ସେତେବେଳେ ଖୋଜୁଥିବୁ ମୋତେ ହେଲେ ପାଇବୁ ନାହିଁ ।

ମୁଁ ଚାଲି ଯାଇଥିବି ବହୁତ ଦୂରକୁ....ଯେଉଁଠାରୁ କେହି କେବେ ଫେରେନା।

ମୁଁ ହସିଲି। କହିଲି,'ତୁ ଆଉ ଅଫଲାଇନ!!!! ମାନେ ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହେବା ଭଳି କଥା'। ମୁଁ ତାକୁ ଚିଡେଇଲି।

ସେ ରାଗିଗଲା। କହିଲା ତୁ ମୋ କଥାକୁ ମଜାକ୍ ଭାବୁଛୁ ନାହିଁ। ରହ ଦେଖିବୁ!!!

ମୁଁ ଜାଣିଥିଲି ଫୋନ ବିନା ସେ ଗୋଟେ ମୁହୂର୍ତ୍ତ ବଂଚିପାରିବ ନାହିଁ। ତେଣୁ ତା କଥାକୁ ମୁଁ ସିରିଅସ୍ ନେଲି ନାହିଁ।

ତାର ମୋତେ ମେସେଜ କରିବା ସେମିତି ଚାଲିଥାଏ ଆଉ ମୁଁ ମଝି ମଝିରେ ତାକୁ ଚିଡାଉଥାଏ।

ତାକୁ ଏଥର ମୁଁ ସବୁଜ ବତୀ ବୋଲି ଡାକିବା ଆରମ୍ଭ କରି ଦେଇଥାଏ।

ସେ ସବୁଜ ବତୀ ନାଆଟି ଶୁଣିବା ମାତ୍ରେ ରାଗିଯାଏ ଆଉ ଅଫ ଲାଇନ ହୋଇଯାଏ। ମାତ୍ର ପାଞ୍ଚ ମିନିଟ୍ ଯାଇଥିବ କି ନାହିଁ ପୁଣି ଥରେ ଦପ୍‌କିନା ଜଳି ଉଠିବ ତା ପ୍ରୋଫାଇଲର ସବୁଜ ବତୀଟି....।

ଏଥର ମୋତେ ଅନଲାଇନ୍ ଦେଖିବା ମାତ୍ରେ ତାର ଲୁଚକାଳି ଖେଳ ଆରମ୍ଭ ହୋଇଯାଇଥିଲା। ସବୁଜ ବତୀ ଜଳିବା ଆଉ ବନ୍ଦ ହେବା।

ମୋ ଚିଡ଼େଇବା ଶୁଣି ହିଁ ସେ ଧିର କିନ୍ତୁ ଗମ୍ଭୀର ଭାବେ ଗୋଟିଏ କଥା କୁହେ,'ଜାଣିଛୁ ଏ ମୋବାଇଲ୍ ଯୁଗରେ ଯିଏ ଅନ୍ ଲାଇନ୍ ରହିଲା ଭାବି ନେ ସିଏ ସହି ସଲାମତ ଅଛି, ଆଉ ଜଣେ ଯଦି ଅନଲାଇନ୍ ନ ରହିଲା ଭାବି ନେବୁ କିଛି ଗୋଟେ ଗଡ଼ ବଡ଼ ଅଛି ନିଶ୍ଚିତ'!!!

ଏମିତି ଚାଲିଲା ବେଶ୍ କିଛିଦିନ। ସେ ତା ଅଭ୍ୟାସ ଜମା ଛାଡ଼ିଲା ନାହିଁ ଆଉ ମୁଁ ବି ତାକୁ ସେହି ସବୁଜ ବତୀ ନାଆଁରେ ଡାକିବା ଛାଡ଼ି ନଥିଲି।

ହଠାତ୍ ଦିନେ ତା ମେସେଜ ଆସିବା ବନ୍ଦ ହୋଇଗଲା। ମୁଁ ବ୍ୟସ୍ତତା ଭିତରେ ଧ୍ୟାନ ଦେଇ ନଥିଲି। କାରଣ, ଅଫିସ୍ କାମରେ ସବୁବେଳେ ବିଜି ରୁହେ ମୁଁ। ଚାରି ପାଞ୍ଚ ଦିନରେ ଥରେ କେବେ କେମିତି ତା ଗୁଡ ମର୍ଣ୍ଣିଂର ରିପ୍ଲାଏ ଦିଏ।

ଦିନେ ଗଲା ଦୁଇ ଦିନ ଗଲା, ହଠାତ୍ ତିନି ଦିନ ବେଳକୁ ମୋର ମନେ ପଡ଼ିଲା, ସେ ମୋତେ ମେସେଜ କରିନି!!!

ମୁଁ ଆଶ୍ଚର୍ଯ୍ୟ ହେଲି!!! ହେବା ବି ସ୍ୱାଭାବିକ।

ସାଙ୍ଗେ ସାଙ୍ଗେ ତା ହ୍ୱାଟସଅପକୁ ଯାଇ ଦେଖେ ତ ତିନି ଚାରି ଦିନ ହେଲା ସେ ଅନ୍ ଲାଇନ୍ ନାହିଁ। ମୁଁ ଆଶ୍ଚର୍ଯ୍ୟ!!! ଫେସ୍ ବୁକ୍‌ରେ ବି ଜଳୁନଥିଲା ସେ ନୀଳ ବତୀ। ମୁଁ ଭାବୁଥିଲି ଫୋନ ବିନା ମୁହୂର୍ତ୍ତଟେ ରହି ପାରୁନଥିବା ଝିଅ କୋଉଠି ଲୁଚିଛି ଯାଇ!!!

ମୁଁ ମେସେଜ କଲି ତାକୁ। କିନ୍ତୁ ଉତ୍ତର ନାହିଁ। ଫୋନ କଲି। ଫୋନ ରିଙ୍ଗ ହୋଇ ହୋଇ କଟିଗଲା। କୌଣସି ଉତ୍ତର ପାଇଲି ନାହିଁ। ମୋ ମନ ଭିତରେଟା କେମିତି ଗୋଳେଇ ଘାଣ୍ଟି ହୋଇଗଲା।

କୌଣସି କାର୍ଯ୍ୟରେ ମୋ ମନ ଲାଗୁ ନଥିଲା।

ଦିନ ତମାମ ସେ ହିଁ ମୋ ମନ ଭିତରେ ଘର କରି ରହି ଥାଏ।

ମୋ ମନକୁ ପାପ ଛୁଁ ଥାଏ। ସତକୁ ସତ ତାର କିଛି ହେଇନି ନା। ସତରେ ସେ ମୋ କଥାରେ ଅଭିମାନ କଲା କି!!! ଆଉ ଗୋଟିଏ ଆକାଉଣ୍ଟ୍ ଖୋଲି ଅନଲାଇନ ରହୁଛି କି ନା ମୋତେ ବ୍ଲକ କଲା। ମୁଁ ଭାବି ପାରୁ ନଥାଏ କିଛି।

ମୋ ମୁଣ୍ଡ ଭିତରଟା କଣ ହେଇ ଯାଉଥାଏ। ତେଣୁ ତା ଖବର ଜାଣିବା ପାଇଁ। ପୁଣି ରାତିରେ ଫୋନ କଲି ତା ନମ୍ବର୍‌କୁ। ଫୋନଟି ଉଠେଇବା ମାତ୍ରେ ମୁଁ କହିଲି,'ଆଲୋ ଚଣ୍ଡୀ କୋଉଠି ଲୁଚିଛୁ, ଭାବୁଛୁ ମୁଁ ତୋତେ ଖୋଜି ପାରିବି ନାହିଁ, ଦେଖ ପାଇଗଲି ତୋତେ'।

ସେପଟୁ କେହି ଜଣେ ପୁରୁଷ ଲୋକଙ୍କ ସ୍ୱର ଶୁଭିଲା। ମୁଁ ସ୍ୱର ଶୁଣି କିଛି ସମୟ ପାଇଁ ସ୍ତବ୍ଧ ହୋଇ ଉଠିଲି। ସେ ଯାହା କହିଲେ ମୁଁ ପୁରା ସ୍ଥାଣୁ ପାଲଟି ଗଲି।

ତିନି ଦିନ ତଳେ ମାର୍କେଟରୁ ଫେରିବା ବେଳେ ତାର ଏକ ଦୁର୍ଘଟଣା ଘଟିଥିଲା। ବ୍ରେନ୍‌ରେ ଜୋର୍ ଆଘାତ ଲାଗି ଥିବା ଯୋଗୁଁ ଦୁଇ ଦିନ ହେଲା ହୋଶ ନଥିଲା ତାର। ଆଜି ହୋଶ ଆସିଲା ।

ଡକ୍ଟରଙ୍କ କହିବା ଅନୁସାରେ ବଞ୍ଚିବାର ଚାନ୍ସେସ ଖୁବ୍ କମ୍। ଆସନ୍ତାକାଲି ତାର ଏକ ସର୍ଜରୀ ହେବ। ଯଦି ସର୍ଜରୀ ସଫଳ ହୁଏ ତେବେ ହୁଏତ ସେ ବଂଚି ଯାଇପାରେ। ସବୁ ସେଇ ଭାଗ୍ୟ ଓ ଭଗବାନଙ୍କ କଥା।

ମୁଁ ଭାବି ପାରୁ ନଥାଏ କିଛି। ଏତେ ଦିନର ବନ୍ଧୁତା ଭିତରେ ଆଜି କାହିଁକି ସେ ମୋତେ ଭାରୀ ନିଜର ମନେ ହେଉଥିଲା। ଖୁବ୍ ଆପଣାର ମନେ ହେଉଥିଲା। ତା ବିନା ଏ ସଂସାରଟା ମୋତେ ଖାଁ ଖାଁ ଲାଗୁଥିଲା। କାହିଁକି କେଜାଣି ଆଜି ମୋତେ ଖୁବ୍ ଅସହାୟ ଲାଗୁଥିଲା। ପ୍ରଥମ ଥର ପାଇଁ କିଛି ହରେଇଦେବାର ଦୁଃଖଟା ମୋତେ ଖାଇ ଗୋଡ଼ାଇ ଥିଲା।

ମୁଁ ମନେ ମନେ ଠାକୁର୍‌ଙ୍କୁ କେବଳ ପ୍ରାର୍ଥନା କରୁଥାଏ ତା ଆଶୁ ଆରୋଗ୍ୟ ନିମନ୍ତେ।

ରହି ରହି ବାରମ୍ବାର ମନେ ପଡୁଥିଲା ତାର ସେଇ ଗୋଟିଏ କଥା, 'ରହ କାଲି ଯେତେବେଳେ ମୋତେ ଖୋଜିବୁ ମୁଁ ନଥିବି ଅନଲାଇନ୍'।

ମୁଁ ବିଳି ବିଳେଇ କହୁଥିଲି, 'ତୋତେ ଜମା ଆଉ ଚିଡ଼େଇବି ନାହିଁ ତୁ ସବୁବେଳେ ରହ ପଛକେ ଅନଲାଇନ୍ କିନ୍ତୁ ଭଲ ହୋଇଯା'। ରାତି ସାରା କାନ୍ଦି କାନ୍ଦି ମୋ ଆଖି ଦୁଇଟି ଫୁଲି ଯାଇଥିଲା। ମେଡିକାଲ୍ ଆଡ୍ରେସ ନେଇ ତା ପରଦିନ ମୁଁ ଚାଲିଲି ସେଇ ମେଡିକାଲ୍‌କୁ।

ମନେ ମନେ ଠାକୁରଙ୍କୁ ଡାକୁ ଥାଏ ଅପରେସନ ଥିଅଟରର ଗ୍ରୀନ ଲାଇଟ୍‌ଟା କେମିତି ଜଳି ଉଠୁ। କେବଳ ସେଇ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ। କେମିତି ସଫଳ ହେଉ ତା ସର୍ଜରୀ।

ଯେତେ ସମୟ ଅତିବାହିତ ହେଉଥାଏ ସେତେ ଦୁଶ୍ଚିନ୍ତା ବଢ଼ି ବଢ଼ି ଯାଉଥାଏ। ଦୀର୍ଘ ତିନି ଘଣ୍ଟା ପରେ ଜଳି ଉଠିଲା ଗ୍ରୀନ ଲାଇଟ୍‌ଟି!!! ଠାକୁର୍‌ଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲି ମୁଁ। ଦୀର୍ଘ ଦେଢ଼ ମାସ କାଳ ହସ୍ପିଟାଲ୍ ବେଡ୍‌ରେ ରହିଲା ସେ। ପ୍ରତିଦିନ ଯାଇ ଦୂରରୁ ଦେଖା କରି ଆସେ ମୁଁ। ପାଖକୁ ଯିବାର ସାହସ କୁଳାଏନି ମୋର। ଧୀରେ ଧୀରେ ସୁସ୍ଥ ହେଉଥିଲା ସେ।

ଯେଉଁ ଦିନ ମେଡିକାଲ୍‌ରୁ ଘରକୁ ଫେରିବ ସେଦିନ ମୁଁ ଗଲି ତା ପାଖକୁ ଆଉ କହିଲି,'ମୋର ଭୁଲ୍ ହେଇଗଲା। ତୁ ଆଜି ଠାରୁ ଯେତେ ଗ୍ରୀନ ଲାଇଟ୍ ଜଳେଇବୁ ଜଳା କିନ୍ତୁ ଏମିତି ଚୁପ୍ ହେଇ ଯାଆନା'।

ସେ ହସିଲା ଓ କ୍ଷୀଣ କଣ୍ଠରେ କହିଲା,'ଏବେ ପରା ଡକ୍ଟର ମନା କରିଛନ୍ତି ମୋବାଇଲ୍ ଧରିବା ପାଇଁ, ମୋବାଇଲ୍ ରେଡିଅସନ କାଳେ ମୋ ସ୍ୱାସ୍ଥ୍ୟ ଅବସ୍ଥା ପୁଣି ବିଗାଡି ଦେବ'!!!

ଯାଉ କିଛି ଦିନ ମୁଁ ତୋତେ ପୁଣି ବିରକ୍ତ କରିବି ଗ୍ରୀନ ଲାଇଟ୍ ହୋଇ....

ମୁଁ ହସିଲି ଆଉ କହିଲି,' ସେହି ଦିନକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଲି ପାଗେଳୀ.....।

+ପଲ୍ଲୀକଣ୍ଠା,ଏରସମା,
ଜଗତସିଂହପୁର
ମୋ:୮୭୬୩୦୦୧୮୬୩



ଡ. ସୁଚିତ୍ରା ରଥ
ନୀଳଚକ୍ର ନଗର, ପୁରୀ
ମୋ. ୭୦୦୮୨୭୨୯୫୩

# ଅପହଞ୍ଚ ଓରିମାନା



ତଳକୁ ଉପର ହେଉଥାଏ ସଞ୍ଜୁ । ଲୋକଟା ବଲବଲ କରି ଚାହିଁ ଥାଏ ତାକୁ। ସେ ଛାତ ଉପର ଦାଣ୍ଡବାଡି ସବୁଆଡେ ପରସ୍ତେ ଆଖି ବୁଲେଇ ଆଣିବା ପରେ ସାମାନ୍ୟ ଥକାପଣରେ ତା' ଆଗରେ ଆସି ଲଥ୍ କରି ବସିପଡିଲା। ଲୋକଟା ସେମିତି ବଲବଲ କରି ଚାହିଁଥାଏ ତା' ମୁହଁକୁ। ସଞ୍ଜୁ କହିଲା, ହଁ ହୋଇଗଲା ଏତିକି ହିଁ। ଏଥର ନଜର ହଟେଇ କାମରେ ଲାଗିଲା ସେ। ସଞ୍ଜୁ ଗୋଟେଇ ପୋଟେଇ ଆଣି ରଖିଥିବା ସବୁ ଜିନିଷକୁ ସେ ପରଖିଲା ନିଜ ବ୍ୟାଗରେ। କାଚକୁ ଅଲଗା, ପ୍ଲାଷ୍ଟିକକୁ ଅଲଗା, ଟିଣକୁ ଅଲଗା କରି ରଖୁଥାଏ ସେ। ଶାଶୁ ଆଜୀବନ ସାଇତି ଥିବା ଗଦାଏ ଆଲଫାଆଲଫା ବୋତଲ, କେଉଁ ଅମଳର ଟିଣ ବାର୍ଲି ଡବା, ଅମୁଲ୍ ଡବା, ଗୁଡାଖୁ ଡବା, ବୋରିକ୍ ପାଉଡର ଡବା, ସଙ୍ଗୀତାଙ୍କର ରାଜାରାଣୀ କଣ୍ଟେଇ , ସୁମିତଙ୍କର ସ୍କୁଲ ବେଳର ଟ୍ରଙ୍କ୍, ସେ ସବୁକୁ ଅଳିଆ କହି ଆଜି ଘରୁ ବାହାର କରି ଦେବାର ବ୍ୟବସ୍ଥା କରୁଛି ସଞ୍ଜୁ, ଯାହାକୁ କେବେ ବି ବିକି ନାହାନ୍ତି କି ଫିଙ୍ଗିଦେଇ ନାହାନ୍ତି ଶାଶୁ। ତାଙ୍କ ଦେହାନ୍ତର ଚାରିମାସ ପରେ ଯେବେ ଅପହଞ୍ଚ ଇଲାକାରେ ସେ, ସେବେ ସଞ୍ଜୁ ସ୍ଥିର କରିଛି ସେସବୁ ଜିନିଷର ଭବିଷ୍ୟତ। ହେଲେ ପୁରୁଣା ଜିନିଷ ସହ କେଉଁଠି ନା କେଉଁଠି ଯୋଡି ହୋଇଥାଏ ସ୍ମୃତିର ଖିଅ । ଏଇ ଯେମିତି ପୁପୁନ୍‌ର ପ୍ଲାଷ୍ଟିକ ବ୍ୟାଟ୍ ଦେଖି ତା ଆଖିରେ ନାଚି ଯାଉଥିଲା କୁନି ପୁପୁନ୍‌ର ଗୁଲଗୁଲିଆ ମୁହଁ ଆଉ ଅଦରକାରୀ ତେଲ ବୋତଲ ଗୁଡିକୁ ଦେଖିଲେ ମନେ ପଡୁଥିଲା ତେଲକୁ ନେଇ ଝଡ ଉଠୁଥିବା ତା ତେଲଲୁଣର ସଂସାର କଥା । ସୁମିତ୍ ଖାଇଲା ବେଳକୁ ହାତ ଚାଟି ଖାଇଦେବେ ହେଲେ ପରେ କହିବେ ସେ କାଳେ ବେଶି ତେଲ ଦେଇ ରାନ୍ଧିଦିଏ। କେତେ ଥର ସେଥିପାଇଁ ଅଭିମାନରେ ଆଡ କରି ସେ ଥୋଇଦିଏ ତେଲ ବୋତଲକୁ।

ଲୋକଟାର ଅଖାଏ ଜିନିଷ ଗଦ୍ କରି ଢାଳିଦେବାରେ ଭାବନାରୁ ଫେରି ଆସିଲା ସଞ୍ଜୁ। ହେଲେ ଲୋକଟା ଏମିତି ବଲବଲ କରି ଚାହିଁବାଟା ବିବ୍ରତ କରୁଥିଲା ତାକୁ। ଆଜି କାଲି କାହାକୁ ବିଶ୍ୱାସ! ଚୋର କି ତସ୍କର, କାହାର କେତେ ଫିକର ଆଜି କାଲି ! ନହେଲେ ହୋଇଥିବ କେଉଁ ରାସ୍ତାକଡର ରୋମିଓ ଯେ, ଏମିତି ଅଧା ବୁଢ଼ୀଟାକୁ ବଲବଲ କରି ଚାହିଁ ସ୍ୱପ୍ନ ରଚୁଛି ଶୃଙ୍ଗାରର । ଆଜିକାଲି ସମସ୍ତେ ତ ଅବୋଲକରା ମନର ଦାସ! କାହାକୁ ଚିହ୍ନିବ!

'ମା ଦେଖ । ତିନି କିଲୋ ପାଁଶ ହେଲା । 'ବିଦ୍ୱେଷରେ ତାତି ଉଠୁଥିବା ସଞ୍ଜୁର ମନଟା ହଠାତ୍ ଥଣ୍ଡା ପଡିଗଲା ଲୋକଟାର ମା' ଡାକରେ। ଅଭଦ୍ର ଅଶିଷ୍ଟ ମନେ ହେଉଥିବା ଲୋକଟା ଏବେ ବେଶ୍ ନିରୀହ ଲାଗିଲା ତାକୁ । ମମତାର ନିର୍ଝରଟିଏ ବୋହିଗଲା ଯେମିତି ତା ମା' ଡାକରେ। ଏମିତି ବାତ୍ସଲ୍ୟ ବୋଧଟିଏ ଆଚ୍ଛନ୍ନ କରି ରଖିଥାଏ ବୋଲି ନାରୀ ମମତାମୟୀ ଚିରକାଳ। ଏଥର କାର୍ଯ୍ୟ ମନସ୍କ ହେଲା ସଞ୍ଜୁ । ଓଜନର ପରିମାଣ ସବୁକୁ ମନେରଖି ଲେଖି ନେବାରେ ଲାଗିଲା। ମନର ଅବସ୍ଥିତି ନେଇ ହିଁ କାର୍ଯ୍ୟ କରିଥାଏ ମସ୍ତିଷ୍କ। ଶାଶୁଙ୍କ ଦେହାନ୍ତ ପରେ ଗୁଡାଏ ଜିନିଷ ଘରୁ ବାହାର କରିବାର ଥିଲା। ବେଳେବେଳେ ବୋଝ ଲାଗନ୍ତି ଅଦରକାରୀ ଜିନିଷ ସବୁ। ଭିଡି ଆଣି ଠିଆ କରନ୍ତି ସ୍ମୃତିକୁ । ଯାହା ହୁଏତ ପାଗଳ କରିପକାଏ ସଞ୍ଜୁକୁ।

କାଗଜ ତକ ଓଜନ କରିବା ଭିତରେ ଅଟକି ଯାଇ ଲୋକଟି ପୁଣି ଚାହିଁଲା ସଞ୍ଜୁକୁ ।

- ଦେଖିଲ ମା'ଏଇ ଡାକ୍ତରୀ କାଗଜ ତକ ରହିଯାଇନି ତ ଭୁଲରେ !

ସେ ଜାଣି ଜାଣି ବାହାର କରି ଦେଇଥିଲା ସେସବୁକୁ, ଯାହା ଦିନେ ଫାଇଲରେ ସାଇତା ହୋଇ ହୁଏତ ବୁହା ଯାଉଥିଲା ଡାକ୍ତରଙ୍କ ପାଖକୁ। ହେଲେ ମଣିଷ ଯେବେ ଫାଇଲରେ ଫଟୋ ହୋଇ ରହିଯାଏ , ସେତେବେଳେ ପ୍ରେସକ୍ରିପସନ୍ ହରାଇ ଦିଏ ଫାଇଲରେ ରହିବାର ଯୋଗ୍ୟତା । ଲୋକଟିର ଦାୟିତ୍ୱ ସମ୍ପର୍ଣ୍ଣତା ଦେଖି ଖୁସି ହେଲା ସଞ୍ଜୁ। ପ୍ରକାଶ୍ୟରେ କହିଲା, ଯାହା ହେଉ ଏଗୁଡିକ ପେସକ୍ରିପସନ୍ ବୋଲି ଚିହ୍ନି ପାରିଲ ତମେ । ନିଜ କାମ ଏମିତି ନିଷ୍ଠାର ସହ କରିବା ଭଲ । ମୁହଁର ରେଖା ବଦଳି ଗଲା ଲୋକଟିର। କହିଲା, ଏମିତି ଗଦା ଗଦା ଡାକ୍ତରୀ ରିପୋର୍ଟ ଧରି ମୁଁ କେତେ ଧାଇଁଥିଲି ଡାକ୍ତରଖାନା। ରୋଗରେ ପଡିଥିଲା ମା'। ଡାକ୍ତର କହିଲେ ପେଟରେ କ୍ୟାନସର୍ ହୋଇଛି। ମୋତେ ସେତେବେଳେ ସତର ବର୍ଷ । ଅଭାବ ଥିଲେ ବି ପର ଘରେ ଖଟି ମା' ପାଠ ପଢଉଥିଲା ମୋତେ। କଲେଜରେ ନାଁ ଲେଖେଇଥିଲି । ହେଲେ ରୋଗ ହେବାରୁ ଆଉ ଖଟି ପାରିଲାନି ମା'। ବାପା ଥିଲା ଘୋଡ଼ା ମଦୁଆ। ଭାଇ ଶ୍ୱଶୁର ଘରେ ଘରଜୋଇଁଆ ରହିଲା ଯେ ମୁହଁ ଚାହିଁଲାନି କାହାର। ମୁଁ କେତେ ଡାକ୍ତରଙ୍କ ଗୋଡ ଧରିଲି ମା'କୁ ଭଲ କରିଦେବା ପାଇଁ। ହେଲେ ଗରିବର ଅନୁନୟ ତକ ଚୂଳି ମୁହଁରେ ପୋତି ହେଲା ପରି ସିନା! ଘରେ ଗଡୁଥିଲା ହାଣ୍ଡି ଆଟିକା। ମୁହଁରେ ଦାନା ଗଣ୍ଡେ ଦେବାକୁ ସକ୍ଷମତା ନଥିଲା। ସେତିକିବେଳେ ପଡିଶାବାଲି ଦୋକାନୀ ମଉସା କବାଡିଖାନାରେ ମୋ ପାଇଁ ବୁଝିଦେଲେ ଏଇ କାମ। ମା'କୁ ହୋମିଓପ୍ୟାଥିକ ଚିକିତ୍ସା ଦେଇ ବଞ୍ଚାଇ ପାରିଲି ଛଅ ମାସ। ହେଲେ ଆଉ ହାତ ପାଇଲାନି। ମାଆ ଚାଲି ଗଲା ଆରପାରିକି।'

ଭାଗ୍ୟର ପାହାର ଖାଇ ଦବି ଯାଉଥିବା ଆଉ ଏକ ଚରିତ୍ରକୁ ଭେଟୁଥିଲା ସଞ୍ଜୁ । ଓଜନ ସବୁ ପ୍ରାୟ ସରିଲା। ଏଥର ହିସାବ କରି ଦୁଇ ଶହ ସତୁରୀ ଟଙ୍କା ଦେବ ବୋଲି କହିଲା ସେ । ସଞ୍ଜୁ ଦେଖୁଥିଲା ସେହି ଜିନିଷ ଗୁଡିକ ସହ କିଛି ସ୍ୱପ୍ନ, କିଛି ସ୍ମୃତି ବାନ୍ଧି ହୋଇ ଯାଉଛି ଲୋକଟିର ଅଖାବସ୍ତା ଭିତରେ। ଲୋକଟି ତଥାପି ଅନ୍ୟମନସ୍କ ଥିଲା। ସଞ୍ଜୁ ହାତକୁ ଟଙ୍କା ବଢେଇ ଦଲା ବେଳକୁ ପୁଣି ବଲ ବଲ କରି ଚାହିଁ ପଚାରିଲା, ଛୋଟ ମୁହଁରେ କଥାଟିଏ ପଚାରିବି ମା'? ଆପଣ କଣ ମୋତେ ଚିହ୍ନି ପାରୁଛନ୍ତି?

ଆଶ୍ଚର୍ଯ୍ୟ ଓ ପ୍ରଶ୍ନ ପ୍ରଶ୍ନ ହୋଇ ଚାହିଁଲା ସଞ୍ଜୁ। କିଛି ସମୟର ନିରବତା ପରେ ଲୋକଟି କହିଲା,'ମୁଁ ବୁଝିସାରିଲିଣି ଘାଟୀ ରାସ୍ତାରେ ସେହି ଅପରାହ୍ନରେ ସାହାଯ୍ୟ କରିଥିବା ବାବୁଆଣୀ ଆପଣ ନୁହନ୍ତି। ତଥାପି ମନ ମାନିଲାନି ବୋଲି ପଚାରିଦେଲି। ଅବିକଳ ସମାନ ଚେହେରାରେ ଦୁଇଟା ମଣିଷ ଥାଇ ପାରନ୍ତି! ହଉ, ବିଧାତାର ସୃଷ୍ଟିରେ ଅସମ୍ଭବ ଗୋଟେ କଣ ! ଜ୍ୟେଷ୍ଠ ମାସର ଖରା ପାଣି ମୁନ୍ଦେ ଦିଅ ମା'। 'ସଞ୍ଜୁ ମନରେ ଆଗ୍ରହ। ସେ ବୁଝିଲାଣି ଲୋକଟା ତାକୁ ବଲବଲ କରି ଚାହୁଁଥିଲା କାହିଁକି। ପାଣି ଗିଲାସେ ଆଣି ଦେଇ ପଚାରିଲା। କି ପ୍ରକାର ସାହାଯ୍ୟ ପାଇଥିଲ ତୁମେ ସେହି ମହିଳାଙ୍କଠାରୁ? ଏଥର ଆରମ୍ଭ କଲା ଲୋକଟି ।

- କେଶପୁରର ଘାଟୀରାସ୍ତାରେ ମୁଁ ଭେଟିଥିଲି ଯାହାଙ୍କୁ ଏତେ ବର୍ଷ ପରେ ବି ଆଖିରେ ରହିଯାଇଛି ସେହି ଛବି। ଅବିକଳ ତୁମରି ପରି ଚେହେରା। ସିନ୍ଦୂର ଟୋପାଟା ଯାହା ଆଠେଣି ପରି ଜକଜକ ହୋଇ ଦିଶୁଥିଲା ତାଙ୍କ ମଥାରେ। ବୈଶାଖ ମାସର ମୁଣ୍ଡଫଟା ଖରା ତାତିକୁ ଖାତିରି ନକରି ଘାଟୀରାସ୍ତାରେ ମୁଁ ନିଇତି ବଜାରକୁ ଯାଏ ଟ୍ରଲିରେ ଜିନିଷ ଧରି। ଲକ୍ଷ୍ମୀ ନାରାୟଣ ମନ୍ଦିରଠାରୁ ପ୍ରାୟ ଶହେ ହାତ ଦୂରରେ ମାଲିକର ଗୋଦାମ। ଜିନିଷ ତକ ସେଇଠି ପଇଠ କରିଦେଲେ କାମ ଶେଷ ମୋର। ଯାହା ଦୁଇଶ, ଚାରିଶ ରୋଜଗାର ହୁଏ ସେଇତକରେ ପରିବା ସଉଦା ଦିଇଟା ଧରି ଘରକୁ ଫେରେ। ସେଦିନ ବଜାର ପାଖରେ ପହଞ୍ଚିବାକୁ ଆଉ ଅଳ୍ପ ବାଟ ବାକି ଥାଏ । ଟ୍ରଲିରେ ମାଲ୍ ଭର୍ତ୍ତି ହୋଇଥିଲା ବୋଲି ମୁଁ ମନେମନେ ଖୁସି ଥାଏ। ମା' ପାଇଁ ଫଳ କିଛି କିଣି ନେଇ ପାରିବି ଆଜି। ହେଲେ କେଉଁଠି ଥିଲା କାଳବୈଶାଖୀ ମୋରି ଉପରେ ଯେମିତି ଛିଡି ପଡିଲା ଦୁର୍ଭାଗ୍ୟ ହୋଇ। ମାଡିଆସିଲା ଘୂର୍ଣ୍ଣିର ଆବର୍ତ୍ତ। ନଇଁ ଆସିଲା କଳା ମେଘ ବିଜୁଳି ରେଖାରେ ଗଣ୍ଠେଇ ହୋଇ। ଅସ୍ତବ୍ୟସ୍ତ ପରିବେଶ, ଶୂନଶାନ ରାସ୍ତାଘଟ। କେବଳ ଆରମ୍ଭ ହୋଇଥାଏ ପବନର ତାଣ୍ଡବ। ମୋର ପଛକୁ ଫେରିବାକୁ ଗତି ନଥାଏ କି ଆଗକୁ ବଢ଼ିବାର ବଳ ନଥାଏ। ଆଶ୍ରୟ ନେବା ପାଇଁ ସ୍ଥାନ ବି ନଥାଏ। ପରାଜିତ ସୈନିକର ଶେଷ ବଳ ପରି ମୋ ଦୁର୍ବଳ ବାହୁରେ ମୁଁ ଭିଡି ଧରିଥାଏ ଭାରୀ ଟ୍ରଲିର ହ୍ୟାଣ୍ଡେଲକୁ। କଣ୍ଢା ପରି ଫୋଡି ହେଉଥାଏ ଧୂଳି ଯାକ । କେତେ ସମୟ ବା ତିଷ୍ଠି ପାରି ଥାଆନ୍ତି ପବନର ପରାକ୍ରମ ଆଗରେ। ଶେଷରେ ଭାରସାମ୍ୟ ହରାଇ ଟ୍ରଲି ଗଡିଲା ପଛକୁ ପଛକୁ। ଗଳି ପଡୁଥାଏ ଜିନିଷ ସବୁ । ଶେଷରେ ଟ୍ରଲିଟି ଓଲଟି ପଡି ରାସ୍ତା ତଳକୁ ଖସିଯାଉଥାଏ ଚକା। ସେତେବେଳକୁ ବର୍ଷା ଆରମ୍ଭ ହୋଇ ଗଲାଣି। ଠିଆ ଠିଆ ଭିଜୁଥାଏ ମୁଁ। ଦରିଦ୍ରର ପସରା ପରି ଏଇ ଟ୍ରଲିଟି ବିନା ଗତି ନାହିଁ ମୋର। ଯେମିତି ହେଲେ ଉଦ୍ଧାର କରିବାକୁ ପଡିବ ତାକୁ। ଗୋଟାଏ ଚାକୁଣ୍ଡାଗଛର ଗଣ୍ଡି ପାଖରେ ଅଟକି ଥାଏ ଟ୍ରଲି। ହେଲେ ତଳକୁ ଯିବାକୁ ଡର ଲାଗୁଥାଏ। ଗୋଡ ଖସିଗଲେ ହୁଏତ ଖସିଯିବି ଆଉ ଶହେ ଫୁଟ ତଳକୁ। ପ୍ରାୟ ଦେଢଘଣ୍ଟା ପରେ ଥମିଲା ବର୍ଷା। କାଁ ଭାଁ ଗାଡିମଟର ଯିବା ଆସିବା କରିଲା। ହେଲେ ଏଇ ମଳିମୁଣ୍ଡିଆ ଲୋକଟାକୁ ସାହାଯ୍ୟ କରିବାକୁ କାହାକୁ ବା ସମୟ। ସେତେବେଳେ କଳାରଙ୍ଗର ବୁଲେଟରେ ସ୍ୱାମୀ ସ୍ତ୍ରୀ ଦୁହେଁ ଯାଉଥିଲେ। ସ୍ତ୍ରୀ ଲୋକ ଜଣକ ହିଁ ଦେଖି ପାରିଲେ ମୋର ଅସହାୟତା। ତାଙ୍କ କଥାରେ ଗାଡି ଅଟକାଇ ବାବୁ ଜଣକ ଆଗେଇ ଆସିଲେ ମୋତେ ସାହାଯ୍ୟ କରିବାକୁ। ପାଦ ଚିପି ଚିପି ତଳକୁ ଓହ୍ଲେଇ ଗଛରେ ଡିରା ଦେଇ ମୁଁ ଟ୍ରଲି ଉପରକୁ ଠେଲିଲି ଓ ସେ ଦୁହେଁ ଉପରେ ରହି ଟାଣିବାକୁ ଚେଷ୍ଟା କରିଲେ । ସେମାନଙ୍କର ସହଯୋଗରେ ଟ୍ରଲିଟି ଉଦ୍ଧାର ହୋଇ ଯିବାରୁ କୃତଜ୍ଞତା ଭରା ପ୍ରଣାମ ଜଣାଇଲି ତାଙ୍କୁ । ଏଥର ସେମାନେ ଚାଲିଗଲେ ନିଜ ଗନ୍ତବ୍ୟରେ ।

ବର୍ଷା ଛାଡି ଯାଇଥିଲା। ଥମିଯାଇଥିଲା କାଳ ବୈଶାଖୀ । ଇତସ୍ତତଃ ଜିନିଷପତ୍ରକୁ ଯଥା ସମ୍ଭବ ଏକାଠି କରି ଟ୍ରଲିରେ ଲଦିବା ବେଳକୁ ଦେଖିଲି, ଚକା ପାଖରେ ଚକ୍ ଚକ୍ କରୁଛି କିଛି ଗୋଟାଏ। ନଇଁ ପଡି ଦେଖିଲି । ସୁନାହାର ପରି ଲାଗିଲା । ନାଲି ପଥର ବସା ଲକେଟ ବି ଝୁଲୁଛି। ହୁଏତ ନକଲି ହାରଟାଏ ବ୍ୟବହାର ପରେ କେହି ଫିଙ୍ଗି ଦେଇଛି ରଦ୍ଦି ଜିନିଷ ସହ । ତଥାପି ମାୟା ଜାଗିଲା ମନରେ। କେବେ ବିଭା ହେଲେ ମୋ ସ୍ତ୍ରୀ ଗଳାରେ ହାରଟି କେତେ ସୁନ୍ଦର ଲାଗିବ ଭାବି ଉଲୁସି ଉଠିଲି। ମୋ ମଳିଛିଆ ସାର୍ଟର ଛାତି ପକେଟରେ ସାଇତି ନେଲି ସେଇଟି । ତେଣେ ମା'ପାଇଁ ଔଷଧ ନେବା ଡେରି ହୋଇ ଯିବ ବୋଲି ଚଞ୍ଚଳ ପାଦରେ ପ୍ୟାଡେଲ୍ ମାରିଲି ବେଗ ବେଗ କରି । ବଜାର ପାଖ ହେଲା ବେଳକୁ ପୁଣି ଫେରୁଥିଲେ ସେହି ଦମ୍ପତି। ସେମାନଙ୍କୁ ଦେଖି ହସହସ ହେଲି ମୁଁ , ସେମାନେ ବି ଧୀର କଲେ ଗାଡି । ବ୍ୟସ୍ତତା ଭରା କଣ୍ଠରେ ବାବୁଆଣୀ କହିଲେ, ଭାଗ୍ୟ ଖରାପ ଆଜି ଆମର । ପଦ୍ମକଢି ଲକେଟ ସହ ଚାରି ଭରିର ହାର କେଉଁଠି ହଜେଇ ଦେଲି ମୁଁ । ଘରୁ ବାହାରିଲା ବେଳେ ତ ଥିଲା ହେଲେ, ରମ୍ଭା ଯାଏଁ ହେଉଣୁ ହଠାତ୍ ନଜର ପଡିଲା ବେକରେ ହାର ନାହିଁ। ଆଉ କଣ ମିଳିବ? ତଥାପି ଫେରୁଛୁ....।

ଆଖି ଖୋସି ହୋଇ ଯାଉଥାଏ ମୋର । ସେଇଟା ସତରେ ସୁନା!! ନଜାଣିଲା ପରି ରହିଗଲେ ହୁଏତ ଅଭାବ ରହନ୍ତାନି ମା'ର ଚିକିତ୍ସାରେ। ଅନେକ ସ୍ୱପ୍ନ ପୂରା କରି ପାରନ୍ତା ଏଇ ନିଉଛୁଣା ଜୀବନ। ହେଲେ ହାତଟା ଛାଏଁ ଚାଲିଗଲା ଛାତି ପକେଟକୁ। 'ଏଇଟା ଦେଖିଲେ ମା'। 'ଉଭୟଙ୍କ ଆଖିରେ ଖେଳିଗଲା ଅସରାଏ ଚମକ। ଖୁସିରେ କୁଣ୍ଢେଇ ପକେଇଲେ ବାବୁ। ବାବୁଆଣୀ ପୋତି ପକେଇଲେ ଆଶୀର୍ବାଦରେ। ମୋ ନାଁ ଗାଁ ଠିକଣା ବୁଝିଲେ। ତାଙ୍କ ମସଲା କମ୍ପାନୀରେ କାମ କରିବା ପାଇଁ ନିମନ୍ତ୍ରଣ ଦେଇ କାର୍ଡ(ଭିଜିଟିଂ କାର୍ଡ)ଟିଏ ଧରାଇ ଦେଲେ । ବିଦାୟ ନେଲା ବେଳକୁ ନିଶ୍ଚୟ ଆସିବ ପରମାନନ୍ଦ ବୋଲି କହି କହି ଯାଉଥାଆନ୍ତି । ମୋ ସଙ୍କୋଚପଣ ମୋତେ ଭେଟି ଦେଲା ଏକ ନୂଆ ରାସ୍ତା। ଲାଗିଲା, ଯେମିତି କେହି ପକ୍ଷ ଯୋଡି ଦେଇଛି ମୋ ଡେଣାରେ ଆଉ ମୁଁ ଉଡିଚାଲୁଛି ଏକ ସୁନେଲି ସକାଳ ଆଡକୁ । ଆଶା ମାନେ ଏମିତି ସନ୍ଧିକ୍ଷଣରେ ଧାରେ ରଞ୍ଜକ ପରି ଆଲୁଅକୁ ଭେଟିବାର ଖୋରାକ୍ ।

ସଞ୍ଜୁ ଅବାକ୍ ହୋଇ ଶୁଣୁଥାଏ ପରମାନନ୍ଦର କଥା। ହେଲେ ସୁଯୋଗକୁ ହାତଛଡା କରି ଆଜି ବି ଲୋକଟା ସେହି ଭଙ୍ଗା ପୁରୁଣା ଜିନିଷର ଆବର୍ଜନା ଭିତରେ! ସେ ପଚାରି ପକେଇଲା, ତଥାପି ଏଇ ଧନ୍ଦା ଛାଡି ତମେ ଗଲନି କାହିଁକି ?

ଦୀର୍ଘଶ୍ୱାସ ଛାଡିଲା ପରମାନନ୍ଦ ।

- ଆଖିରେ ଭରି ଆସିଥିବା ଚମକ ପୁଣି ମୋ ମସିଆ ଜୀବନ ଭିତରେ ମଳିନ ପଡିଗଲା ମା'। ଅଳ୍ପ ଦିନରେ ମୋ ମା'ର ଅବସ୍ଥା ଖୁବ୍ ବିଗିଡି ଗଲା। ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଲି। ସେ କିନ୍ତୁ ଚାଲି ଗଲା ସେହି ଅଭାବୀ ଜୀବନର ଅବସୋସ ଭିତରେ। ହାତ ପାଇଲାନି କି ରାହା ପାଇଲାନି। ମା'ର ଶୁଦ୍ଧ ଶ୍ରାଦ୍ଧ ସରିବା ପରେ ଭାବିଲି ସେହି ବାବୁଙ୍କ ପାଖକୁ ଯାଇ କାମ କରିବି। ସେତେବେଳକୁ ସେ ଦେଇଥିବା କାର୍ଡ ଖଣ୍ଡକ ଆଉ ନଥିଲା ମୋ ପାଖରେ । ଅନେକ ଖୋଜିଲି, ପାଇଲିନି । ତଥାପି ଆଶା ନ ହାରି ସଂଯୁକ୍ତ ।

ମସଲା କମ୍ପାନୀ ଠିକଣା ପଚାରି ପଚାରି ପହଞ୍ଚିଲି ଠିକଣା ଯାଗାରେ। ହେଲେ ପାଦ ତଳୁ ମାଟି ଖସିଗଲା ମୋର। ବିଶ୍ୱାସ କରିପାରୁ ନଥିଲି କାନକୁ । ସଡକ ଦୁର୍ଘଟଣାରେ ଗୁରୁତର ହୋଇ କିଛି ଦିନ ଚିକିତ୍ସା ହେବା ପରେ ମୃତ୍ୟୁ ହୋଇସାରିଛି ସେହି ବାବୁଙ୍କର। ବାବୁଆଣୀଙ୍କର ବଡସିନ୍ଦୂର ଟୋପାଟା ଯେମିତି ରକ୍ତାକ୍ତ କରୁଥିଲା ମୋର ସାରା ଶରୀର। ମା' ତାରାତାରିଣୀଙ୍କ ପାଖେ ଲାଗି ଶଙ୍ଖା ସିନ୍ଦୂର ନେଇଥିଲି ତାଙ୍କ ପାଇଁ। ହେଲେ ମୁଁ ବହିର ଗପ ପରି ନିଜେ ବୁଢା ଶଙ୍ଖାରୀ ପାଲଟି ଗଲି ଯେମିତି ସେଦିନ। ବାବୁଆଣୀଙ୍କୁ ଦେଖା କରିବାର ସାହସଟେ ଜୁଟେଇ ନପାରି ସେଇଠୁ ଫେରି ଆସିଲି ମୁଁ । ଆଉ ଆଜି ତମକୁ ଦେଖି .....। ନିଜ ହାତ ପାହାନ୍ତାର ଜୀବନକୁ ଏଥର ଫେରିଯାଉଥିଲା ପରମାନନ୍ଦ।

ସବୁରି ଛାତିତଳେ ଲଟେଇଛି ଦୁଃଖର ଅଦଉତି। ଓଦା ଓଦା ଅନ୍ତର୍ଦାହ, ଅପହଞ୍ଚ ଓରିମାନା ସବୁଠି ସବୁରି ହୃଦୟରେ। ସଞ୍ଜୁ ଘର ଭିତରକୁ ଯାଇ ଭାବି ହେଉଥିଲା ପରମାନନ୍ଦ କଥା। ଦ୍ୱନ୍ଦରେ ଦଉଡି ଯାଇ ସୁମିତଙ୍କର ଫଟୋକୁ ଚାହିଁ ପଚାରିଲା, 'ଆଚ୍ଛା କହିଲ, ଆମେ ଭେଟିଛେ କି ଏଇ ପରମାନନ୍ଦକୁ? 'ଉତ୍ତର ଅପେକ୍ଷାରେ କିଛି ସମୟ ଏକଲୟରେ ଚାହିଁବା ପରେ , କହିଲା, 'ଧେତ୍ ଖାଲି ମୁରୁକି ହସିବା ଛଡା ତମେ ଆଜିକାଲି କୋଉ କଥାର ଉତ୍ତର ଦଉଛ ଯେ! ହେଲେ ମୁଁ ଆଉ କଣ ତମ ସହ ଅପଡ କରୁଛି କେବେ! 'ଆର୍ଦ୍ର ହୋଇ ଆସୁଥିଲା ସଞ୍ଜୁର କଣ୍ଠ। ନିଜ ଦୁର୍ଘଟଣା ଗ୍ରସ୍ତ ମସ୍ତିଷ୍କ ଉପରେ ଆହୁରି ଜୋର ଦେବାକୁ ଚେଷ୍ଟା କରୁଥିଲା ସେ ।

## ରାଜ୍ୟରେ ୧୩ ଟି ସ୍ଥାନରେ ରହିଛି ମହିଳା କର୍ମଜୀବି ନିବାସ

ଭୁବନେଶ୍ୱର,୫/୯ (ନି.ପ୍ର): ରାଜ୍ୟର ୧୩ ଟି ସ୍ଥାନ ରେ ମହିଳା କର୍ମଜୀବୀ ନିବାସ ରହିଛି । ଏଥିରେ ୮୨୦ ଅନ୍ତେବାସୀ ରହିଛନ୍ତି । ମାସିକ ୩୫ ହଜାର ରୁ କମ ଆୟ କରୁଥିବା ମହିଳାଙ୍କୁ ହଷ୍ଟେଲରେ ରହିବାକୁ ପ୍ରାଥମିକତା ଦିଆଯାଇଛି । ଜିଲ୍ଲାରେ ଆବଶ୍ୟକତାକୁ ଜିଲ୍ଲାପାଳଙ୍କ ସୁପାରିଶ ଆଧାରରେ ଅଧିକ କର୍ମଜୀବୀ ନିବାସ ଖୋଲିବାକୁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ । ସେ କହିଛନ୍ତି ଯେ ସୁନ୍ଦରଗଡ଼, ଯାଜପୁର ଓ ଖୋର୍ଦ୍ଧାରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବ୍ରହ୍ମପୁର ଓ ରାୟଗଡ଼ାରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । କେଉଁଠାରେ ହଷ୍ଟେଲ ଆବଶ୍ୟକ ରହିଛି ସମସ୍ତ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଆଗତ କରାଯାଇଛି । ଆବଶ୍ୟକସ୍ଥଳେ ହଷ୍ଟେଲ ନିର୍ମାଣ କରାଯିବ । ୧୧ ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ କର୍ମଜୀବୀ ମହିଳା ହଷ୍ଟେଲ ଗଠନ ନେଇ ରିପୋର୍ଟ ମଗାଯାଇଛି । ଆବଶ୍ୟକତା ଅନୁଯାୟୀ ଜିଲ୍ଲାପାଳ ମାନେ ରିପୋର୍ଟ ଦେବା ପରେ ହଷ୍ଟେଲ ନିର୍ମାଣ ପାଇଁ ବିଭାଗ ପଦକ୍ଷେପ ନେବ ।

# ଛାତ୍ର କଂଗ୍ରେସ ପକ୍ଷରୁ 'ଚାକିରୀ ବିକିରୀ' ନୀତି ବିରୁଦ୍ଧରେ ଦସ୍ତଖତ ଅଭିଯାନ

ଭୁବନେଶ୍ୱର,୫/୯ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଭୁବନେଶ୍ୱର ସମେତ ସାରା ଓଡ଼ିଶାରେ ଷ୍ଟାଫ ସିଲେକସନ କମିଶନରେ ହୋଇଥିବା ମହାଦୁର୍ନୀତି ଓ ନବୀନ ସରକାରଙ୍କ "ଚାକିରୀ ବିକିରୀ" ନୀତି ବିରୁଦ୍ଧରେ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଛି । ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ, ମହର୍ଷି, କ୍ୟାପିଟାଲ ଲ କଲେଜ ଓ ରାଜଧାନୀ କଲେଜ ସମ୍ମୁଖରେ ଦସ୍ତଖତ ଅଭିଯାନ କରିଥିଲା । ଛାତ୍ର କଂଗ୍ରେସର କର୍ମକର୍ତା ଓ ବହୁ ଛାତ୍ର ସାଧାରଣ ଲୋକ ଓ ଛାତ୍ରଛାତ୍ରୀ ମାନଙ୍କ ଠାରୁ ନବୀନ ସରକାରର ଚାକିରୀ ବିକିରୀ ନୀତି ବିରୁଦ୍ଧରେ ମତାମତ ନେବା ସହ ଦସ୍ତଖତ ଆଣିଥିଲେ ।

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ ମହର୍ଷି କଲେଜ ଠାରେ ଯୋଗଦେଇ ଗଣମାଧ୍ୟମକୁ କହିଥିଲେ ଯେ ମେଧାବୀ ଛାତ୍ର ମାନେ ନିଯୁକ୍ତି ପାଇଁ ଦିନରାତି ପାଠପଢ଼ନ୍ତି ଓ ପ୍ରସ୍ତୁତ ହୁଅନ୍ତି । ମାତ୍ର ନବୀନର ସରକାର ପରୀକ୍ଷା ଆଗରୁ ଚାକିରୀ ବିକି ଦିଅନ୍ତି । ନବୀନ ସରକାର ଏକ ଚାକିରୀ ବିକ୍ରେତା ସରକାର । ଷ୍ଟାଫସିଲେକସନ କମିଶନ ମହାଦୁର୍ନୀତିରେ କେବଳ ଏକ କିରାଣୀଙ୍କୁ ଧରି ନବୀନ ସରକାର ଆତ୍ମସନ୍ତୋଷ ନେଉଛି । ଅନ୍ୟ ସମସ୍ତ ଅପରାଧି ନବୀନ ବାବୁଙ୍କ ଛତ୍ରଛାୟା ତଳେ ନିର୍ଭୟରେ ଅଛନ୍ତି । ଷ୍ଟାଫ ସିଲେକସନ କମିଶନର ଦୁର୍ନୀତିର ଚେର ତୃତୀୟ ମହଲା ପର୍ଯ୍ୟନ୍ତ ଲମ୍ବିଛି । ଭିଜିଲାନ୍ସ ବିଭାଗର ତୃତୀୟ ମହଲା ପର୍ଯ୍ୟନ୍ତ ହାତ ପାଇବ ନାହିଁ । ୨୧ବର୍ଷ ହେଲା ସମୁଦାୟ ସରକାରୀ ଚାକିରୀର ୯୦ ପ୍ରତିଶତ ନବୀନ ସରକାର ବିକି ଦେଇଛନ୍ତି । ଆଜିର ଷ୍ଟାଫ ସିଲେକସନ ଅଧକ୍ଷ ଓ ସଭ୍ୟ ଏବଂ ୨୧ ବର୍ଷ ମଧ୍ୟରେ ଯେଉଁମାନେ ଏହି ଦାୟୀତ୍ୱରେ ଥିଲେ ସେ ସମସ୍ତଙ୍କୁ ତଦନ୍ତ ପରିସରକୁ ଆଣିବାକୁ ଛାତ୍ର କଂଗ୍ରେସ ଦାବି କରୁଛି । ସାରା ରାଜ୍ୟରେ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଗରେ ଏ ସମ୍ପର୍କରେ ଛାତ୍ର ମାନଙ୍କୁ ସଚେତନ କରିବା ଛାତ୍ର କଂଗ୍ରେସର ଲକ୍ଷ୍ୟ । ବେକାର ଯୁବକ ମାନଙ୍କୁ ନ୍ୟାୟ ଦେବା ସହ ଏ ସମସ୍ତ ଦୁର୍ନୀତିରେ ସଂପୃକ୍ତ ଉଚ୍ଚପଦସ୍ଥ ଅଫିସର ଓ ରାଜନେତାଙ୍କୁ ଦଣ୍ଡିତ କରିବା ସହ ବର୍ତମାନର ଷ୍ଟାଫସିଲେକସନ କମିଶନର ଅଧକ୍ଷଙ୍କୁ ତୁରନ୍ତ ବହିଷ୍କାର କରାଯାଇ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ଛାତ୍ର କଂଗ୍ରେସ ।

## ରନ୍ଧନଗ୍ୟାସ୍‌ର ମୂଲ୍ୟବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର,୫/୯ (ନି.ପ୍ର): ରନ୍ଧନଗ୍ୟାସ୍‌ର କ୍ରମାଗତ ଓ ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ଶନିବାର ଦିନ ରାଜଧାନୀ ଭୁବନେଶ୍ୱରରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକ କରାଯାଇଛି । ପୂର୍ବାହ୍ନରେ ଶତାଧିକ ସିପିଆଇ କର୍ମୀ ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ସେମାନେ ରନ୍ଧନଗ୍ୟାସ୍‌ର ମୂଲ୍ୟବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ଼ମାନ ହାତରେ ଧରିବା ସଙ୍ଗେ ସଙ୍ଗେ ଗ୍ୟାସ୍ ସିଲିଣ୍ଡରକୁ ମୁଣ୍ଡରେ ମୁଣ୍ଡାଇଥିବା ଦେଖାଯାଇଥିଲା । ଶୋଭାଯାତ୍ରାକାରୀମାନେ ଅଶୋକନଗର ଅଂଚଳ ପରିକ୍ରମା କରି ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତାଉପରେ ବସିରହି ରାସ୍ତାରୋକ ଆନ୍ଦୋଳନ କରିବା ଫଳରେ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା । ସେଠାରେ ସିପିଆଇ ଭୁବନେଶ୍ୱର ଜୋନ୍ ସଂପାଦକ ସୁରଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ରନ୍ଧନଗ୍ୟାସ୍‌ର ଦରବୃଦ୍ଧି ଗୃହିଣୀମାନଙ୍କ ହାଣ୍ଡିଶାଳ ଉପରେ ବୋମାମାଡ଼ ସଦୃଶ ବୋଲି ମତଦେଇ, ମୋଦି ଶାସନ କ୍ଷମତାକୁ ଆସିବା ପରେ ସିଲିଣ୍ଡର ପିଛା ୫୦୦ଟଙ୍କା ଦର ବଢ଼ିଛି ଏବଂ ୨୦୨୧ ମସିହାର ୯ ମାସ ମଧ୍ୟରେ କେବଳ ୨୦୦ଟଙ୍କା ବଢ଼ିଛି ବୋଲି କହି କେନ୍ଦ୍ର ସରକାରର ତୀବ୍ର ସମାଲୋଚନା କରିଥିଲେ ।

## ରାଜ୍ୟର ୩୦ଟି ଜିଲ୍ଲାରେ ପ୍ରତିଷ୍ଠା ହେବ ବିଜ୍ଞାନ କେନ୍ଦ୍ର

ଭୁବନେଶ୍ୱର,୫/୯ (ନି.ପ୍ର): ରାଜ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରାଇବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟର ୩୦ ଟି ଜିଲ୍ଲାର ପ୍ରତିଷ୍ଠା ହେବ ବିଜ୍ଞାନ କେନ୍ଦ୍ର । ରାଜ୍ୟର ବିଜ୍ଞାନ ଶିକ୍ଷକ ମାନଙ୍କୁ ଟ୍ରେନିଂ ଦେବା ପାଇଁ ବାଙ୍ଗାଲୋର ପଠାଯିବ । ପ୍ରଥମ ପର୍ଯ୍ୟାୟରେ ୨୪ ତାରିଖରେ ଫାଷ୍ଟ ଫେଜରେ କିଛି ଶିକ୍ଷକ ମାନଙ୍କୁ ବାଙ୍ଗାଲୋର ପଠାଯିବା ନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ବିଧାନସଭାର ପ୍ରଶ୍ନକାଳରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ।

## ଦଳୀୟ କାର୍ଯ୍ୟାଳୟ ଲାଗି ୧୨.୩୮ କୋଟି ଦେଇ ବିଜେଡି ଓ ୨୫.୮୧ କୋଟି ଟଙ୍କା ଦେଇ ବିଜେପି ଜମି ଲିଜରେ ନେଇଛନ୍ତି

ଭୁବନେଶ୍ୱର,୫/୯ (ନି.ପ୍ର): ବିଜେଡିକୁ ୧ ଏକର ୧୮୩ ଡିସିମିଲ ଜାଗା ଯୋଗାଇ ଦିଆଯାଇଛି । ବେଞ୍ଚ ମାର୍କ ଅନୁଯାୟୀ ଏକର ପିଛା ୧୦ କୋଟି ୪୭ ଲକ୍ଷ ଟଙ୍କା ଦରରେ ଏହି ଜମି ଯୋଗାଇ ଦିଆଯାଇଛି । ବିଜେଡି ୧୨ କୋଟି ୩୮ ଲକ୍ଷ ଟଙ୍କା ଦେଇ ଏହି ଜମି ଲିଜ ସୂତ୍ରରେ ନେଇଥିବା ବେଳେ ୨୫ କୋଟି ୮୧ ଲକ୍ଷ ଟଙ୍କା ଦେଇ ଦୁଇଟି ପ୍ଲଟ ବିଜେପି ଲିଜ ସୂତ୍ରରେ ନେଇଛି । ରାଜନୈତିକ ଦଳମାନଙ୍କୁ ଦଳୀୟ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଜମି ଯୋଗାଇ ଦିଆଯାଇଥିବା ନେଇ ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଅତୀତରେ ରାଜଧାନୀ ଭୁବନେଶ୍ୱରରେ ଦଳୀୟ କାର୍ଯ୍ୟାଳୟ ପାଇଁ ୧୯୬୪ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଏକର ପିଛା ୧୦ ହଜାର ଟଙ୍କା ହିସାବରେ ୫ ହଜାର ଟଙ୍କା ମୂଲ୍ୟରେ ୫୦୦ ଡିସିମିଲ, ୧୯୯୨ ମସିହାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଏକର ପିଛା ୧ ଲକ୍ଷ ଟଙ୍କା ହିସାବରେ ୧୭ ହଜାର ୭ ଶହ ୯୧ ଟଙ୍କା ୪୫ ପଇସା ମୂଲ୍ୟରେ ୧୭୮ ଡିସିମିଲ ଏବଂ ୧୯୯୮ ମସିହାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏକର ପିଛା ୬ ହଜାର ୬୦୦ ଟଙ୍କା ହିସାବରେ ୮ ଶହ ୬୧ ଟଙ୍କା ୩୪ ପଇସା ମୂଲ୍ୟରେ ୧୨୯ ଡିସିମିଲ ପରିମିତ ସରକାରୀ ଜମି ଲିଜ୍ ସୂତ୍ରରେ ନେଇଥିଲେ । ଏହି ବର୍ଷ ବିଜୁ ଜନତା ଦଳ ପ୍ରଚଳିତ ବେଂଚ ମାର୍କ ଭାଲୁଏସନ୍ ମୁତାବକ ଧାର୍ଯ୍ୟ ଏକର ପିଛା ୧୦ କୋଟି ୪୭ ଲକ୍ଷ ଟଙ୍କା ହିସାବରେ ୧୨ କୋଟି ୩୮ ଲକ୍ଷ ୬୦ ହଜାର ୧୦୦ ଟଙ୍କା ମୂଲ୍ୟରେ ୧ ଏକର ୧୮୩ ଡିସିମିଲ ଏବଂ ଭାରତୀୟ ଜନତା ପାର୍ଟି ଏକର ପିଛା ବେଞ୍ଚମାର୍କ ଭାଲୁଏସନ୍ ୧୬ କୋଟି ୬୦ ଲକ୍ଷ ଟଙ୍କା ହିସାବରେ ୯୦୯ ଡେସିମିଲ୍ ଜମି ପାଇଁ ୧୫ କୋଟି ୮ ଲକ୍ଷ ୯୪ ହଜାର ଟଙ୍କା ଏବଂ ଏକର ପିଛା ବେଂଚମାର୍କ ଭାଲୁଏସନ ୨୯ କୋଟି ଟଙ୍କା ହିସାବରେ ୩୭୦ ଡେସିମିଲ୍ ଜମି ପାଇଁ ୧୦ କୋଟି ୭୩ ଲକ୍ଷ ଟଙ୍କା ଏହି ଭଳି ମୋଟ ୨୫ କୋଟି ୮୧ ଲକ୍ଷ ୯୪ ହଜାର ଟଙ୍କା ଜମା କରି ୧ ଏକର ୨୭୯ ଡିସିମିଲ ସରକାରୀ ଜମି ଲିଜ୍ ସୂତ୍ରରେ ନେଇଛନ୍ତି ।

# ୨୨ କଂଗ୍ରେସ ସେବାଦଳ କର୍ମକର୍ତ୍ତା ପାଇବେ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ

ଭୁବନେଶ୍ୱର,୫/୯ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ, ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ଦୀର୍ଘଦିନ ଧରି ନିଷ୍ଠାପର ଭାବେ କାର୍ଯ୍ୟ କରିଥିବା ୨୨ ଜଣ କର୍ମକର୍ତାଙ୍କୁ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ ପାଇବେ । ଆସନ୍ତା ୧୬ ତାରିଖ ଦିନ କଂଗ୍ରେସ ଭବନ ଠାରେ, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ସେମାନଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି ପ୍ରଦେଶ କଂଗ୍ରେସ ସେବାଦଳ ଅଧକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

ସମ୍ବର୍ଦ୍ଧିତ ହେବାକୁ ଥିବା କର୍ମକର୍ତା ମାନେ ହେଲେ ସର୍ବଶ୍ରୀ ବାସୁଦେବ ପରିଡ଼ା, ରବିନ୍ଦ୍ର କୁମାର ଦେବଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ, ଯୁଗଳ କିଶୋର ବେହେରା, ରାଜକିଶୋର ରାଉତ, ସୁଶ୍ରୀ ତୃପ୍ତି ଦାସ, ଶ୍ରୀମତୀ ମଳୟ ମଞ୍ଜରି ମହାପାତ୍ର, ଶ୍ରୀମତୀ ବିଜୟ ଲକ୍ଷ୍ମୀ ମହାପାତ୍ର, ନବକିଶୋର ପଟେଲ, ଶ୍ୟାମବନ୍ଧୁ କର, ବୈଦ୍ୟନାଥ ସାହୁ, କାଳନ୍ଦୀ ଚରଣ ମହାପାତ୍ର, ବସନ୍ତ କୁମାର ମହପାତ୍ର, ଧିରେନ ଦାସ, ମାଧବ ଚନ୍ଦ୍ର ବିଶ୍ୱାଳ, ଅଶୋକ କୁମାର ଶଡ଼ଙ୍ଗୀ, ଗୋରୀ ଶଙ୍କର ମହାପାତ୍ର, ମୁରଲି ମନୋହର ଯାଦବ, ପବିତ୍ର ମୋହନ ବେହେରା, ଡମ୍ବୁରଧର ଛତ୍ରିଆ ଓ ଜୀବନ କୁମାର ମହାପାତ୍ର ।

## ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୫/୯ (ନି.ପ୍ର): ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କ ସହ ଏକ ଫଟୋ ସେୟାର କରି ଉଲ୍ଲେଖ କରିଛନ୍ତି ଯେ ଟୋକିଓ ୨୦୨୦ ର ପାରା ବ୍ୟାଡମିଂଟନ୍ ରେ ଦେଶର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର ପ୍ରତିଭା ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା । ତୁମ ସଫଳତା ସାରା ଦେଶକୁ ଗୌରବାନ୍ୱିତ କରିଛି । ଆଗାମୀ ଦିନରେ ତୁମର ଆହୁରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

## ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍‌ରେ କନ୍ଧ ଜନଜାତିଙ୍କ ଘର

ଭୁବନେଶ୍ୱର,୫/୯ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଆସନ୍ତାକାଲି ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ କନ୍ଧ ଜନଜାତିଙ୍କ ଘର ଦେଖିପାରିବେ । ଏସ୍‌ସିଏସ୍‌ଟି ଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହି ସୂଚନା ଦେଇଛନ୍ତି । ଓଡ଼ିଶାରେ ଜନଜାତିଙ୍କ ମଧ୍ୟରେ କନ୍ଧ ଜନଜାତିଙ୍କ ସଂଖ୍ୟା ସବୁଠାରୁ ଅଧିକ । ଏମାନେ ଦକ୍ଷିଣ ଓଡ଼ିଶା ବିଶେଷତଃ ରାୟଗଡ଼ା, କନ୍ଧ ମାଳ, କଳାହାଣ୍ଡି, କୋରାପୁଟ ଜିଲ୍ଲା ରେ ବସବାସ କରିଥାନ୍ତି । ନିର୍ଦ୍ଦିଷ୍ଟ ଅଂଚଳ ରେ କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ଦେଶିଆ କନ୍ଧ ଆଦି ବାସ କରନ୍ତି । ସେମାନେ 'କୁଇ' ଓ 'କୁଭି' ଭାଷାରେ କଥା ହୁଅନ୍ତି । କନ୍ଧମାନଙ୍କର ଘର ହେଉଛି ଚତୁର୍ଭୁଜାକାର । ସେମାନଙ୍କ ଘରେ ଝରକା ନଥାଏ ଓ ଚଉଡ଼ା ବାରଣ୍ଡା ରହିଥାଏ । ମୁଖ୍ୟ ରହିବା ଘରେ କାଠରେ ତିଆରି ବେଦି ପରି ଉଚ୍ଚସ୍ଥାନରେ ଶସ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଥାଏ । ରନ୍ଧନଶାଳାରେ ଚୁଲି ଓ ପୂଜା ପାଇଁ ସ୍ଥାନ ରଖାଯାଇଥାଏ । କନ୍ଧ ଜନଜାତିଙ୍କର ଘର ପଛପଟେ ଗୃହପାଳିତ ପଶୁ ରଖିବାର ବ୍ୟବସ୍ଥା କରାଯାଇଥାଏ ।

## ପୂର୍ବତନ ପିସିସିଏଫ୍ ଲକ୍ଷ୍ମୀକାନ୍ତ ଜଗଦେବଙ୍କ ପରଲୋକ

ଭୁବନେଶ୍ୱର,୫/୯ (ନି.ପ୍ର): ରାଜ୍ୟ ବନ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ବନ ସଂରକ୍ଷକ ଲକ୍ଷ୍ମୀକାନ୍ତ ଜଗଦେବଙ୍କର ଗତକାଲି (ଗୁରୁବାର) ସକାଳ ୯ଟା ୩୩ ରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ଗତ କିଛି ସପ୍ତାହ ହେବ ଅସୁସ୍ଥତାହେତୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ସହୀଦନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ସ୍ୱର୍ଗତ ଜଗଦେବଙ୍କ ପୁଅ ଜଗନ୍ନାଥ ପ୍ରସାଦ ଜଗଦେବ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ବେଳକୁ ତାଙ୍କର ପତ୍ନୀ , ଜାମାତା ତଥା କର୍ଣ୍ଣାଟକ ମୁଖ୍ୟ ଶାସନ ସଚିବ ସୁବାଷ ଚନ୍ଦ୍ର ଖୁଂଟିଆ, ଜୟଦୀପ ଦାସ, ପ୍ରତ୍ୟୁଷ ମହାନ୍ତି, କନ୍ୟା ପଦ୍ମଜା, ସ୍ମିତା ଓ ଶ୍ୱେତା, ବୋହୂ ସସ୍ମିତା ଏବଂ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ ।

# ୩ୟ ଲହର ମୁକାବିଲା ପ୍ରସ୍ତୁତି ପରିବର୍ତ୍ତେ ପ୍ରଚାରରେ ବ୍ୟସ୍ତ ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୫/୯ (ନି.ପ୍ର): ବୈଶ୍ୱିକ ମହାମାରୀ କୋଭିଡ୍ ସଂକ୍ରମଣର ପ୍ରଥମ ଓ ଦ୍ୱିତୀୟ ଲହର ସମୟରେ ଓଡ଼ିଶାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପଦାରେ ପଡ଼ିଛି । ରାଜ୍ୟରେ ଶାସକ ଦଳ ମୁକାବିଲା ପାଇଁ ପ୍ରସ୍ତୁତି ରହିବା ପରିବର୍ତ୍ତେ ବାସ୍ତବ ସ୍ଥିତିରୁ ବହୁ ଦୂରରେ ରହି କେବଳ ପ୍ରଚାର କାମରେ ବ୍ୟସ୍ତ ଅଛନ୍ତି । ବାସ୍ତବ ସ୍ଥିତିରେ ୩ୟ ଲହର ମୁକାବିଲା ପାଇଁ ରାଜ୍ୟ ସରକାର ଆଦୌ ପ୍ରସ୍ତୁତ ନାହାନ୍ତି ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି । ସାମ୍ଭାବ୍ୟ ତୃତୀୟ ଲହର ସଂକ୍ରମଣକୁ ନଜରରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତି କାର୍ଯ୍ୟକୁ ପରଖିବା ପାଇଁ ମହିଳା ମୋର୍ଚ୍ଚା ତରଫରୁ ଜିଲ୍ଲା ସଭାନେତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଜିଲ୍ଲା ୩୦ଟି ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସମେତ କଟକ ଏବଂ ଭୁବନେଶ୍ୱରରେ ଥିବା ଶିଶୁଭବନକୁ ପରିଦର୍ଶନ କରିବା ସହ ବାସ୍ତବ ସ୍ଥିତି ପରଖି ଥିଲେ । ୩ୟ ଲହର ମୁକାବିଲା ପ୍ରସଙ୍ଗରେ ପ୍ରସ୍ତୁତିକୁ ନେଇ ରାଜ୍ୟ ସରକାର କରୁଥିବା ଘୋଷଣା ଏବଂ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଭିନ୍ନ ଅଟେ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । କୋଭିଡ୍ ପରିଚାଳନା ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ଯୋଗାଇ ଦେଉଥିବାବେଳେ ରାଜ୍ୟ ସରକାର ରାଜ୍ୟରେ ସ୍ୱାସ୍ଥ୍ୟସେବା ଭିତିଭୂମି ସଜାଡିବରେ ବିଫଳ ହୋଇଛନ୍ତି । ରାଜ୍ୟର ଅନେକ ଡାକ୍ତରଖାନାରେ ଶିଶୁ ରୋଗ ବିଶେଷଜ୍ଞ ନାହାନ୍ତି । ସେହିପରି ଭେଂଟିଲେଟର, ଇନ୍‌କ୍ୟୁଭେଟର, ସକ୍‌ସର୍, ଏବିଜି, ଲାଇଭ ସେଭିଂ ମେଡିସିନ, ଆଇସିୟୁର ବ୍ୟବସ୍ଥା ସଠିକ୍ ଢଙ୍ଗରେ ହୋଇନାହିଁ । ରାଜ୍ୟରେ 'ଡେଡିକେଟେଡ୍ ଚାଇଲ୍ଡ କେୟାର ୱାର୍ଡ' କେତେ ଖୋଲାଯାଇଛି, ତାହା ରାଜ୍ୟ ସରକାର ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀମତୀ ପଟ୍ଟନାୟକ ଦାବୀ କରିଛନ୍ତି । ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଆୟୁଷ୍ମାନ ଭାରତ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ମହିଳା ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟ କଂଗ୍ରେସ ସେବାଦଳର ମୁଖପାତ୍ର ଓ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୫/୯ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ରାଜ୍ୟ ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ରାଜ୍ୟ କଂଗ୍ରେସ ସେବାଦଳର ମୁଖପାତ୍ର ଭାବେ ହାଇକୋର୍ଟର ଓକିଲ ତଥା କବି ଦୁଃଖୀ ଶ୍ୟାମ ଦାସଙ୍କୁ, ସାମାଜିକ ଗଣମାଧ୍ୟମର ମୁଖ୍ୟ ସଂଯୋଜକ ଭାବେ ଶୁଶାନ୍ତ କୁମାର ମହାରଣା ଓ ସମାଜ ସେବା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଭାବେ ଇଂଜିନିୟର ବିବେକାନନ୍ଦ ପାତ୍ର ସଂଯୋଜକ ଭାବେ ଶୁଶାନ୍ତ କୁମାର ପଣ୍ଡା ଓ ଓକିଲ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ମନୋନୀତ କରିଛନ୍ତି ।

# ଆସନ୍ତା ଶିକ୍ଷାବର୍ଷରୁ ଓଡିଆରେ ଇଂଜିନିୟରିଂ ଶିକ୍ଷା ଆରମ୍ଭ

### ଶୀଘ୍ର ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଅଧକ୍ଷଙ୍କ ଗୁରୁତ୍ୱ

ଭୁବନେଶ୍ୱର,୫/୯ (ନି.ପ୍ର): ଆସନ୍ତା ଶିକ୍ଷାବର୍ଷରେ ଓଡିଆରେ ଇଂଜିନିୟରିଂ ଶିକ୍ଷାପାଇଁ ଆବଶ୍ୟକୀୟ ପାଠ୍ୟପୁସ୍ତକ ପ୍ରସ୍ତୁତି ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦର ଅଧକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେଙ୍କ ଦ୍ୱାରା ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଯାଇଛି । ଏହି ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରି ସେ ୮ ଟି ଭାରତୀୟ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ପ୍ରଦାନ ଉପରେ ବିସ୍ତୃତ ସୂଚନା ଦେବା ସହିତ ଓଡିଆ ସମେତ ଅନ୍ୟ ୪ ଟି ଭାଷାରେ ଅନୁବାଦପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ । ଜଣେ ଛାତ୍ର ଏକ ନିର୍ଦ୍ଦିଷ୍ଟ ଭାଷା ପୃଷ୍ଠଭୂମିରୁ ଆସି ଉଚ୍ଚଶିକ୍ଷା ପାଇଁ ବୈଷୟିକ ଶିକ୍ଷା ଗ୍ରହଣ କଲାବେଳେ ଇଂରାଜୀରେ ବୁଝିବା ଅସୁବିଧା ହେଉଥିବାରୁ ବୈଷୟିକ ଶିକ୍ଷା ପରିଷଦ ମାତୃଭାଷାରେ ଶିକ୍ଷାଦାନ ସାମଗ୍ରୀ ଯୋଗାଇବା ପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିଛି, ଯେଉଁଥିରେ ସମସ୍ତ ବୈଷୟିକ ଶବ୍ଦଗୁଡ଼ିକ ଇଂରାଜୀରେ ଏକ ଅନୁବାଦିତ ରୂପରେ ରହିବ । ବିଦ୍ୟାର୍ଥୀର ବୁଝିବା ସହଜ ହେବାପରେ ଏହାର ଉପସ୍ଥାପନାପାଇଁ ଇଂରାଜୀ ଭାଷା ଶିକ୍ଷା ବାଧ୍ୟତାମୂଳକ ରହିବ । ବୈଷୟିକ ଶିକ୍ଷା ପରିଷଦର ସ୍ୱୀକୃତିପ୍ରାପ୍ତ ଇଞ୍ଜିନିୟରିଂ କଲେଜରେ କେବଳ ମାତୃଭାଷାରେ ଶିକ୍ଷା ପାଇବାପାଇଁ ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ । ଏହିସବୁ କଲେଜ ପରିଷଦ ଅନୁମୋଦିତ ପାଠ୍ୟପୁସ୍ତକକୁ ପ୍ରଚଳନ କରିବେ ବୋଲି ସେ ସୂଚନା ଦେଇଥିଲେ । ଅନୁବାଦିତ ବୈଷୟିକ ଓଡିଆ ପୁସ୍ତକର ସଠିକ ଭାଷା ପ୍ରୟୋଗ ହୋଇ ନ ଥିଲେ ତାହା ପାଠ୍ୟ ଉପଯୋଗୀ ହୋଇପାରିବନାହିଁ ବୋଲି ଡକ୍ଟର ସୁବ୍ରତ ପୃଷ୍ଟି ସୂଚନା ଦେଇଥିବାବେଳେ ଉପଯୁକ୍ତ ଅନୁବାଦପାଇଁ ଶିକ୍ଷକ ଏବଂ ବିଭିନ୍ନ ଅବସରପ୍ରାପ୍ତ ଆଇଆଇଟି ପ୍ରଫେସର ଏହି ଅନୁବାଦ ପ୍ରକ୍ରିୟାରେ ଯୋଗଦାନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ପ୍ରଫେସର ଓଁକାରନାଥ ମହାନ୍ତି କହିଥିଲେ । ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଭିଜ୍ଞ ଭାଷା ମଣ୍ଡଳୀଦ୍ୱାରା ଏହି ଅନୁବାଦ ପୁସ୍ତକର ଭାଷା ସଂଶୋଧନ କରାଯାଇ ପାରିଲେ ଖୁବ ଶୀଘ୍ର ଏହି କାର୍ଯ୍ୟ ସମ୍ପାଦିତ ହୋଇ ଆସନ୍ତାବର୍ଷ ଓଡିଆରେ ବୈଷୟିକ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇପାରିବ ପ୍ରଫେସର ନଟବର ଶତପଥୀ ପରାମର୍ଶ ଦେଇଥିଲେ । ଇଞ୍ଜିନିୟରିଂ ପାଠ୍ୟକ୍ରମ ଶିକ୍ଷା କରୁଥିବା ବିଦ୍ୟାର୍ଥୀଙ୍କପାଇଁ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ସହିତ ମିଳିତ ଭାବରେ ବୈଷୟିକ ଶିକ୍ଷା ପରିଷଦ ଓଡିଆରେ ବୈଷୟିକ ଶବ୍ଦକୋଷ ପ୍ରସ୍ତୁତ କରିପାରିଲେ ଏହା ସମସ୍ତ ଅନୁବାଦକ ଓ ବିଦ୍ୟାର୍ଥୀଙ୍କୁ ସାହାଯ୍ୟ କରିବା ସହିତ ଅନୁବାଦରେ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରିବ ବୋଲି ପ୍ରଫେସର ଅଜିତ ନାୟକ କହିଥିଲେ । ଏହି ପରିପ୍ରେକ୍ଷୀରେ ଓଡିଆ ଭାଷା ଶିକ୍ଷାଦାନପାଇଁ ଆବେଦନ କରିବାକୁ ଅଣ-ସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ଅଧକ୍ଷଙ୍କୁ ଓପେକାର ସଚିବ ଶ୍ରୀ ବିନୋଦ ଦାଶ ଅନୁରୋଧ କରିଥିଲେ । ଏହି ବୈଠକରେ ଭାରତର ପ୍ରାକ୍ତନ ରାଷ୍ଟ୍ରଦୂତ ତଥା ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧକ୍ଷ ଶ୍ରୀଯୁକ୍ତ ଅବସର ବେଉରିଆ, ପ୍ରଫେସର ଓଁକାରନାଥ ମହାନ୍ତି, ଡକ୍ଟର ସୁବ୍ରତ ପୃଷ୍ଟି, ଡକ୍ଟର ସିପ୍ରା ମଲ୍ଲିକ, ପ୍ରଫେସର ନଟବର ଶତପଥୀ, ବିଜୁପଟ୍ଟନାୟକ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ପ୍ରତିନିଧି ପ୍ରଫେସର ଶିବକୁମାର ମିଶ୍ର, ବୀର ସୁରେନ୍ଦ୍ରସାୟ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝି, ସୋଆ ବିଶ୍ୱଦ୍ୟାଳୟର କମ୍ପୁଟର ବିଭାଗର ମୁଖ୍ୟ ପ୍ରଫେସର ଅଜିତ ନାୟକ ଓଡିଶା ସରକାରଙ୍କ ବୈଷୟିକ ଶିକ୍ଷା ଉପନିର୍ଦ୍ଦେଶକ ଡକ୍ଟର ମନୋରଂଜନ ସାମଲ ଉପସ୍ଥିତ ହୋଇ ନିଜର ମତ ରଖିଥିଲେ । ଶେଷରେ ଉକ୍ତ ବୈଠକରେ ଉପସ୍ଥିତ ରହି ଓଡିଆରେ ବୈଷୟିକ ପାଠ୍ୟପୁସ୍ତକ ରଚନାର ସମସ୍ତ ଦିଗ ଉପରେ ଆଲୋକପାତ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଓଡିଆ ଭାଷା ଅନୁବାଦ ବିଶେଷଜ୍ଞଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରିବାକୁ ପ୍ରଫେସର ସହସ୍ରବୁଦ୍ଧେ ପରାମର୍ଶ ଦେଇଥିଲେ ।

# ଓଡ଼ିଶା ଷ୍ଟାଫ ସିଲେକସନ କମିଶନ କେଲେଙ୍କାରୀର ଏସଆଇଟି ତଦନ୍ତ ହେଉ : ନରସିଂହ ମିଶ୍ର

ଭୁବନେଶ୍ୱର,୫/୯ (ନି.ପ୍ର): ରାଜ୍ୟରେ ସ୍ୱଚ୍ଛତାର ସହ ସରକାରୀ କର୍ମଚାରୀଙ୍କ ନିଯୁକ୍ତି ପାଇଁ ୧୯୯୩ ରେ ଓଡ଼ିଶା ଷ୍ଟାଫ ସିଲେକସନ କମିଶନ ଗଠନ କରାଯାଇଥିଲା । ମାତ୍ର ବିଡମ୍ବନା ଯେ ଏହି ଉଦ୍ଦେଶ୍ୟ ସଂପ୍ରତି ପରାଭୂତ ହୋଇଛି । ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏହି ବିଭାଗର ମନ୍ତ୍ରୀ । ଅତୀତରେ ଏହି ସଂସ୍ଥାରେ ପୂର୍ବତନ ଡିଜି ଗୋପାଳ ନନ୍ଦ ଏବଂ ପୂର୍ବତନ ମୁଖ୍ୟ ଶାଚନ ସଚିବ ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ଭଳି ଦକ୍ଷ ଏବଂ ସଚ୍ଚୋଟ ବ୍ୟକ୍ତିବିଶେଷଙ୍କୁ ଏହି ଦାୟୀତ୍ୱ ଦିଆଯାଇଥିବା ବେଳେ ବର୍ତମାନ ସରକାର କ'ଣ ପାଇଁ ସାଧାରଣରେ ଦୁର୍ନୀତିଗ୍ରସ୍ତ ବୋଲି ବିବେଚିତ ହେଉଥିବା ବ୍ୟକ୍ତିଙ୍କୁ ଏହି ପଦବୀରେ ରଖିଛନ୍ତି । ବିଧାନ ସଭାରେ, "ବ୍ୟକ୍ତିଗତ ସଚିବ ଚାକିରୀ ଦିଅନ୍ତି ନାହିଁ" ମୁଖ୍ୟମନ୍ତ୍ରୀଙ୍କ ତରଫରୁ ମାନ୍ୟବର ସଂସଦୀୟ ବେପାରମନ୍ତ୍ରୀ ଦେଇଥିବା ସଫେଇ ହାସ୍ୟାସ୍ପଦ । ଏହା ଅତି ସାଧାରଣ କଥା ଓ ଏକଥା କିଏ ନ ଜାଣେ ? ବିନା ଅଧକ୍ଷ ଏବଂ କମିଶନ ସଦସ୍ୟଙ୍କ ପ୍ରୋତ୍ସାହନରେ ବ୍ୟାପମ ଭଳି ଏପରି ମହାଦୁର୍ନୀତି ସମ୍ଭବ ନୁହେଁ । ସୁତରାଂ ଉଭୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ଓ ପଦବୀରୁ ବହିଷ୍କାର କରାଯାଉ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସବୁ ବେଳେ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ଦମ୍ଭୋକ୍ତି କରୁଛନ୍ତି । କିନ୍ତୁ ମୁଁ ବିଧାନସଭାରେ ଆଣିଥିବା ଏ ସଂକ୍ରାନ୍ତ ଅଭିଯୋଗ ଉପରେ ତଦନ୍ତ କରାଯିବାର ଜବାବ ତାଙ୍କ ତରଫରୁ ମାନ୍ୟବର ମନ୍ତ୍ରୀ ଦେଇ ନାହାନ୍ତି । ରାଜ୍ୟରେ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଥିବା ଓଡ଼ିଶା ଷ୍ଟାଫସିଲେକସନଙ୍କ ବ୍ୟକ୍ତିଗତ ସଚିବ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଗଣମାଧ୍ୟମର ଚାପ ଏବଂ ଓଡ଼ିଶାବାସୀଙ୍କର ଆକ୍ରୋଷରୁ ବଂଚିବା ଉଦ୍ଦେଶ୍ୟରେ ସରକାର ବ୍ୟକ୍ତିଗତ ସଚିବଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗତ ଅଗଷ୍ଟ ୨ ତାରିଖ ଦିନ ପ୍ରଥମେ ତାଙ୍କୁ ନିଲମ୍ବନ କଲେ ଓ ସେହିଦିନ ତାଙ୍କୁ ଚାକିରୀରୁ ବାଧ୍ୟତାମୂଳକ ଭାବେ ଅବସର ଦେଲେ । ଏହାଦ୍ୱାରା ସରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଯେଉଁ ଆଇନଗତ ପନ୍ଥା ଅନୁସରଣ କରିବା କଥା ତାହା କରିନାହାନ୍ତି ଏହା ପରୋକ୍ଷରେ ସଂପୃକ୍ତ ବ୍ୟକ୍ତିଗତ ସଚିବଙ୍କୁ ସାହାଯ୍ୟ କରିଛନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରିସିଂହ ମିଶ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ସମ୍ପର୍କରେ ପ୍ରସ୍ତୁତ ମାର୍ଗଦର୍ଶିକା ପାଳନ କରାଯାଇ ନାହିଁ, ଏହା ଅଭିସନ୍ଧି ମୂଳକ । ସରକାର ପରୋକ୍ଷରେ ଅଭିଯୁକ୍ତ ବ୍ୟକ୍ତିଗତ ସଚିବଙ୍କୁ ସୁରକ୍ଷା ଦେବା କିମ୍ବା ନିଜର ସଂପୃକ୍ତିକୁ ଲୁଚାଇବା ପାଇଁ ଚତୁରତାର ସହ ଏପରି ଉଦ୍ୟମ କରିଛନ୍ତି । ଏପରି କ୍ଷେତ୍ରରେ ମୋର ଏବଂ ରାଜ୍ୟ ବାସୀଙ୍କର ଦୃଢ଼ ଧାରଣା ହୁଏ ଯେ ସରକାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି ବା ଏ ମହାଦୁର୍ନୀତିରେ ସାମିଲ ଅଛନ୍ତି । ଏହି ସମସ୍ତ ପ୍ରକ୍ରିୟାର ସତ୍ୟ ଉଦ୍‌ଘାଟନ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଏସଆଇଟି ତଦନ୍ତ କରିବାକୁ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ଦାବି କରିଛନ୍ତି । ରାଜ୍ୟ ଛାତ୍ର କଂଗ୍ରେସ ତରଫରୁ ଏହି ମହାକେଳେଙ୍କାରୀର ପ୍ରତିବାଦରେ ଆସନ୍ତା ସେପ୍ଟେମ୍ବର ୭ ରେ ବିଧାନ ସଭା ଘେରାଉ କରାଯିବାର ନିଷ୍ପତି ନିଆଯାଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମିଡ଼ିଆ ବିଭାଗ ମୁଖ୍ୟ ଗଣେଶ୍ୱର ବେହେରା ଓ ମୁଖପାତ୍ର ଆଡ଼ଭୋକେଟ ନିଶିକାନ୍ତ ମିଶ୍ର ଉପସ୍ଥିତ ଥିଲେ ।

# କୁଡୁମୀ ସେନାର ଦିଲ୍ଲୀ ଯାତ୍ରା

■ ଯନ୍ତର ମନ୍ତର ଠାରେ କଳାଦିବସ ପାଳିବ କୁଡୁମୀସେନା
■ କୁଡୁମୀ ଜାତିକୁ ଆଦିବାସୀ ତାଲିକା ଭୁକ୍ତ କରିବାକୁ ଦାବି




ବାରିପଦା,୦୫/୦୯ (ନି.ପ୍ର): ଆଜି ବାରିପଦା ଅମ୍ବିକା ମନ୍ଦିର ନିକଟରୁ କୁଡୁମୀ ସେନା ଓଡିଶା ପକ୍ଷରୁ ନୂଆଦୀଲ୍ଲୀ ଯାତ୍ରା ଆରମ୍ଭ ହୋଇଥିବାର ଜଣା ଯାଇଛି । କୁଡୁମୀ ଜାତିକୁ ପୁଣିଥରେ ଜନଜାତି ତାଲିକାରେ ସାମିଲ କରିବା ଦାବୀ ନେଇ ଏହି ଦିଲ୍ଲି ଯାତ୍ରା ଆରମ୍ଭ ହୋଇଛି । ସୂଚନା ମୁତାବକ ୧୯୫୦ ମସିହା ସେପଟ୍ଟେମ୍ବର ୬ତାରିଖରେ ଜନଜାତି ତାଲିକାରୁ କେନ୍ଦ୍ର ସରକାର କୁଡୁମୀ ଜାତିକୁ ବାଦ ଦେଇଥିଲେ । ଏହାପରେ ଶିକ୍ଷା ,ସ୍ୱାସ୍ଥ୍ୟ , ରୋଜଗାର ପରି ବିଭିନ୍ନ ଦୀଗରରେ ଏହି ଜାତି ପଛୁଆ ହୋଇ ରହିଯାଇଛି । ଯାହାକୁ ନେଇ କୁଡୁମୀ ଜାତି ରାଜ୍ୟ ଶାଖା ତରଫରୁ ଅନେକ ଥର ରାଜ୍ୟ ସରକାରଙ୍କ ଠାରୁ କେନ୍ଦ୍ର ସରକାର ପର୍ଯ୍ୟନ୍ତ ଦାବୀ ଜଣାଇଛନ୍ତି । ହେଲେ ରାଜ୍ୟ ସରକାର କେନ୍ଦ୍ରକୁ ମାନ୍ୟତା ଦାବୀ ସଂପର୍କରେ କୌଣସି ତଥ୍ୟ ନଦେବା ଯୋଗୁଁ ଆଜି ଯାଏ କୁଡୁମୀ ଜାତିର ଲୋକେ ପଛରେ ପଡି ରହିଥିବା କଥା କୁଡୁମୀ ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତ ପ୍ରକାଶ କରିଛନ୍ତି । ସେପଟେ ଓଡିଶା ସମେତ ପଶ୍ଚିମବଙ୍ଗ, ଝାରଖଣ୍ଡ, ଆସାମ, ଛତିଶଗଡ଼ ଏବଂ ବିହାର ଆଦି ରାଜ୍ୟରେ କୁଡୁମୀ (ମହାନ୍ତ) ସମ୍ପ୍ରଦାୟର ଲୋକମାନେ ବହୁଳ ଭାବେ ବସବାସ କରୁଛନ୍ତି । କେବଳ ଓଡିଶାରେ ହିଁ ଏଗାର ଗୋଟି ଜିଲ୍ଲାରେ ପ୍ରାୟ ୨୫ ଲକ୍ଷ କୁଡୁମୀ ଜାତିର ଲୋକମାନେ ବସବାସ କରିଥାଆନ୍ତି । ତେଣୁ କୁଡୁମୀ ସମ୍ପ୍ରଦାୟ କୁ ଆଦିବାସୀ ଜନଜାତି ରେ ସାମିଲ କରିବା ପାଇଁ ଦାବୀ ରହିଛି । ତେବେ ଜନଜାତିରୁ ବାଦ ପଡିଥିବା ଦିନ ସେପଟ୍ଟେମ୍ବର ୬ତାରିଖଟିକୁ ପ୍ରତିବର୍ଷ କଳାଦିବସ ରୁପେ କୁଡୁମୀ ସେନା ପାଳନ କରିଆସୁ ଥିବା ପରିପ୍ରେକ୍ଷୀରେ ଚଳିତ ବର୍ଷ ନୁଆଦିଲ୍ଲୀର ଯନ୍ତରମନ୍ତର ଠାରେ କଳାଦିବସ ପାଳନ ରେ ଯୋଗ ଦେବାକୁ ବସ ଯୋଗେ ବହୁ କୁଡୁମୀ ସେନାର ସଦଶ୍ୟ ଦିଲ୍ଲି ଅଭିମୁଖେ ଯାତ୍ରା କରିଥିବାର ଜଣା ଯାଇଛି ।

## କେନ୍ଦ୍ରାପଡାରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା,୦୫/୦୯ (ନି.ପ୍ର): କେନ୍ଦ୍ରାପଡା ସଦର ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ତରଫରୁ ସଂଯୋଜୋକ ଏସପାଲ ସୁତାରଙ୍କ ସଂଯୋଜନାରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ବାନାମ୍ବର ସାହୁ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ଗୋପିନାଥ ତ୍ରିପାଠୀ ମୁଖ୍ୟବକ୍ତା, ସଂପାଦକ ବିରେନ୍ଦ୍ର ସାମଲ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ସଂଗଠନକୁ କିପରି ଆହୁରି ମଜଭୁତ କରିବା ସଂପର୍କରେ ଆଲୋଚନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପିପିଲି ଲଢ଼େଇ, ଆରମ୍ଭ ହେଲା କସରତ....

ମିଳିଛି । ୨୦୧୯ ବିଧାନସଭା ନିର୍ବାଚନରେ ପିପିଲିରେ ପ୍ରାୟ ୧୬ ହଜାର ଭୋଟରେ ହାରିଥିବା ଆଶ୍ରିତ ପଟ୍ଟନାୟକ ଏଥର ପୁରା ଦମରେ ନିର୍ବାଚନକୁ ଓହ୍ଲାଇବା ପାଇଁ ଅଂଟା ଭିଡିଛନ୍ତି । ଦଳର ବରିଷ୍ଠ କର୍ମୀମାନଙ୍କୁ ନେଇ ବୈଠକ କରୁଛନ୍ତି ବିଜେପି ପ୍ରାର୍ଥୀ । ସେପଟେ କଂଗ୍ରେସ ଟିକଟରୁ ପ୍ରଥମ ଥର ପାଇଁ ନିର୍ବାଚନକୁ ଓହ୍ଲାଇଛନ୍ତି ବିଶ୍ୱକେତନ ହରିଚନ୍ଦନ ମହାପାତ୍ର । ଆଗରେ ବିଜେଡି ଓ ବିଜେପି ଭଳି ବଡ ବଡ ଆହ୍ୱାନ ଥିବାରୁ ରଣନୀତି ପ୍ରସ୍ତୁତି କରୁଛନ୍ତି ବିଶ୍ୱକେତନ । ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ପିପିଲିରେ ଉପ ନିର୍ବାଚନ ସ୍ଥିତ ହୋଇଥିଲା । କିନ୍ତୁ ଏପ୍ରିଲ ମାସରେ କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କ ହଠାତ୍ କରୋନାରେ ମୃତ୍ୟୁ ହୋଇଗଲା । ତେଣୁ ପିପିଲି ଉପ ନିର୍ବାଚନ ପୁଣି ଘୁଂଚି ଯାଇଥିଲା । ଏହା ପରେ କରୋନା ସଂକ୍ରମଣ ପାଇଁ ନିର୍ବାଚନ ସ୍ଥଗିତ ହୋଇଥିଲା । ସେପ୍ଟେମ୍ବର ୩୦ରେ ନିର୍ବାଚନ ହେବାକୁ ଥିବା ବେଳେ ଅକ୍ଟୋବର ୩ରେ ଫଳାଫଳ ପ୍ରକାଶ ପାଇବ ।

### ୭ ସେପ୍ଟେମ୍ବରରେ ଶିକ୍ଷକ ପର୍ବର ....

ଅନୁଯାୟୀ),କଥିତ ପୁସ୍ତକ (ଦୃଷ୍ଟିହୀନଙ୍କ ପାଇଁ ଅଡ଼ିଓ ବହି) ସିବିଏସଇର ବିଦ୍ୟାଳୟ ଗୁଣବତା ନିଶ୍ଚିତତା ଏବଂ ମୂଲ୍ୟାଙ୍କନ ରୂପରେଖ, ନିପୁଣ ଭାରତ ପାଇଁ ନିଷ୍ଠା ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ବିଦ୍ୟାଞ୍ଜଳି ପୋର୍ଟାଲର ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ ଶିକ୍ଷକ ପର୍ବ ୨୦୨୧ର ବିଷୟବସ୍ତୁ ହେଉଛି ଗୁଣବତା ଏବଂ ସ୍ଥାୟୀ ବିଦ୍ୟାଳୟ, ଭାରତର ବିଦ୍ୟାଳୟ ଗୁଡ଼ିକରୁ ଜ୍ଞାନ ଆହରଣ । ଏହି ସମ୍ମିଳନୀ କେବଳ ସମସ୍ତ ସ୍ତରରେ ଶିକ୍ଷାର ନିରନ୍ତରତାକୁ ସୁନିଶଚିତ କରିବା ପାଇଁ ନୁହେଁ, ବରଂ ଦେଶର ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ, ଅନ୍ତର୍ଭୁକ୍ତ ଅଭ୍ୟାସ ଏବଂ ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ଅଭିନବ ଉପାୟକୁ ଉତ୍ସାହିତ କରିବ ।

### ୨୪ ଘଂଟାରେ ବଙ୍ଗୋପସାଗରରେ....

ବାଲେଶ୍ୱର, ଭଦ୍ରକ, ଯାଜପୁର,କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ସମ୍ଭାବନା ରହିଛି । ସେପ୍ଟେମ୍ବର ୬ରୁ ୭ ତାରିଖ ମଧ୍ୟରେ ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ପୁରୀ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ମାଲକାନଗିରି, ରାୟଗଡ଼ା, ଖୋର୍ଧା, କଟକ, ଜଗତସିଂହପୁର, ମୟୂରଭଞ୍ଜ ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ସେପ୍ଟେମ୍ବର ୭ରୁ ୮ ତାରିଖ ମଧ୍ୟରେ ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ବହୁମୁଖୀ ପ୍ରତିଭାକୁ ଚିହ୍ନିବାରେ ଶିକ୍ଷକଙ୍କର....

କରିଥିଲେ । ସେ ଚାଟଶାଳି କିମ୍ବା ସରକାରୀ ବିଦ୍ୟାଳୟର ଶିକ୍ଷକ ନ ଥିଲେ ବରଂ ନିଜେ ପ୍ରେରଣା ହୋଇ ସମାଜକୁ ଶିକ୍ଷା ଦେବାର ପରମ୍ପରା ତିଆରି କରିଥିଲେ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏକବିଂଶ ଶତାବ୍ଦୀର ଭାରତର ଭାଗ୍ୟକୁ ପରିବର୍ତନ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବା ସମସ୍ତ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏକବିଂଶ ଶତାବ୍ଦୀରେ ଭାରତକୁ ରାଷ୍ଟ୍ରୀୟ ଶିକ୍ଷା ନୀତି ନୂଆ ଶିଖରକୁ ନେବା ପାଇଁ ଆମେ ସଙ୍କଳ୍ପବଦ୍ଧ । ଗୁରୁ ଦିବସରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସମସ୍ତଙ୍କୁ ପ୍ରେରଣା ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରିଥିବା ଓଡିଶାର ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଂଚଳର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଜିତ କୁମାର ସେଠୀ ଏବଂ ଭଦ୍ରକ ଜିଲ୍ଲାର ସରକାରୀ ବିଦ୍ୟାଳୟର ଅଶୋକ କୁମାର ଶତପଥୀଙ୍କୁ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇଥିଲେ ।

### ଅନ୍ଧାରୁଆରେ ଓଡିଶା ଆଦର୍ଶ ....

କରିବେ । ଏହି ସ୍କୁଲର ଛାତ୍ରଛାତ୍ରୀମାନେ ସେମାନଙ୍କର ସମସ୍ତ ଅନ୍ତର୍ନିହିତ ଗୁଣର ବିକାଶ କରି ବିଭିନ୍ନ କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଂଚିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ , ଆଦର୍ଶ ବିଦ୍ୟାଳୟ ସଗଠନର ଅଧକ୍ଷ ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।


## ବିଧାୟକଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

ବାଲିଆପାଳ,୦୫/୦୯ (ନି.ପ୍ର): ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଆଜି ବାଲିଆପାଳ ବ୍ଲକ କୁମ୍ଭାରୀ ପଂଚାୟତ ତାପୁଣ୍ଡିଆ ଠାରେ ୬୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏକ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ଉତ୍ସବରେ କୁମ୍ଭାରୀ ସରପଂଚ ଜୟନାରାୟଣ ମହାପାତ୍ର, କୁମ୍ଭାରୀ ପଂଚାୟତର ବିଜେଡି ସଭାପତି ରାଧାକୃଷ୍ଣ ଦାସମହାପାତ୍ର, ୨୧ ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟ ରବିନ୍ଦ୍ରନାଥ ଅଣ୍ଡିଆ, ବ୍ଲକ ଛାତ୍ର ବିଜେଡି ସଭାପତି ଲକ୍ଷ୍ମୀଧର ପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ଅଠରବାଟିଆ ଗ୍ରାମକୁ ରାଜସ୍ୱ ଗ୍ରାମ କରିବାକୁ ଗ୍ରାମାବସୀଙ୍କ ଦାବି

କେନ୍ଦ୍ରାପଡ଼ା,୦୫/୦୯ (ନି.ପ୍ର): ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ନରସିଂହପୁର ପଂଚାୟତରେ ଥିବା ଅଠର ବାଟିଆ ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ଗ୍ରାମାବସୀ ମାନେ ଦାବି କରିଛନ୍ତି । ଅଠରବାଟିଆ ଗ୍ରାମରେ ଭୋଟରଙ୍କ ସଂଖ୍ୟା ପ୍ରାୟ ୧୨୦୦ । ଏହି ଗ୍ରାମରେ ୩ଟି ୱାର୍ଡ ଅନ୍ତର୍ଭୁକ୍ତ । ଗ୍ରାମେର ଗୋଟିଏ ହାଇସ୍କୁଲ, ଗୋଟିଏ ଉଚ୍ଚ ପ୍ରାଥମିକ ସ୍କୁଲ ଓ ଗୋଟିଏ ପ୍ରାଥମିକ ସ୍କୁଲ ଅବସ୍ଥିତ । ଏଥି ସହିତ ମହାଦେବ ମନ୍ଦିର, ବଜ୍ର ମହାକାଳି ମନ୍ଦିର, ଜଗନ୍ନାଥ ମନ୍ଦିର ସହ ୨ଟି ଅଙ୍ଗନୱାଡି କେନ୍ଦ୍ର ଅବସ୍ଥାପିତ । ଏହି ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ କ୍ଷିରୋଦ ଚନ୍ଦ୍ର ଦାସ, ସଂଗ୍ରାମ କେଶରୀ ରାଉତ, ସନ୍ତୋଷ କୁମାର ପଣ୍ଡା, ଅବିନାଶ ପଣ୍ଡା, ବ୍ରଜ କିଶୋର ପଣ୍ଡା ପ୍ରମୁଖ ଦାବି କରିଛନ୍ତି ।

# କବି ଓ କଥାକାର ବ୍ରଜେନ୍ଦ୍ରନାଥ ଗିରିଙ୍କ 'ଏଇ ଅଳି ଶ୍ରୀ ଛାମୁରେ' ଭଜନ ପୁସ୍ତକ ଉନ୍ମୋଚିତ



ବାଲିଆପାଳ,୦୫/୦୯ (ନି.ପ୍ର): ଆଧୁନିକ ସାହିତ୍ୟରେ ଆଧାତ୍ମିକତା, ଧର୍ମୀୟ ଭାବନା ଓ ଭକ୍ତି ର ହ୍ରାସ ପାଇବା ବିଡମ୍ବନା ।କବି ଓ ସାହିତ୍ୟିକମାନେ ଏଥିପ୍ରତି ସଚେତନ ନହେଲେ ଭାରତୀୟ ମୂଳ ସଂସ୍କୃତି ଓ ପରମ୍ପରା ଭୁଷୁଡିପଡିବ ।ସମାଜରେ ଆସୁରିକଶକ୍ତି କାୟା ବିସ୍ତାର କରିବ । ଯାହା ପାଇଁ ପରବର୍ତ୍ତୀ ପିଢୀ ଙ୍କ ନୈତିକତା ରହିବ ନାହିଁ ।ସମାଜ ଧ୍ୱଂସ ମୁଖରେ ପଡିବ ବୋଲି ରବିବାର କବି ଓ କଥାକାର ବ୍ରଜେନ୍ଦ୍ରନାଥ ଗିରି ଙ୍କ ଭଜନ ପୁସ୍ତକ "ଏଇ ଅଳୀ ଶ୍ରୀ ଛାମୁରେ"ଅତିଥିମାନେ ଉନ୍ମୁଚନ କରି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ବାଲିଆପାଳ ବ୍ଲକଛକସ୍ଥିତ ଏସ କେ ଜି ସାରସ୍ୱତ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ କବି ସୁକୁମାର ଦାସ ଅଧକ୍ଷତା କରିଧ୍ୱା ବେଳେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅତିଥି ପରିଚୟ ଓ ଅଧାପକ ସୁକାନ୍ତ ଗିରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରିଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ,ସମ୍ମାନୀତ ଅତିଥି ଭାବରେ କବି ଓ ପାଲା ଗାୟକ ହରିହର ପାଣିଗ୍ରାହୀ, ଅଧାପକ ଦୟାନିଧି ସାହୁ, ଜଗନ୍ନାଥ ପ୍ରଧାନ,ପ୍ରାକ୍ତନ ଅଧକ୍ଷ କମଳାକାନ୍ତ ଚନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟପ୍ରଦାନ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଲଭସ କାଳିପଦ ପଣ୍ଡା ଏଇଅଳି ଶ୍ରୀଛାମୁରେ ପୁସ୍ତକକୁ ଉନ୍ମୁଚନ କରିଥିବା ବେଳେ ଜଗନ୍ନାଥ ପ୍ରଧାନ ବିପିନ ବିଶ୍ୱାଳଙ୍କ ଜ୍ଞାନଯୋଗୀ ରାଧାକୃଷ୍ଣନ ପୁସ୍ତକକୁ ଉନ୍ମଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ସୁରେନ୍ଦ୍ର ପରିଡା, ସ୍ନିଗ୍ଧା ସାମନ୍ତରାୟ, କଲ୍ୟାଣୀ ନନ୍ଦ,ଅଞ୍ଜଳି ଶତପଥୀ, ଡ. କୃଷ୍ଣା କୁମାରୀ ନାୟକ,ସରୋଜ ଦାସ,ମମତା ଦାସ,ସଂଯୁକ୍ତା ବିଶ୍ୱାଳ,ସୁଭଦ୍ରା ମହାନ୍ତି,ଗିରିଶ ଚନ୍ଦ୍ର ଜେନା, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ରମାନାଥ କର,ସେକ ନିମାଜୀ,ସହଯୋଗୀ ବିଜୟ, ବୀରମାଧବ ଦାସ ସମେତ ବହୁ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଯୋଗଦେଇଥିଲେ । ଡ. ରଶ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାଁ ସାଥି ମେଟ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




ବାରିପଦା,୦୫/୦୯ (ନି.ପ୍ର): ଆଜି ଗାଁସାଥି ମେଟ ସଂଘ ପକ୍ଷରୁ ମୟୂରଭଂଜ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିଭିନ୍ନ ଦାବୀରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିବାର ଜଣା ଯାଇଛି । ସେମାନଙ୍କର ଦାବୀ ମୁରାବକ ମନରେଗାରେ ଗତ ୩ ବର୍ଷ ଧରି କାର୍ଯ୍ୟରତ ଆମ ଗାଁ ସାଥୀ (ମେଟ) ମାନଙ୍କ ପାଇଁ କ୍ଷତିକାରକ ହୋଇଥିବା ୩ଟି ସରକାରୀ ଚିଠିକୁ ତୁରନ୍ତ ପ୍ରତ୍ୟାହାର କରାଯିବା, ପଞ୍ଚାୟତିରାଜ ବିଭାଗର ଚିଠି ନଂ ୯୪୦ ତା ୧୧.୦୧.୨୦୧୯ ଅନୁସାରେ ଉଚିତ ପ୍ରାପ୍ୟ ସହିତ ମାସକୁ ସର୍ବନିମ୍ନ ୧୦ ଦିନର ଗ୍ୟାରେଣ୍ଟି କାର୍ଯ୍ୟ ଯୋଗାଣ ସହିତ ଉଚିତ ପ୍ରାପ୍ୟ ପ୍ରଦାନର ସଠିକ ବ୍ୟବସ୍ଥା କରାଯିବା, ମହାମାରୀ ସମୟରେ ରାଜ୍ୟର ସମସ୍ତ ନ୍ୟାୟ ଆଶାୟୀ ଗାଁ ସାଥୀ (ମେଟ୍?)ଙ୍କୁ ୨୦,୦୦୦ ଟଙ୍କା କୋଭିଡ ସହାୟତା ରାଶି ପ୍ରଦାନ କରାଯିବା, ରାଜ୍ୟର ସମସ୍ତ ଜବ କାର୍ଡଧାରୀ ପରିବାରଙ୍କୁ କୋରନାର ଏହି ବିପଦ ସମୟରେ ବର୍ଷକୁ ୧୦୦ ଦିନ ପରିବର୍ତ୍ତେ ୨୦୦ ଦିନର କର୍ମ ଯୋଗାଣ ଓ ଦୈନିକ ମଜୁରୀ ୨୧୫ ଟଙ୍କା ପରିବର୍ତ୍ତେ ୩୦୦ ଟଙ୍କା ପ୍ରଦାନ କରିବା ପାଇଁ ସରକାରୀ ବ୍ୟବସ୍ଥା କରାଯିବା ଆଦି ଦାବୀ କରାଯାଇଥିବାର ଜଣା ଯାଇଛି ।

## ଜାତୀୟ ଓବିସି କମିଶନସଦସ୍ୟଙ୍କୁ କୁମ୍ଭକାର ନିଯୋଗର ସ୍ମାରକପତ୍ର

ପୁରୀ,୦୫/୦୯ (ନି.ପ୍ର): ପୁରୀ ଗ୍ରସ୍ତରରେ ଆସିଥିବା ଜାତୀୟ ଓବିସି କମିଶନ ସଦସ୍ୟ କୌଶଲେନ୍ଦ୍ର ସିଂହ ପଟେଲଙ୍କୁ ଶ୍ରୀମନ୍ଦିର କୁମ୍ଭକାର ନିଯୋଗ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ନିଯୋଗର ସମ୍ପାଦକ ମହେନ୍ଦ୍ର ବିଶୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ କମିଶନ ସଦସ୍ୟଙ୍କୁ ସାକ୍ଷାତକରି ସ୍ମାରକପତ୍ର ପ୍ରଦାନ କରିବା ସହିତ ଶ୍ରୀଜଗନ୍ନାଥମନ୍ଦିର ସହିତ ସମ୍ପୃକ୍ତ କୁମ୍ଭକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ନିଯୋଗ ପକ୍ଷରୁ ପଛୁଆବର୍ଗ ମେଧାବୀ ଛାତ୍ର ଛାତ୍ରୀଙ୍କ ଲାଗି ବିଭିନ୍ନ ବୈଷୟିକ ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ,ସାମାଜିକ ଓ ଆର୍ଥିକ ଅନଗ୍ରସର ଜାତିବର୍ଗଙ୍କୁ ମଣ୍ଡଳ କମିଶନ ସୁପାରିଶ ଭିତିରେ ସଂରକ୍ଷଣ ବ୍ୟବସ୍ଥାରସୁଦୃଢୀକରଣ, କୁମ୍ଭକାରଙ୍କ ଶଳାଘରକୁ ରିଲିଫ୍ କୋର୍ଡ଼ ଅର୍ନ୍ତଭୁକ୍ତ କରିବା ଓ ଶିଳ୍ପାଞ୍ଚଳ ଭଳି ସହର ଉପକଣ୍ଠ ଖୋଲାଯାଗାରେ ହାଣ୍ଡି ପୋଡ଼ିବା ଲାଗି ୱାର୍କସପ୍ ନିର୍ମାଣ ଆଦି ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । କମିଶନ ସଦସ୍ୟଙ୍କୁ ଜିଲା ବିଜେପି ଓବିସି ସେଲର ଅଧ୍ୟକ୍ଷ ଦେବ ପ୍ରସାଦ ସ୍ୱାଇଁ, ଉମାକାନ୍ତ ନାୟକ ଓ ହେମନ୍ତ ମହାନ୍ତି ପ୍ରମୁଖ କମିଶନ ସଦସ୍ୟଙ୍କୁ ସାକ୍ଷାତ କର ପଛୁଆ ବର୍ଗଙ୍କ ବିଭିନ୍ନ ସମସ୍ୟା ଏବଂ ସହରକ୍ଷଣର ବାସ୍ତବ ସ୍ଥିତ ସମ୍ପର୍କରେ ଆଲୋଚନା କରିଥିଲେ ।

# ଭଦ୍ରକ ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଭଦ୍ରକ,୦୫/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି ସୁବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଜାତୀୟ ସଂଗୀତ ଗାନ କରାଯିବା ପରେ ଦିବଂଗତ ନେତା ତଥା ଭଦ୍ରକର କଂଗ୍ରେସର ପୂର୍ବତ ଲୋକସଭା ସଦସ୍ୟ ପ୍ରାର୍ଥୀ ସଂଗ୍ରାମ ଜେନାଙ୍କ ବିୟୋଗ ଜନିତ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଜିଲ୍ଲାର ସାଂଗଠିନକ ସ୍ଥିତିର ଆଲୋଚନା କରାଯାଇଥିଲା । ପରେ ଜିଲ୍ଲାରେ ରହିଥିବା ବିଭିନ୍ନ ସମସ୍ୟା ଯେପରିକି ସ୍ୱାସ୍ଥ୍ୟସେବା, କୃଷି ଓ କୃଷକଙ୍କ ସମସ୍ୟା, ମରୁଡି, ସାରର କଳାବଜାରୀ, ଅଭାବୀ ଧାନ ବିକ୍ରି, ବେରୋଜଗାର ସମସ୍ୟା, ଦୁର୍ନୀତି, ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱିଦ୍ୟାଳୟର ମାନ୍ୟତା, ଜିଲ୍ଲାରେ ଚାଲିଥିବା ଡ୍ରଗ୍ସ କାରବାରକୁ ବନ୍ଦ କରିବ. ପେଟ୍ରୋଲ ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହି ସବୁ ସମସ୍ୟାକୁ ନେଇ ଦଳ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଶ୍ରୀ ଦାସ କହିଥିଲେ । ପରେ ଜିଲ୍ଲା ଓ ବ୍ଲକ ସ୍ତରରେ ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ନୂତନ କର୍ମକର୍ତ୍ତା ଜିଲ୍ଲା ଉପସଭାପତି ଭାବେ ଦିଲିପ ନାୟକ, ଉମେଶ ସାହୁ, ବୈଲୋଚନ ପଣ୍ଡା, ନିଶିକାନ୍ତ ନାୟକ, ଚନ୍ଦ୍ରକାନ୍ତ ମହାପାତ୍ର, ଆଦିତ୍ୟ ଗିରି, ସାଧାରଣ ସମ୍ପାଦକ ଭାବେ ରମଣୀ ରଂଜନ ଦାସ, ଆନନ୍ଦ ଓଝା, ଅଜୟ କୁମାର ଦାସ, ନିରଞ୍ଜନ ପଲେଇ, ପୀତବାସ ଧଳ, ଆଶିଷ ରାଉତ, ଅଜୟ ସାହୁ, ସ୍ମୃତିରଂଜନ ସ୍ୱାଇଁ, ରେଣୁବାଳା ସାମଲ, ଅକ୍ଷୟ ତ୍ରିପାଠୀ, ଲକ୍ଷ୍ମୀଧର ସାହୁ, ସେକ୍ ସମ୍‌ଦାନୀ, ବିଷ୍ଣୁ ମୋହନ ସାହୁ, ସମ୍ପାଦକ ଭାବେ କ୍ରିଷ୍ଣା ମହାନ୍ତି, ବିଜୟ ବାରିକ, ସତ୍ୟ ପୁହାଣ, ମାଳତୀ ବେହେରା, ପ୍ରଭାତ ପଣ୍ଡା, ଜ୍ୟୋସ୍ନାମଣି ପୁହାଣ, ଛାୟାକାନ୍ତ ନନ୍ଦ, ରବିନ୍ଦ୍ର ରାୟ, ରମେଶ ବେହେରା, ଦେବେନ୍ଦ୍ର ମହାନ୍ତି, ସସ୍ମିତା ପାତ୍ର, ସେକ ଅବଦୁଲ ସଲାମ, ରାଜକିଶୋର ପଣ୍ଡା, ସତ୍ୟବାନ ଦାସ, ହରିହର ସାହୁ, ପ୍ରକାଶ ଜେନା, କୋଷାଧକ୍ଷ ଭାବେ ରଜତ ପଣ୍ଡା, ମୁଖପାତ୍ର ଭାବେ ଭବେନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି । ଏହାଛଡା ଶୃଙ୍ଖଳା କମିଟିରେ ପୀତାମ୍ବର ନାୟକ, ଅମୂଲ୍ୟ ବେହୁରିଆ, ସେକ୍ ଜୁଲଫୁକାର ଅଲି, ଅନନ୍ତ ଚରଣ ଦାସ, ନିରଞ୍ଜନ ମଲ୍ଲିକ ମନୋନୀତ ହୋଇଛନ୍ତି । ଏହି ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା, ଜିଲ୍ଲା ପ୍ରଭାରୀ ଆକ୍‌ବର ଅଲି, ଭଦ୍ରକ ସଂସଦୀୟ କ୍ଷେତ୍ର ନେତା ମଧୁମିତା ସେଠୀ, ଭଦ୍ରକ ବିଧାନସଭା ନେତା ନଳିନୀ ମହାନ୍ତି, ବାସୁଦେବପୁର ନେତା ଅଶୋକ ଦାସ, ଚାନ୍ଦବାଲି ନେତା ଦିଗମ୍ବର ଦାସ, ମହିଳା କଂଗ୍ରେ ଜିଲ୍ଲା ସଭାନେତ୍ରୀ ସବିତା ଚାନ୍ଦ, ସୁଲୋଚନା ନାୟକ ଓ ସମସ୍ତ ସାମ୍ମୁଖ୍ୟର ମୁଖ୍ୟ ମାନେ ଉପସ୍ଥିତ ଥିଲେ ।

# ଇନଟାକ୍ ବାଲେଶ୍ୱର ଚାପ୍ଟରର ଦ୍ୱାଦଶ ପ୍ରତିଷ୍ଠା ଦିବସ

ବାଲେଶ୍ୱର,୦୫/୦୯ (ନି.ପ୍ର): ଇନଟାକ, ବାଲେଶ୍ୱର ଚାପ୍ଟରର ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଦିବସ ସ୍ଥାନୀୟ ଉଦ୍ୟୋଗଭବନ ପରିସରରେ ଗୁରୁବାର ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଚାପ୍ଟରର ଦିବଂଗତ ଆବାହକ ହିମାଂଶୁ ଦାସଙ୍କ ସମେତ ପରଲୋକଗତ ଅନ୍ୟ ଦୁଇଜଣ ବରିଷ୍ଠ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଆବାହକ ଉଦୟ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ସଂଗ୍ରାମ କୁମାର ଦାସବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବିଶ୍ୱସ୍ତରୀୟ ଐତିହ୍ୟ ସୁରକ୍ଷାରେ ଇନଟାକର ଭୂମିକାକୁ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଇନଟାକ ସହଭାଗିତାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ନେଇ ସେ ଆଶାବ୍ୟକ୍ତ କରିଥିଲେ । ଏମିତିକି ଆଜୀବନ ସଭ୍ୟପଦ ଗ୍ରହଣ କରିବେ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ସୂଚନା ଦେଇଥିଲେ । ଇନଟାକ ଭୁବନେଶ୍ୱର ଚାପଟାରର ଆଜୀବନ ସଦସ୍ୟ ତଥା ଗବେଷକ ଅନୀଲ ଧୀର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଲେଶ୍ୱର ଚାପଟାରର ପ୍ରଶଂସନୀୟ କାର୍ଯ୍ୟଧାରା ଓ ଓଡ଼ିଶାରେ ଐତିହ୍ୟ ସୁରକ୍ଷାରେ ସରକାରୀ ଉଦାସୀନତା ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ସହ ଆବାହକ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଏବଂ ଶ୍ରୀମତୀ ଗୀତାଞ୍ଜଳି ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁଦିବସ ଉପଲକ୍ଷେ ବାରବାଟୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ପଣ୍ଡା ଏବଂ ରସାଳପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା । ସତ୍ୟନାରାୟଣ ନନ୍ଦ ଏବଂ ଅଖିଳ କୁମାର ଦାସ ମାନପତ୍ର ପାଠ କରିଥିଲେ । ଇନଟାକ ଦ୍ୱାରା ପରିଚାଳିତ ସର୍ବଭାରତୀୟ ସ୍ତରର ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅଲିଭା ଦାସ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ଚାପଟାରର ମୁଖପତ୍ର 'ପରମ୍ପରା' ଉନ୍ମୋଚିତ ହୋଇଥିଲା । ଚାପଟରର ଅତିରିକ୍ତ ସହ-ଆବାହକ ନିକୁଞ୍ଜ ବିହାରୀ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସଂପାଦକ ଡ. ହରିଶ ଚନ୍ଦ୍ର ବେହେରା, ସହ-ସମ୍ପାଦକ ବିଶ୍ୱନାଥ ରଣାଙ୍କ ସମେତ ସଭ୍ୟ ଯଶୋଦା ନନ୍ଦନ ଆଶ, ମାତୃଦତ୍ତ ଦାସ, ଭାବଗ୍ରାହୀ ମହାନ୍ତି, ଶୀତିକଣ୍ଠ ଦିକ୍ଷୀତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# 'ଟାଟା ପାୱାର'ର ଖାମଖିଆଲି କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ

## ଆନ୍ଦୋଳନକୁ ଓହ୍ଲାଇବ ନର୍ଥ ଓଡ଼ିଶା ବିଦ୍ୟୁତ ଗ୍ରାହକ ସଂଘ

ବାଲେଶ୍ୱର,୦୫/୦୯ (ନି.ପ୍ର): ଉତ୍ତର ଓଡିଶାରେ ବିଦ୍ୟୁତ ବିତରଣରେ ଅନିୟମିତା ତଥା ଆର୍ଥିକ ଶୋଷଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି 'ନର୍ଥ ଓଡ଼ିଶା ବିଦ୍ୟୁତ ଗ୍ରାହକ ସଂଘ' ।ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତା ଗିରିଜା ଶଙ୍କର ଦାସ, ବିକ୍ରମ ପଣ୍ଡା, ବିଜୟ ପାଣିଗ୍ରାହୀ, ଭୁବନ ମୋହନ ଦାସ, ଆଶିଷ ଘୋଷ, ସଦାନନ୍ଦ ମହାନ୍ତି, ସୁଖମୟ ଦାସ, ଶ୍ରଦ୍ଧାଞ୍ଜଳି ରାୟ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସ୍ଥିତିରେ ବିଦ୍ୟୁତ୍ ଗ୍ରାହକମାନେ ସମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା ସୂଚନା ଦେଇଥିଲେ । ଟାଟା ପାୱାର ବିଦ୍ୟୁତ ବିତରଣ ଦାୟିତ୍ୱ ନେବାଠାରୁ ଉପଭୋକ୍ତାଙ୍କ ଉପରେ ଅପ୍ରତ୍ୟାଶିତ ଆର୍ଥିକ ବୋଝ ଲଦି ଦିଆଯାଉଥିବା ସେମାନେ କହିଥିଲେ । ଜାଣିଶୁଣି ବିଦ୍ୟୁତ ବିଲ ପ୍ରଦାନରେ ବିଳମ୍ବ କରାଯିବା ଯୋଗୁଁ ହେଉଥିବାରୁ ଉପଭୋକ୍ତାଙ୍କୁ ଉଚ୍ଚ ସ୍ଲାବରେ ଅଧିକ ବିଜୁଳି କର ଦେବାକୁ ପଡୁଛି । ଅନ୍ୟପକ୍ଷରେ ଅଘୋଷିତ ବିଦ୍ୟୁତ କାଟ ସାଙ୍ଗକୁ ଟାଟା ପାୱାର ପକ୍ଷରୁପୁଣି ନୂଆ ମିଟର ବସାଇବାକୁ ଚାଲିଥିବା ଉଦ୍ୟମକୁ ସଂଘ ପକ୍ଷରୁ ସମାଲୋଚନା କରାଯାଇଛି । ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ବିଦ୍ୟୁତ ଦର ଅଧିକ ହୋଇଥିବାରୁ ଏହାର ପୁନଃର୍ବିଚାର ପାଇଁ ଦାବି କରାଯାଇଛି । ସମଗ୍ର ବାଲେଶ୍ୱର ଜିଲାରେ ଇଲେକଟ୍ରିକ ସବଷ୍ଟେସନଗୁଡିକ ବିପର୍ଯ୍ୟସ୍ତ ଓ ବିପଦ ସଙ୍କୁଳ ଅବସ୍ଥା ରହିବା, ବହୁଦିନର ପୁରୁଣା ତାର ଓହଳି ପଡ଼ିବା ଯୋଗୁଁ ସହର ସମେତ ଗ୍ରାମାଞ୍ଚଳର ଲୋକେ ପ୍ରତିଟି ସମୟରେ ଅସୁରକ୍ଷିତ ମଣୁଛନ୍ତି । ଏଲଟି ତାରଗୁଡିକ ତଳକୁ ଓହଳି ରହିଥିବାରୁ ଯେ କୌଣସି ମୁହୂର୍ତରେ ଦୁର୍ଘଟଣା ହେବାର ଆଶଙ୍କା ଦେଖାଯାଇଛି । ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟା ସମାଧାନ ଦିଗରେ ଟାଟା ପାୱାର ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ ନ କଲେ ଉପଭୋକ୍ତା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଗଠନର କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

# ଗୋଟିଏ ଦିନରେ ୮୨୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୫/୦୯ (ନି.ପ୍ର): ରାଜ୍ୟରେଗୋଟିଏ ଦିନରେ ୮୨୬ ଜଣ ନୂଆକରୋନା ଆକ୍ରାନ୍ତ ଚିହ୍ନଟହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୧୫୫୮ କୁ ବୃଦ୍ଧି ପାଇଛି ।ସେହିପରି ୧୮ ବର୍ଷରୁକମ ୧୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟକରିସୂଚନା ଦିଆ ଯାଇଛି । ରାଜ୍ୟରେବର୍ତମାନ ସୁଦ୍ଧା ୯୯୬୩୦୦ ରୋଗୀ ସୁସ୍ଥହୋଇ ସାରିଥିବା ବେଳେ ସକ୍ରିୟ ୭୧୫୮ ରହିଛି । ଆଜିଚିହ୍ନଟହୋଇଥିବା ୮୨୬ ଜଣଙ୍କ ମଧ୍ୟରୁ ୪୬୭ ଜଣ ସଂଗରୋଧରୁ ହୋଇଥିବାବେଳେ ୩୩୮ ଜଣ ସ୍ଥାନୀୟଲୋକ ବୋଲିସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେଏହି ବାବଦରେ କଂଟାକ୍ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣକରା ଯାଉଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରକାଶକରା ଯାଇଛି । ଆଜିଚିହ୍ନଟହୋଇଥିବାକୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟିଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଦିଆ ଯାଇଥିବାସୂଚନା ଅନୁସାରେ ଖୋର୍ଦ୍ଧା ରୁସବୁଠାରୁ ଅଧିକ ୩୪୬ ଜଣ କରୋନାସଂକ୍ରମିତ ହୋଇଥିବା ଜଣାପଡିଛି । ଗତ ୨୪ ଘଂଟାମ୍ଭରେ ଅନୁଗୁଳଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ବାଲେଶ୍ୱରରୁ ୩୦ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୧୪ ଜଣ ସଂକ୍ରମିତ ଚିହ୍ନଟହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ଜଣେହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୯୮, ଦେବଗଡଜିଲ୍ଲାରୁ ୫ ଜଣ, ଢେଙ୍କାନାଳଜିଲ୍ଲାରୁ ୧୧ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୬ ଜଣ ସଂକ୍ରମିତଚିହ୍ନଟହୋଇଛନ୍ତି । ଜଗତସିଂହପୁରଜିଲ୍ଲାରୁ ୧୭ ଜଣ, ଯାଜପୁରରୁ ୧୯ ଜଣ, ଝାରସୁଗୁଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟହୋଇଛନ୍ତି । କଳାହାଣ୍ଡି , କନ୍ଧମାଳ ଜିଲ୍ଲାରୁ ଜଣେ ହେଲେସଂକ୍ରମିତ ଚିହ୍ନଟହୋଇ ନାହାନ୍ତି ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ 'ପ୍ରେରଣା ଦିବସ'

ବାଲେଶ୍ୱର,୦୫/୦୯ (ନି.ପ୍ର): ବାଲେଶ୍ୱରରେ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗତ ୨୦୦୫ ମସିହାରୁ ହୋଇଥିବା ଗଣତାନ୍ତ୍ରିକ ଆନ୍ଦୋଳନର ସ୍ମୃତିକୁ ଉଜ୍ଜୀବିତ ରଖିବାକୁ 'ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ 'ପ୍ରେରଣା ଦିବସ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିସରରେ ଥିବା ପ୍ରଶିକ୍ଷଣ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟି ସଭାପତି ମମତା ମହାପାତ୍ର ପୌରୋହିତ୍ୟ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଗତ ୨୦୧୨ ମସିହାରେ ଦୁର୍ଘଟଣାରେ ଆହତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।




ବାଲେଶ୍ୱର ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଦୀର୍ଘ ସଂଗ୍ରାମର ଫଳ ସ୍ୱରୂପ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଓ ଉନ୍ନତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିଛି ବୋଲି କହିଥିଲେ । ତେବେ ସମୂହ ସ୍ୱାର୍ଥରକ୍ଷା ପାଇଁ ଡାକ୍ତରଖାନାରେ ହୃଦରୋଗ ଓ ସ୍ନାୟୁ ରୋଗ ବିଭାଗର ବିଶେଷଜ୍ଞ ନିଯୁକ୍ତି ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ ଏନେଇ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଥିବା ଅତିଥିମାନେ ସୂଚନା ଦେଇଥିଲେ । କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ୨୦୧୨ ମସିହା ଦୁର୍ଘଟଣାର ସ୍ମୃତିଚାରଣ କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ଚଳିତବର୍ଷ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ସଂପର୍କରେ କଥା ରଖିଥିଲେ । ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଏଥିରେ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଇଂ. ଡଃ ହୃଷିକେଶ ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ପୁରୁଷୋତ୍ତମ ବେହେରା, ବନ୍ଦନା ବିଶ୍ୱାସ, ଅଞ୍ଜନା ସେନ୍ ଓ କ୍ରିଷ୍ଣା ସାହା ପ୍ରମୁଖ ସହଯୋଗ କରିଥିଲେ । ବରିଷ୍ଠ ସଦସ୍ୟ ଶମ୍ଭୁନାଥ ମହାନ୍ତି, ପ୍ରଫେସର ଅନନ୍ତ ପ୍ରଧାନ, ଭଗବାନ ରାଉତ, ପ୍ରଭାକର ସାହୁ, କାଞ୍ଚନବାଳା ପାତ୍ର, ନିରଞ୍ଜନ ରାଉତ, କୁମୁଦ ଗିରି, ପଦ୍ମଲୋଚନ ଦତ୍ତ, ଉପେନ୍ଦ୍ର ନାଥ ପାତ୍ର, ବନମାଳି ନାୟକ, ରମେଶ ଚନ୍ଦ୍ର ଜେନା, ସୁମତି ମହାପାତ୍ର, ଶ୍ରଦ୍ଧାଞ୍ଜଳୀ ରାୟ ଓ ଜଗତାନନ୍ଦ ବିଶ୍ୱାଳ ପ୍ରମୁଖ ଶତାଧିକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଶିକ୍ଷାବିତ୍ ଭଜହରି ମହାପାତ୍ରଙ୍କ ବିୟୋଗରେ ଶୋକ

କୋରେଇ,୦୫/୦୯ (ନି.ପ୍ର): ଯାଜପୁର ଜିଲ୍ଲାର ପ୍ରଖ୍ୟାତ ଶିକ୍ଷାବିତ୍ ପୂର୍ବତନ ପ୍ରଧାନଶିକ୍ଷକ ଆନ୍ଦୋଳନର ଉତ୍ସର୍ଗିକୃତ ନେତୃତ୍ୱ ଖଟିଖିଆ ମେହନତୀ ଜନତାର କ୍ରାନ୍ତିକାରୀ ନେତୃତ୍ୱ, ଓଷ୍ଟାର ପୂର୍ବତନ କାର୍ଯ୍ୟକାରୀ କମିଟି ସଭ୍ୟ ଭଜହରି ମହାପାତ୍ରଙ୍କ ବିୟୋଗରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ମହାପାତ୍ରଙ୍କ ବିୟୋଗରେ ଶିକ୍ଷାକ୍ଷେତ୍ର ତଥା ମେହନତୀ ଜନତାଙ୍କ ଆନ୍ଦୋଳନ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିବ । ତାଙ୍କ ଭଳି ଜଣେ ଜଣେ ସ୍ନେହି ମଣିଷର ଅଭାବ ଅନେକ ଦିନ ପର୍ଯ୍ୟନ୍ତ ରହିବ । ତାଙ୍କର ବିୟୋଗରେ ତାଙ୍କ ପରିବାର ବର୍ଗଙ୍କ ପ୍ରତି ଶ୍ରୀ ରାୟ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

# ଗୁରୁଦିବସରେ ଗୁରୁଙ୍କ ପ୍ରାଣ ଗଲା ମଟରସାଇକେଲ ଧକ୍କାରେ

ବସ୍ତା,୦୫/୦୯ (ନି.ପ୍ର):ଗୁରୁ ଦିବସରେ,ସଡକ ଦୁର୍ଘଟଣା ରେ ଚାଲିଗଲା ଗୁରୁଙ୍କ ଜୀବନ। ଏମିତି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥ ଭୋଲୋରା ଛକ ନିକଟରେ। ବସ୍ତା ଥାନା ବେଣାପୁରା ଗ୍ରାମର ଭବାନୀ ମହାପାତ୍ର ବସ୍ତା ବ୍ଲକ ବାଗଲଡିହା ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକକତା କରନ୍ତି,ଆଜି ଗୁରୁ ଦିବସ ଥିବାରୁ ସକାଳେ ସ୍କୁଲ ଯାଇଥିଲେ,ସ୍କୁଲର କାର୍ଯ୍ୟକ୍ରମ ସାରି ଘରକୁ ଫେରୁଥିଲେ,ହେଲେ କିଏ ଜାଣିଥିଲା ଏହି ପବିତ୍ର ଦିବସରେ ତାଙ୍କ ଜୀବନଚାଲିଯିବ



ଫେରିବା ବାଟରେ ଭେଲୋରା ନିକଟରେ ଅପର ପଟରୁ ଆସୁଥିବା ଏକ ବାଇକ ସହିତ ତାଙ୍କର ମୁହାଁ ମୁହିଁ ଧକ୍କା ହୋଇଥିଲା, ସ୍ଥାନୀୟ ଲୋକେ ରାଜପଥ ଆମ୍ବୁଲାନ୍ସ ସାହାଯ୍ୟରେ ଡାକ୍ତରଖାନା ନେଉଥିବା ବେଳେ ଅଧାବାଟରେ ମୃତ୍ୟୁ ବରଣ କରିଥିଲେ, ଶିକ୍ଷକ ଭବାନୀ ମହାପାତ୍ର । ତାଙ୍କ ମୃତ୍ୟୁ ରେ ସ୍ଥାନୀୟ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ତେବେ ଗତ କାଲି ମଧ ଏହି ଛକ ନିକଟରେ କାର ବାଇକ୍ ମୁହାଁମୁହିଁ ଧକ୍କା ରେ ଜଣେ ଯୁବକ ଙ୍କ ଗୁରୁତର ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଙ୍କ ଠାରୁ ପ୍ରକାଶ ଏଜାବଦ ତେଆଳିସ ଜୀବନ ଗଲାଣି ଆହତ ଏକାଦିକ କେତେବାର ଧର୍ମ ଘଟ ନେତାଠାରୁ ପ୍ରଶାସନ ଅଧିକାରୀଙ୍କୁ ଅବଗତ କରି ଥିବା ବେଳେ କିଛି ଲାଭ ମିଳୁନି ।

# ପୋଡା ଅସ୍ତିଆ ଛକରେ ୩ମାସ ହେଲାଣି ଜଳୁନି ଷ୍ଟ୍ରିଟ ଲାଇଟ

## ଶ୍ୟାମାଖୁଣ୍ଟା ବ୍ଲକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା,୦୫/୦୯ (ନି.ପ୍ର): ବାରିପଦା ସହରକୁ ଉଦଳାପଟୁ ପ୍ରବେଶ ପଥରେ ରହିଥିବା ପୋଡା ଅସ୍ତିଆ ବିର୍ସାମୁଣ୍ଡା ଛକରେ ଦୀର୍ଘ ୩ମାସ ହେଲାଣି ଲାଗିଥିବା ଷ୍ଟ୍ରିଟଲାଇଟ ଜଳୁନି । ଏହି ଛକରେ ପ୍ରତିଦିନ ସଂଧ୍ୟାରେ ମାର୍କେଟ ବସିବା ସହିତ ପ୍ରତିଦିନ ହଜାର ହଜାର ଲୋକ ସଂଧ୍ୟାରେ ଏହି ରାସ୍ତା ଦେଇ ଘରକୁ ଫେରୁଥିବାର ଦେଖା ଯାଇଥାଏ । ଉଦଳା କପ୍ତିପଦାକୁ ଏହା ବାରିପଦାର ଏକମାତ୍ର ରାସ୍ତା ହୋଇଥିବାରୁ ବହୁ ବସ ମଟର ମଧ ଯାତାୟତ କରିଥାଏ । ଏଠାରେ ଦୀର୍ଘଦିନ ଧରି ଷ୍ଟ୍ରିଟଲାଇଟ ଜଳୁନଥିବାରୁ ସଂଧ୍ୟାହେଲେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବା ସହିତ ଛୋଟବଡ ଦୁର୍ଘଟଣା ମଧ ଘଟୁଛି । ଏହା ବାରିପଦାରୁ ଲୁଲୁଂ ଶିମିଳିପାଳ ଯିବାର ମୁଖ୍ୟ ରାସ୍ତା ହୋଇ ଥିବାରୁ ପର୍ଯ୍ୟଟକ ମାନେ ମଧ ସଂଧ୍ୟା ସମୟରେ ଫେରିବା ବେଳକୁ ହଇରାଣ ହୁଅନ୍ତି । ତେବେ ଏହି ଅଂଚଳ ଶ୍ୟାମାଖୁଣ୍ଟା ବ୍ଲକ ଅଧିନରେ ଆସୁଥିବାରୁ ବାରମ୍ବାର ଅଭିଯୋଗ ସତ୍ୱେ ଲାଇଟ ମରାମତି ହେଉ ନଥିବାରୁ ସ୍ଥାନୀୟ ଲୋକେ ପ୍ରତିକ୍ରିୟାଶୀଳ ହେଉଥିବାର ଦେଖା ଯାଇଛି । ତେବେ ତୁରନ୍ତ ନୂଆ ଲାଇଟ ଲଗାଇବା ନିମନ୍ତେ ଆଜି ପୋଡା ଅସ୍ତିଆର ଜନସାଧାରଣ ଏବଂ ଅଟୋ ଚାଳକ ସଂଘ ପକ୍ଷରୁ ଆଜି ଶ୍ୟାମାଖୁଂଟା ବ୍ଲକ ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ ପ୍ରଦାନ କରିବା ସହିତ ଯଦି ତୁରନ୍ତ ଷ୍ଟ୍ରିଟ ଲାଇଟ ମରାମତି ନହୁଏ ତେବେ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି । ଆଜିର ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅଟୋଚାଳକ ସଂଘର ସଭାପତି ରବି ସିଂ, ସଦଶ୍ୟ ମୁନା ସିଂ, ବୁଲା ସିଂ, ଭୁଟା ସିଂ, ବିରୁସିଂ, ପାନ ସିଂ, ଅଭି ପ୍ରଦାର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଶ୍ରୀରାମ ହସପିଟାଲ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ବାଲେଶ୍ୱର,୦୫/୦୯ (ନି.ପ୍ର): ଶ୍ରୀରାମ ହସପିଟାଲ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସହରର ଅରଡ଼ବଜାରସ୍ଥିତ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଜୟ ସିଂହ, ଶ୍ରୀରାମ ହସପିଟାଲ ଚକ୍ଷୁ ବିଭାଗ ମ୍ୟାନେଜର ବିନୋଦ କୁମାର ନାୟକ, ଫାର୍ମାସିଷ୍ଟ କୌଶଲ୍ୟା ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଆଖି ପରୀକ୍ଷା ସହ ଔଷଧ ପ୍ରଦାନ କରିଥିଲେ । ଅରଡବଜାର ଓ ତାର ଆଖପାଖ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଏହି ଶିବିରରେ ଚକ୍ଷୁ ପରୀକ୍ଷା କରାଇଥିଲେ । ତେବେ ଚିହ୍ନଟ ହୋଇଥିବା ୧୦ଜଣ ମୋତିଆବିନ୍ଦୁ ବ୍ୟକ୍ତିଙ୍କୁ ମାଗଣା ଅସ୍ତ୍ରୋପଚାର ପାଇଁ ଶ୍ରୀରାମ ହସପିଟାଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପୂର୍ବତନ ପୌର ପାରିଷଦ ରଞ୍ଜିତା ମହାପାତ୍ର ଓ ଆଇନଜୀବୀ ସୂର୍ଯ୍ୟକାନ୍ତ କରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ମୁକ୍ତାର ଅହମ୍ମଦ, ଉମାକାନ୍ତ ବେହେରା, ଲତିଫା ବିବି, ପୂର୍ଣ୍ଣିମା ବେହେରା, ସତ୍ୟରଞ୍ଜନ ମହାପାତ୍ର, ଜମାନୁଦ୍ଦିନ ଖାଁ ପ୍ରମୁଖ ପରିଚାଳନା କରିଥିଲେ ।

# କଣ୍ଟେନର ଧକ୍କାରେ ଚାଷୀଙ୍କ ମୃତ୍ୟୁ

ବସ୍ତା,୦୫/୦୯ (ନି.ପ୍ର): ୬୦ ନ ଜାତୀୟ ରାଜପଥ ନଳବାହାର ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତ ଜଣକ ହେଲେ ବସ୍ତା ଥାନା ଦୁଧଂଶା ଗ୍ରାମର ସୃଷ୍ଟିଧର ରାଉତ ଙ୍କ ପୁଅ ମନୋରଞ୍ଜନ ରାଉତ ଓରଫ ବାଙ୍କା (୪୦) । ସୂଚନା ଅନୁସାରେ ଶ୍ରୀ ରାଉତ ପ୍ରତ୍ୟେକ ଦିନ ଜାତୀୟ ରାଜପଥ ପାର ହୋଇ ନିଜ ବିଲକୁ କାମ କରିବା ପାଇଁ ଯାଆନ୍ତି । ଆଜି ମଧ ରାସ୍ତା ପାରେଥିବା ବେଳେ ଜଳେଶ୍ୱର ରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର ଧକ୍କା ଦେଇଥିଲା ଘଟଣାସ୍ଥଳରେ ତାଙ୍କର ମୃତ ହୋଇଯାଇଥିଲା । ଉପସ୍ଥିତ ଲୋକେ ସଙ୍ଗେ ବସ୍ତା ଥାନା କୁ ଖବର ଦେଇଥିଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲ କୁ ପଠାଇ ତଦନ୍ତ ଜାରି ରଖିଛି । କଣ୍ଟେନର ଚାଳକ ଜଣକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ବେଳେ କଣ୍ଟେନର କୁ ଯବତ କରିଛି ପୋଲିସ ।

# ବେସାହାରା ପତ୍ନୀ ଓ ଦୁଇ ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ

ବାଲିଆପାଳ,୦୫/୦୯ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତ ଚଡବସ୍ତ କାଳରୁଇ ଗ୍ରାମର ବିଜୟ ବେହେରା (୩୫)ଙ୍କ ଗତ କିଛି ଦିନ ତଳେ କ୍ୟାନସରରେ ମୃତ୍ୟୁ ହୋଇଯାଇଥିଲା । ପରରିବାରରେ ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ବିଧବା ପତ୍ନୀ ଏବଂ ଦୁଇ ଛୋଟ ପିଲା ଅସହାୟ ହୋଇ ପଡିଥିଲେ । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଆଜି ବାଲେଶ୍ୱର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ୪୯୯ ପକ୍ଷରୁ ଏହାର କର୍ମକର୍ତ୍ତା ତାଙ୍କ ଘରେ ପହଁଚି ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ଦୁଇ ମାସର ରେସନ ସାମଗ୍ରୀ ପ୍ରଦାନ କରିଛନ୍ତି । ସଙ୍ଗଠନ



ପକ୍ଷରୁ ବାବୁଲି ରଣା, ତାପସ ପରିଡା, ତନୁଜ ଜେନା, ସୁଶିଲ ମାହାଳିକ, ଭାଗବତ ବେହେରା, ପ୍ରଶାସନ୍ତ ଜେନା, କାବେରୀ ମହାନ୍ତି, ଲମ୍ବୋଦର ମାହାନା, ବାବାଜି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କର୍କଟ ରୋଗ ପରାମର୍ଶ ଶିବିର

ପୁରୀ,୦୫/୦୯ (ନି.ପ୍ର): ଜିଲ୍ଲା ସଦର ମୁଖ୍ୟଚିକିତ୍ସାଳୟରେ ଏକ କର୍କଟ ରୋଗ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁମ୍ବାଇରୁ ଆସିଥିବା ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡ଼ାକ୍ତର ଦିନେଶ ପେଣ୍ଡାକର କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୩୫ ଜଣରୋଗୀଦେଖି ସେମାନଙ୍କୁ ଚିକିତ୍ସା ପରାମର୍ଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲାମୁଖ୍ୟଚିକିତ୍ସାଧିକାରୀ ଡ଼ାକ୍ତର ସୁଜାତା ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟଅଧିକରୀ ଡ଼ା ବିରଜା ଶଙ୍କର ମିଶ୍ର, ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡ଼ାକ୍ତର ପ୍ରଣବ ଶଙ୍କର ଦାଶ, ଜିଲ୍ଲା କର୍କଟ ରୋଗଚିକିତ୍ସକ ଡ଼ା। ଯଶସ୍ୱୀ କୁମାର ଦାଶ, ମହାମାରୀ ବିଶେଷଜ୍ଞ ଡ଼ା ଲଳିତ ଦାଶ,ଡ଼ିପିଏମ୍‌ଟି ନାରାୟଣ ରାଓ ଓ ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୁଶାନ୍ତ କୁମାର ବିଶ୍ୱାଳ ଶିବିର ପରିଚାଳନା କରିଥିଲେ । ଉଲ୍ଲେଖ ଯୋଗ୍ୟଯେ ପୁରୀଜିଲ୍ଲାର କର୍କଟ ରୋଗ ଚିକିତ୍ସାକେନ୍ଦ୍ରରେ ମାସିକ ପ୍ରାୟ ୨୮୦ ଜଣ ରୋଗୀଙ୍କୁ ମାଗଣା କେମୋଥେରାପି ଦିଆଯାଉଛି ।

# କରୋନାରୁ ସୁସ୍ଥ ହେଲେ ଆଉ ୭୬୩

ଭୁବନେଶ୍ୱର,୦୫/୦୯ (ନି.ପ୍ର): ରାଜ୍ୟରେ ଆଜି କରୋନା ସଂକ୍ରମଣରୁ ୭୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୯୭ ହଜାର ୬୩ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୯୦ ଜଣ ଓ କଟକ ଜିଲ୍ଲାରୁ ୭୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ବାଲେଶ୍ୱରରୁ ୪୭, ପୁରୀରୁ ୩୯, ଯାଜପୁରରୁ ୩୧, କେନ୍ଦ୍ରାପଡ଼ା ଓ ମୟୂରଭଂଜରୁ ୨୭-୨୭, ଜଗତସିଂହପୁରରୁ ୨୨, ଅନୁଗୁଳରୁ ୧୮, ନୟାଗଡ଼ରୁ ୧୭ ଓ ସୁନ୍ଦରଗଡ଼ରୁ ୧୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିଭଳି ସମ୍ବଲପୁରରୁ ୧୫, ବରଗଡ଼ରୁ ୧୩, ଢେଙ୍କାନାଳରୁ ୧୧, ଦେବଗଡ଼ରୁ ୧୦, ଭଦ୍ରକ, ଗଂଜାମରୁ ୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।

# ଉପଖଣ୍ଡ ସ୍ତରରେ ଶ୍ରମିକଙ୍କୁ ଲେବରକାର୍ଡ ଯୋଗାଣ ଦାବି

ବାରିପଦା,୦୫/୦୯ (ନି.ପ୍ର): ଆଜି ସ୍ୱେଚ୍ଛାସେବୀ ସଂଗଠନ ଜାଗ ମୟୂରଭଞ୍ଜ ଜାଗ ତରଫରୁ ଜିଲ୍ଲା ଶ୍ରମ ଆୟୁକ୍ତ ଅଧିକାରିଣୀ ମୋନାଲିସା ନାୟକଙ୍କ ସହିତ ଜିଲ୍ଲାର ପଞ୍ଜୀକୃତ ଶ୍ରମିକ ମାନଙ୍କ ହିତସାଧନ ପାଇଁ ଆଲୋଚନା କରିବା ସହିତ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିବାର ଜଣା ଯାଇଛି । କରନା ମହାମାରୀରୁ କିଛି ମାତ୍ରାରେ ଆସ୍ୱସ୍ତି ମିଳିଥିବା ବେଳେ ଆଗକୁ କିପରି ଏହା ନିୟନ୍ତ୍ରଣରେ ରହିବ ସେଥିପାଇଁ ବିଶେଷ ଧ୍ୟାନ ଦେବା ସହିତ ସପ୍ତାହର ଗୁରୁବାର ଦିନ ଜିଲ୍ଲା ଶ୍ରମ ଆୟୁକ୍ତ କାର୍ଯ୍ୟାଳୟକୁ ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, କପ୍ତିପଦା ଉପଖଣ୍ଡରୁ ହଜାର ହଜାର ସଂଖ୍ୟାରେ ନିର୍ମାଣ ଶ୍ରମିକ କାର୍ଡ଼ ରିନ୍ୟୁଆଲ ପାଇଁ ଆସୁଥିବାର ଦେଖିବାକୁ ମିଳୁଛି ,ରିନ୍ୟୁଆଲ ନହେଲେ ଲୋକେ କୌଣସି ଯୋଜନାରୁ ଲାଭ ପାଇପାରିବେ ନାହିଁ । ସରକାର ନିର୍ମାଣ ଶ୍ରମିକ



ମାନଙ୍କ ପାଇଁ ୧୫୦୦ ଟଙ୍କା ଲେଖାଏଁ କରୋନା ସହାୟତା ଘୋଷଣା କରିଛନ୍ତି ସେଥିପାଇଁ ଲୋକଙ୍କ ନାହିଁ ନଥିବାର ଭିଡ଼ ହେଉଛି । ଏହାକୁ ରୋକିବା ପାଇଁ ଓ ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି କିପରି ଲୋକେ ଚାରିଟି ଉପଖଣ୍ଡରୁ ହଇରାଣ ହରକତ ନହୋଇ ଶ୍ରମୀକ ମାନେ ଉପଖଣ୍ଡ ସ୍ତରରେ ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କ ରିନ୍ୟୁଆଲ, ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କୁ ମିଳୁଥିବା ଅର୍ଥ ରାଶି, ଉପକରଣ ପାଇଁ ଆବେଦନ ତଥା ସମସ୍ତ ପ୍ରକାର ସୁବିଧା ସୁଯୋଗ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି । ଶ୍ରମ ଆୟୁକ୍ତ ମୋନାଲିସା ନାୟକ ଏହି ଦାବୀକୁ ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ କରି ଉପଖଣ୍ଡ ସ୍ତରୀୟ ସମସ୍ତ କାର୍ଯ୍ୟ ଆରମ୍ଭ କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ଜାଗ ମୟୂରଭଞ୍ଜ ଜାଗର ମାର୍ଗଦର୍ଶକ ତଥା ଦିବ୍ୟାଙ୍ଗ ସଙ୍ଘ ସଭାପତି ଅରୁଣ କୁମାର ବେହେରା, ଓ ସଭାନେତ୍ରୀ ସୋନାଲି ପ୍ରିୟଦର୍ଶିନୀ ବେହେରାଙ୍କ ସମେତ ତପସ୍ୱୀନି ରଣା,ଅଙ୍କିତା ମହାକୁଡ଼,ପ୍ରିୟଙ୍କା ବେହେରା, ଚୁମକି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ନାରୀଶକ୍ତି ସେବା ସମିତିର ଆଲୋଚନା ଚକ୍ର

## ଅକ୍ଟୋବର ୯ ଓ ୧୦ ରେ 'ମହକ' ର ୭ମ ବାର୍ଷିକ ମହୋତ୍ସବ

ଭଦ୍ରକ,୦୫/୦୯ (ନି.ପ୍ର): ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଏକମାତ୍ର ଶକ୍ତି ହେଉଛି ନାରୀ ଶକ୍ତି । ତାହା ହିଁ ସମାଜର ଶ୍ରେଷ୍ଠ ଶକ୍ତି । ନାରୀ ଜାଗିଲେ ଦେଶ ଜାଗିବ । ଦେଶ ପ୍ରଗତିରେ ନାରୀମାନଙ୍କର ଭୂମିକା ସ୍ୱତନ୍ତ୍ର ବୋଲି ଆଜି ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପର ନାରୀଶକ୍ତି ସେବା ସମିତି ପକ୍ଷରୁ ଆୟୋଜିତ ଏକ ସଭାରେ ବକ୍ତାମାନେ ନିଜ ନିଜର ମତ ରଖିଥିଲେ । ସେବା ସମିତିର ସଭାପତି ରାଜଲକ୍ଷ୍ମୀ ମହାପାତ୍ର ପୌରୋହିତ୍ୟ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଦୈତ୍ୟାରି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜ ପ୍ରଗତିରେ ନାରୀ ଶକ୍ତିର ଆବଶ୍ୟକତା ସଂପର୍କରେ ବିଶଦ ଆଲୋଚନା କରିଥିଲେ । ଏହି ସଭାରେ



ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରମୋଦ ରାୟ ମୁଖ୍ୟବକ୍ତା, ସାମ୍ବାଦିକ ସତ୍ୟଭୂଷଣ ସ୍ୱାମୀ, ସଂଗଠକ ସନ୍ତୋଷ କୁମାର ଦାସ, ସମାଜସେବୀ ରିଚା ମହାନ୍ତି, ପ୍ରତିମା ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜକୁ ନାରୀ ଶକ୍ତିର ଆବଶ୍ୟକତା ସଂପର୍କରେ ନିଜ ନିଜର ମତ ପ୍ରକାଶ କରିଥିଲେ । ସ୍ୱୟଂ ସହାୟିକା ସେବା ସଂଗଠନର ମା' ଓ ଭଉଣୀ ମାନେ ଯୋଗଦେଇଥିବାବେଳେ ସୁଶ୍ରୀ ଅନିତା ରାୟ ଓ ବ୍ୟୋମକେଶ ରଂଜନ ମହାନ୍ତି ସଭା ପରିଚାଳନା କରିଥିଲେ । ଶେଷରେ ମଇବୁର ସାହା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ବୈଠକର ଅନୁମୋଦନ କ୍ରମେ ଆସନ୍ତା ଅକ୍ଟୋବର ମାସ ୯ ଓ ୧୦ ତାରିଖ ଦୁଇଦିନ ଧରି ପ୍ରତିବର୍ଷ ପରି ଚଳିତବର୍ଷ ନାରୀ ସେବା ସମିତି ଆନୁକୂଲ୍ୟରେ 'ମହକ' ର ସପ୍ତମ ବାର୍ଷିକ ମହୋତ୍ସବ ସ୍ଥାନୀୟ ସହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହେବା ସହିତ ଝୋଟି, ସଂଗୀତ ଓ ଚିତ୍ରାଙ୍କନରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିବା ସହ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯିବ । ଏବଂ ସମଗ୍ର ଓଡ଼ିଶାରେ ଚହଳ ପକାଇଥିବା ନାରୀଶକ୍ତି ସେବା ଅନୁଷ୍ଠାନର ଆକର୍ଷଣୀୟ କାର୍ଯ୍ୟକ୍ରମ ମିସ୍ ମହକ ଓ ମିସେସ୍ ମହକ କାର୍ଯ୍ୟକ୍ରମ ହେବା ସହିତ ସେମାନଙ୍କୁ ବିଶେଷ ଭାବେ ପୁରସ୍କୃତ କରାଯିବାର ସ୍ଥିର କରାଯାଇଛି । ଏହି ଅବସରରେ ନାରୀ ଶକ୍ତି ସେବା ପକ୍ଷରୁ 'ମହକ' ନାମକ ଏକ ଗବେଷଣାଧର୍ମୀ ପୁସ୍ତକ ପ୍ରକାଶ ପାଇବ ବୋଲି ସ୍ଥିର କରାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀ ପଣ୍ଡା, ଭାଗ୍ୟଶ୍ରୀ ପଣ୍ଡା, ସତ୍ୟଭାମା ମିଶ୍ର, ସ୍ୱର୍ଣ୍ଣମୟୀ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ନାରୀ ଶକ୍ତିର ବାର୍ଷିକ ମହୋତ୍ସବକୁ ବିଭିନ୍ନ ଦିଗରୁ ସରସ, ସୁନ୍ଦର ଓ ଆକର୍ଷଣୀୟ କରାଯିବା ପାଇଁ ବିଭିନ୍ନ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ମହୋତ୍ସବ ପରିଚାଳନା ନିମନ୍ତେ ସାଙ୍ଗଠନିକ ଆଲୋଚନା ମଧ କରାଯାଇଥିଲା । ଏହି ମହୋତ୍ସବରେ ରାଜ୍ୟସ୍ତରରେ ବିଭିନ୍ନ ଦିଗରୁ କୃତୀତ୍ୱ ଅର୍ଜନ କରିଥିବା ଜଣକୁ 'ମହକ' ସମ୍ମାନରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo